RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheenews.com



ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

# PRACHEE

ନଭେମ୍ବର ୨୦୨୧

ମୂଲ୍ୟ : ୨୫ ଟଙ୍କା



# ସଂପାଦକୀୟ

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ସପ୍ତମ ବର୍ଷର ଅଷ୍ଟମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଓ 'ପ୍ରାଚୀ'ର କଲମ ଓ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବେତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୂରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vo.- 7,NOVEMBER2021,Issue No.VIII
**RNI No. : ODIODI/2015/64435**
P.R. No. : CK(C)/96/2016-2018



**ସମ୍ପାଦକ :**

**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

ସମ୍ପାଦନା ମଣ୍ଡଳୀ :

ଡ. ନିରୋଦ କୁମାର ମନ୍ତ୍ରୀ

ଡ. ମମତା ଖଣ୍ଡାୟତରାୟ

ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ

ଡ. ନାରାୟଣ ମହାନ୍ତି

ଡ. ଦିପକ କୁମାର ଦାଶ



ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

**Declaration**
**Edited, Published & Owned by :**
**Dr. Bibhudatta Khandayatray**



**Niladri Vihar, Cuttack - 4**
**E-mail :**
**pracheepatrika@rediffmail.com**


## ଏଇ ସଂଖ୍ୟାରେ...

**ପ୍ରବନ୍ଧ ବିଭାଗ**


| | | |
|---|---|---|
| **କବି ନିତ୍ୟାନନ୍ଦ ନାୟକଙ୍କ 'ସେତେବେଳକୁ ନଥିବି' କବିତା ଗ୍ରନ୍ଥର ବିଭିନ୍ନ ଦିଗ** | - ବିକେଶ ସାହୁ | ୦୭ |
| **ହେ ବୀର ଜବାନ** | - ଗୋବିନ୍ଦ ବେହେରା | ୧୧ |
| **ଉତ୍କଳୀୟ ସଂସ୍କୃତିରେ ନୌବାଣିଜ୍ୟ** | - ଶ୍ରୀ କୁଞ୍ଜବିହାରୀ ସାହୁ | ୧୨ |
| **ସଶସ୍ତ୍ର ସାଧୀନତା ସଂଗ୍ରାମର ମହାନାୟକ ବୀର ସୁରେନ୍ଦ୍ର ସାଏ** | - ସରୋଜ କୁମାର ଓଝା | ୧୫ |
| **ବୃକ୍ଷ ଜଙ୍ଗଲ ଓ ସଭ୍ୟତା** | - ରାଜୀବ ଲୋଚନ ପାଣିଗ୍ରାହୀ | ୧୭ |
| **ଗଳ୍ପ ବିଭାଗ** | | |
| **ଚିରା ପୋଷାକ** | - ଦୁଷ୍ମନ୍ତ ବେହେରା | ୧୮ |
| **ସାଥି ଦେଇଗଲା ଆଖିରେ ଲୁହ** | - ସୁଜିତ୍ କୁମାର ଖଡ଼ିରତ୍ନ | ୨୦ |
| **ଅଭାଗିନୀ ରିନୁ** | - ପ୍ରଶାନ୍ତ କୁମାର ନାଥ | ୨୧ |
| **ମନେପଡ଼େ ସେ ପିଲା ଦିନର ସେ ଖେଳ** | - ଶଶିକାନ୍ତ ମେହେର | ୨୨ |
| **ଚାକିରିର ଅନୁଭୂତି** | - କୁଞ୍ଜବିହାରୀ ମହାନ୍ତି | ୨୩ |
| **ଜାଲ** | - ଲିପ୍‌ସା ପଟେଲ୍ | ୨୪ |
| **ଅକ୍ଷରାଧାମ** | - ସୁନନ୍ଦା ମହାନ୍ତି | ୨୫ |
| **ଯେସାକୁ ତେସା** | - ଅଶ୍ୱିନୀ କୁମାର ସେଠୀ | ୨୬ |
| **କଇଦୀ ନଂ ଦୁଇଶହ ପନ୍ଦର** | - ଲିଳାବତୀ ମହାପାତ୍ର | ୨୮ |
| **ନୀତୁ ତୁ କଅଣ କଲୁ ?** | - ଶ୍ରୀ କୁଞ୍ଜ ବିହାରୀ ସାହୁ | ୨୯ |
| **ପ୍ରତିଯୋଗିତା** | - ବନଲତା ସିଂହ | ୩୦ |
| **ଭାଇରାଲ୍ ଭିଡ଼ିଓ** | - ଅନିରୁଦ୍ଧ ସାମନ୍ତରା | ୩୩ |
| **ଅସୁମାରୀ ଆଶା** | - ସୁଧାଂଶୁ ଶେଖର ଦ୍ୱିବେଦୀ | ୩୮ |
| **କବିତା ବିଭାଗ** | | |
| **ବିଲ୍ୱପତ୍ର** | - ସଂଘମିତ୍ରା କବି | ୪୦ |
| **ପରିବାର** | - ରୀକ୍ଷିରାମ ମେହେର | ୪୦ |
| **ଆମେ ତ ଗାନ୍ଧୀଙ୍କ ମୋତି** | - କାମାକ୍ଷା ପ୍ରସାଦ ବେହେରା | ୪୧ |
| **ଜୀବନ** | - ସଂଜୀବ କୁମାର ଦାଶ | ୪୧ |
| **ଆଶ୍ୱିନ, କାର୍ତ୍ତିକ ପାଳିବା ଆସ** | - ଡକ୍ଟର ସୀମାଞ୍ଚଳ ପ୍ରଧାନ | ୪୨ |
| **ନିମିତ୍ତ ମାତ୍ର** | - ଆନନ୍ଦ କୁମାର ମାଲତି | ୪୨ |

# ପ୍ରାଚୀର ନିୟମାବଳୀ

- "ପ୍ରାଚୀ" ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡ଼ିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିଷ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍-୭୫୩୦୦୪ କିମ୍ବା ପାଠକ ପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................................

ଠିକଣା ........................................................ ପିନ୍‌କୋର୍ଡ଼ .................................

ମୋବାଇଲ୍ ନମ୍ବର ...................................... ଇ-ମେଲ୍ ..........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର................................................. ତାରିଖ....................................

ବ୍ୟାଙ୍କ୍........................................ ସ୍ଥାନ.........................................................

ତାରିଖ...................................... ଦସ୍ତଖତ.....................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com

# କବି ନିତ୍ୟାନନ୍ଦ ନାୟକଙ୍କ 'ସେତେବେଳକୁ ନଥିବି' କବିତା ଗ୍ରନ୍ଥର ବିଭିନ୍ନ ଦିଗ

- ବିକେଶ ସାହୁ

ଛାତ୍ର ସ୍ନାତକୋତ୍ତର ଓଡିଆ ଭାଷା ଓ ସାହିତ୍ୟ ବିଭାଗ

ଏକବିଂଶ ଶତାବ୍ଦୀର ଓଡ଼ିଆ କବିତାର ଗତି ଓ ପ୍ରକୃତି ତଥା ସୃଷ୍ଟି ପରମ୍ପରାରେ କବି ନିତ୍ୟାନନ୍ଦ ନାୟକ ଜଣେ ପ୍ରତିଷ୍ଠିତ ପ୍ରତିଭା । ଏହି ପ୍ରତିଭାଙ୍କ ଉନ୍ମେଷ କାଳ ଉତ୍ତର ସତୁରୀରେ ଘଟିଥିଲେ ହେଁ ଅଦ୍ୟାବଧି ତାଙ୍କ କାବ୍ୟିକ ଧାରା ଅପ୍ରତିହତ। ଓଡ଼ିଆ ସାହିତ୍ୟର ପ୍ରତିଷ୍ଠିତ ପ୍ରଚଣ୍ଡ କାବ୍ୟସତ୍ତାମାନଙ୍କ ଉପସ୍ଥିତି ସତ୍ତ୍ୱେ ସେ ନିଜର ସ୍ୱତନ୍ତ୍ର ମୌଳିକ ପ୍ରତିଭାର ଉଜ୍ଜ୍ୱଳ ଆଲୁଅରେ ସଦାସର୍ବଦା ପ୍ରଜ୍ୱଳିତ। 'ବିଦୀର୍ଣ୍ଣ ମରାଳ' ୧୯୭୬ ଠାରୁ ସେତେବେଳକୁ ନଥିବି ୨୦୧୭ ପର୍ଯ୍ୟନ୍ତ ଯେଉଁ ଚିରନ୍ତନ ସାରସ୍ୱତ ସାଧନାର ଯାତ୍ରା ସେଥି ମଧ୍ୟରେ ସେ କେବେ ପଛକୁ ଫେରିଚାହିଁ ନାହାଁନ୍ତି । ସମୁଦାୟ ୯ ଖଣ୍ଡ କବିତାଗ୍ରନ୍ଥ ରଚନା କରିଥିବା କବି ନିତ୍ୟାନନ୍ଦ ନାୟକ ଭଦ୍ରକ ଜିଲ୍ଲା ବାସୁଦେବପୁର ଅନ୍ତର୍ଗତ ଗୁଆଗଡ଼ିଆ ଗ୍ରାମରେ ୧୯୪୨ ମସିହା ଅଗଷ୍ଟ ୧୨ ତାରିଖରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପ୍ରଥମ କବିତା ପ୍ରକାଶିତ ହୁଏ ୧୯୭୬ ମସିହାରେ ଝଙ୍କାର ପତ୍ରିକାରେ । ସେବେଠୁ ତାଙ୍କ ସୃଜନ ଯାତ୍ରା ରହିଛି ଅବ୍ୟାହତ। ୧୯୭୬ ମସିହାରେ ପ୍ରକାଶିତ ତାଙ୍କ ପ୍ରଥମ କବିତା ଗ୍ରନ୍ଥ ବିଦୀର୍ଣ୍ଣ ମରାଳ ଠାରୁ ଓଡ଼ିଆ କବିତାର ନନ୍ଦନବନରେ ପ୍ରଥମେ ପାଦ ଥାପିଥିବା କବି ନିତ୍ୟାନନ୍ଦ ନାୟକଙ୍କ କବିତାରେ ମିଳେ ଗତ ପାଞ୍ଚ ଦଶନ୍ଧିର କାବ୍ୟ ସ୍ୱର ଓ ସ୍ୱାକ୍ଷର । ଯୁଗଧର୍ମ ସହ ସମୟର ପ୍ରଚ୍ଛଦପଟରେ ସ୍ୱତଃ ତାଙ୍କ କଲମ ମୁନରେ ଉତୁରି ଆସିଛି କବିତା । ଯୁଗ ଯନ୍ତ୍ରଣାର ଚିତ୍ର ସହ କବିଙ୍କର ଆନ୍ତରିକ ଭାବବୋଧ ହିଁ ସାଜିଛି କବିଙ୍କର ବୈଶିଷ୍ଟ୍ୟ । କବି ନିତ୍ୟାନନ୍ଦ ନାୟକଙ୍କ ଅନ୍ୟାନ୍ୟ କବିତା ଗ୍ରନ୍ଥ ମଧ୍ୟରେ ତ୍ରସ୍ତ ପଦ୍ମାସନ ୧୯୮୩, ଭୋର ଆକାଶ ୧୯୮୯, କନ୍ୟାକୁମାରୀ ୧୯୯୯, ଫେରିବାବେଳ ୨୦୦୪, ପାନ୍ଥଶାଳା ୨୦୦୯, କେବଳ ଅନାମିକା ୨୦୧୩, ସେତେବେଳକୁ ନଥିବି ୨୦୧୭ ଆଦି ଓଡ଼ିଆ କାବ୍ୟ ସାହିତ୍ୟକୁ କରିଛି ସୁସମୃଦ୍ଧ। ସାଧାରଣ ଓ ବୋଧଗମ୍ୟ ଭାଷାର ପ୍ରୟୋଗ ସହ ଦୈନନ୍ଦିନ ଜୀବନର ଘଟଣାକୁ ନେଇ ସେ ଯେଉଁପରି ଭାବରେ ନିଜ କବିତାରେ ଖଞ୍ଜିଛନ୍ତି ବାସ୍ତବରେ ତାହା ତାଙ୍କ କାବ୍ୟମାନସର ବିମୁଗ୍ଧ ଉଚ୍ଚାରଣ । ତାଙ୍କ କବିତାରେ ଏକ କୋମଳ ତଥା ସମ୍ବେଦନଶୀଳ, କବିମନ ପରିସ୍ଫୁଟ । ମୁଗ୍ଧ ଭାବରାଜି ଓ ଅନାବିଳ ଆବେଗର ସ୍ପର୍ଶରେ ତାଙ୍କ କବିତା ଅସାମାନ୍ୟ ରୂପର ଅଧିକାରୀ । ତାଙ୍କ କବିତାରେ ପରିଦୃଷ୍ଟ ମୃତ୍ୟୁଚେତନା ଓ ନିଃସଙ୍ଗତାବୋଧ ମଧ୍ୟରେ ଅନୁରଣିତ ହୁଏ ସ୍ୱପ୍ନ ଓ ଆଶାବାଦର ମନ୍ତ୍ରଧ୍ୱନି । ଚିତ୍ରକଳ୍ପର ସଂଯନ୍ତ୍ର ଓ ବୌଦ୍ଧିକତାର ପ୍ରୟୋଗ ଏବଂ ଭାଷାର ସର୍ଜନାତ୍ମକ ଶକ୍ତିରେ ତାଙ୍କ କବିତା ବଳିଷ୍ଠ ଓ ରସବନ୍ତ । ସେତେବେଳକୁ ନଥିବି କବି ନିତ୍ୟାନନ୍ଦ ନାୟକଙ୍କ ନବମ କବିତା ଗ୍ରନ୍ଥ । ଯାହା ୧୯୮୯ ମସିହାରେ ପ୍ରକାଶ ଲାଭ କରେ । ସମୁଦାୟ ୪୫ଟି କବିତାକୁ ନେଇ ସଂକଳିତ ଏହି କବିତା ଗ୍ରନ୍ଥରେ ବିଭିନ୍ନ ଭାବ ପ୍ରକାଶିତ । କବିତାକୁ ପ୍ରାଣ ଭରି ଭଲପାଉଥିବା କବି ନିତ୍ୟାନନ୍ଦ ସବୁବେଳେ ନିଜକୁ କବିତା ଆଗରେ ପରାଜିତ ମନେ କରିଛନ୍ତି ।

ଏହି ପରିପ୍ରେକ୍ଷୀରେ ଆମ ବିଚାର୍ଯ୍ୟ ବିଷୟ ସେତେବେଳକୁ ନଥିବି କବିତା ଗ୍ରନ୍ଥର କାବ୍ୟିକ ଆବେଦନ ଓ ବିଭିନ୍ନ ଦିଗକୁ ଲୋକାଭିମୁଖୀ କରାଯାଇପାରେ । ଯେକୌଣସି କବିର ମୂଲ୍ୟାୟନ ନିମିତ୍ତ ଏହାର ଭାବ ପକ୍ଷ ଓ କଳା ପକ୍ଷର ବିଚାର ନିତାନ୍ତ ଆବଶ୍ୟକ । କାହିଁକି ନା ଉଭୟ ଆତ୍ମିକ ଓ ଆଙ୍ଗିକ ମଧ୍ୟରେ ସୁସମନ୍ୱୟ ଏବଂ ନୂତନ ଇଙ୍ଗିତ ତଥା ସମକାଳୀନ ସମାଜର ବାର୍ତ୍ତା ଯଦି କବିତାରେ ପ୍ରକଟିତ ନହୁଏ ତେବେ ସେହି ସାହିତ୍ୟ କୃତି କେତେବେଳେ ମଧ୍ୟ ସଞ୍ଚରଣଶୀଳ ହୋଇପାରିବ ନାହିଁ । ସେହି ଦୃଷ୍ଟିରୁ ସେତେବେଳକୁ ନଥିବି କବିତା ଗ୍ରନ୍ଥର ବିଭିନ୍ନ ଦିଗ ସମ୍ପର୍କରେ ନିମ୍ନରେ ଆଲୋଚନାକୁ ଅଗ୍ରଗାମୀ କରାଗଲା ।

ଜୀବନ ଦର୍ଶନ :

କବିତା ହେଉଛି ଭାବର ବିନ୍ୟାସ ପ୍ରତିଟି ମଣିଷ ନିଜର ଜୀବନକାଳ ମଧ୍ୟରେ ଅନେକ ଅନୁଭବ ଏବଂ ଅନୁଭୂତି ଲାଭ କରିଥାଏ । କିନ୍ତୁ ସେମାନଙ୍କ ମଧ୍ୟରୁ ଖୁବ୍ କମ୍ ଲୋକ ତାକୁ ଏକ ଯଥାର୍ଥ ପ୍ରଣାଳୀରେ ବାହ୍ୟ ଜଗତରେ ପରିପ୍ରକାଶ କରିବାର ସାମର୍ଥ୍ୟ ରଖିଥାନ୍ତି । ସେମାନଙ୍କୁ କାବ୍ୟସତ୍ତା ଭାବରେ ଅଖ୍ୟାୟିତ କରାଯାଇପାରେ ଏବଂ ସେମାନେ ଯେଉଁ ମାଧ୍ୟମରେ ଏହାର ପ୍ରକାଶ ଘଟାନ୍ତି ତାହା ହେଉଛି କବିତା । ସ୍ଥୂଳ ଚକ୍ଷୁର ଦର୍ଶନ, କର୍ଣ୍ଣର ଶ୍ରବଣ ଓ ସୂକ୍ଷ୍ମ ଅନ୍ତଃସ୍ଥ ତୃତୀୟ ନୟନରେ ସେସବୁକୁ ଏକ ସମୀକ୍ଷା ପୂର୍ବକ କବିଟିଏ ହିଁ ବାଢ଼ି ଦେଇଥାଏ ସେହି ଚିନ୍ତନ ଓ ମନନର ଫଳାଫଳକୁ ଏକ କବିତା ରୂପରେ ଯେଉଁଠି ସାଧାରଣ ମଣିଷ ପାଇଁ ଥାଏ ଏକ ବଞ୍ଚିବାର କଳା, ନିରାଶ୍ରୟ ପାଇଁ ଘର ଆଉ ବୁଭୁକ୍ଷୁ ପାଇଁ ଖଣ୍ଡେ ରୁଟି ପୁଣି ପଥଭ୍ରଷ୍ଟ ମଣିଷ ପାଇଁ ଧାରେ ଉଜ୍ଜ୍ୱଳ ଆଲୁଅ ।

ସେହିପରି କବି ନିତ୍ୟାନନ୍ଦ ନାୟକଙ୍କ ସେତେବେଳେକୁ ନଥିବି, କବିତା ପୁସ୍ତକରେ ପ୍ରାୟତଃ କବିତାରେ କବି ନିଜର ରୂପକ ପରୀକ୍ଷାରୁ ଲବ୍ଧ ଫଳାଫଳକୁ ହିଁ କଲମରେ ଉତାରି ଦେଇଛନ୍ତି ଆଧୁନିକ ସହରୀ ଜୀବନ ସହ ବ୍ୟସ୍ତ ବହୁତ ମଣିଷ, ତା' ସାଙ୍ଗକୁ ଅନ୍ୟାୟ ଓ ଅତ୍ୟାଚାରରେ ପରବର୍ତ୍ତୀ ସାଂପ୍ରତିକ ସମାଜର ସବୁ ଥାଉ ମଧ୍ୟ ମଣିଷ କେତେ ନିସ୍ୱ ହୋଇପାରେ ସେସବୁରେ ପ୍ରତିଫଳନ ତାଙ୍କ କବିତାର ପ୍ରତି ଛତ୍ରେ ପ୍ରତିବିମ୍ବିତ ଯଥା ତାଙ୍କ ପଦ୍ମ ଫୁଲ କବିତାରେ ସେ କହୁଛନ୍ତି –

ଜଳଭର୍ତ୍ତି ପଙ୍କୁଆ ପୋଖରୀଟିରେ ଫୁଟିଚି
ଅସଂଖ୍ୟ ଲାଲ ଧଳା ପଦ୍ମଫୁଲ
ଢ଼ଳ ଢ଼ଳ ତରଳ ରୂପାଖଣ୍ଡର ଆକାର
କି ଜଳବିନ୍ଦୁକୁ ଧରି ପତ୍ରସବୁ ଦିଶୁଥାଏ ଘାଘରା ପରିକା ।

ସାଂପ୍ରତିକ ସମୟରେ ମଣିଷ ଜୀବନ ବ୍ୟସ୍ତ ବହୁଳ । ଆଜିର ମଣିଷ ପାଖରେ ମାନସିକ ସ୍ଥିରତାର ଅଭାବ ତେଣୁ ଆଜି ମଣିଷ ବିନା କୌଣସି ଖୁସି ବିଚାର ଓ ପୂର୍ବ ସମୀକ୍ଷାରେ ସେ ଯାହା କିଛିକୁ ନିଜର କରିବା ପ୍ରଚେଷ୍ଟା କରେ ପରବର୍ତ୍ତୀ ମୁହୂର୍ତ୍ତରେ ତାର ହୋଇପାରେନା । ଯାହାକୁ କବି ଲମ୍ପଟି ଭ୍ରମର କହି ଆଖ୍ୟାୟିତ କରିଛି ସେହିପରି 'ଶୀତ' କବିତାରେ କବି କହିଛନ୍ତି –

ବେଳବେଳେ ଗଦର ଭିତରୁ କୁଳୁକୁଳୁ ଗହଁ ଭାବୁଚି
ଆଜି ଆଉ ପ୍ରବଳ ଶୀତ ମାଡ଼ିଆସିବ କି ?
ଏସବୁ ସତ୍ତ୍ୱେ ଶୀତକୁ ନେଇ ସେମିତି ମନଛୁଆଁ
କବିତା ଧାଡ଼ିଏ ଆଉ ଲେଖିପାରୁନି
ବୋଧହୁଏ ସବୁକଥା ଅଂଗେ ନିଭାଇଥିବାରୁ
କଳ୍ପନାରେ ଆଙ୍କିବା ପାଇଁ ଆଉ କିଛି ନାହିଁ ।

ଶୀତ ସବୁ ବର୍ଷ ଆସେ ତଥାପି ମଣିଷ ଭାବେ ଏ ବର୍ଷ ଶୀତ ଆହୁରି ବଢ଼ିଯିବ କି ? ଯଦିଓ ଏହି ପଂକ୍ତିର ଶୀତ ଏକ ସେଙ୍କେତ ଭାବରେ ବ୍ୟବହୃତ ମଣିଷ ଜୀଇଁଥିବା ପ୍ରତିଟି ସମୟ ଯେ ବାସ୍ତବ ସେ କଥା ସେ ଜାଣେ । ତେଣୁ ଯାହା ବାସ୍ତବ ସେଇଟା ବାସ୍ତବ । ତାହାର ଭିନ୍ନ ରୂପ ଆଉ ବା କ'ଣ ହୋଇପାରେ । ଯାହା କବି ବର୍ଣ୍ଣନାତ୍ମକ ଭାବରେ ଏଠାରେ ଉଲ୍ଲେଖ କରିଛନ୍ତି । ଅନୁରୂପ ଭାବରେ ମନ ଖୋଲା ହସ କବିତାରେ ମଣିଷର ଅତୀତ ପ୍ରତି ବ୍ୟଙ୍ଗ ସହ ସମୟର ସୁଯୋଗକୁ ତିରସ୍କାର କରିଦେଲା ପରେ ସେ ସମୟ ଆଉ ଫେରି ଆସେନା । ସେ ହୋଇପାରେ କେଉଁ ଖୁସି ଥିବା ସମୟରେ ନ ହସିବାର ଅନ୍ତିମ ଅବସୋସ୍ ।

ଏମିତି ଅନେକ ସୁଯୋଗ ମଣିଷ ପ୍ରତିକ୍ରିୟାହୀନ ହୋଇ ବିତେଇ ଦିଏ । କିନ୍ତୁ ଅନ୍ତିମ ସମୟରେ ସେସବୁର ମୂଲ୍ୟ ମଣିଷ ଠିକ୍ ବୁଝେ ଯେତେବେଳେ ଆଉ କିଛି କରିବାର ସୁଯୋଗ ତା ପାଖରେ ନଥାଏ ।

କବିଙ୍କ ପ୍ରତିଟି କବିତା ଯେ ତାଙ୍କ ଜୀବନର ଅନୁଭବ ଅନୁଭୂତିର ପରିପ୍ରକାଶ ମାତ୍ର ତାହା ଆଗରୁ ଉଲ୍ଲେଖ କରାଯାଇ ଆସୁଛି । ତା ବାହାରେ ମଧ୍ୟ ବିଶେଷ ଭାବରେ ଅଶରୀରୀ, ପରିଚୟ, ସବୁଆଡ଼େ ସେଇ ଏକଲାପଣ, ଏମିତି ବିତିଯାଉ, ଯଦି ଖସି ପଡ଼ନ୍ତା ଆକାଶ, ବେକାବୁ, ଛାଇ, ବହୁରୂପୀ, ପୁଣି ସମୁଦ୍ର, ଗପସପ ବେଳ, ବାଇମନ, ହାତ ସଫେଇ, ଯୁଦ୍ଧ, ସେତେବେଳକୁ ନଥିବି ଆଦି କବିତାରେ ଅନେକ ସୂକ୍ଷ୍ମ ଦର୍ଶନ ପ୍ରତିଫଳିତା ଆଜୀବନ ସଂଗ୍ରାମ ଓ ଦୀର୍ଘ ବର୍ଷର ଜୀବନରେ କବି ପ୍ରତିଟି ସମୟରେ ନିଜକୁ ରୂପରେ ଆବିଷ୍କାର କରିଛନ୍ତି । ସେ ଦେହ ତାଙ୍କ ସ୍ୱପ୍ନମାନଙ୍କ ମଧ୍ୟରୁ ଅନେକ ସ୍ୱପ୍ନକୁ ନିଜେ ହିଁ ନିଜ ହାତରେ ହତ୍ୟା କରିଛନ୍ତି । ସେଇ ସବୁ ଜୀବନର ଅକୁହା ଅଲିଭା ଚେତନା ହିଁ କବିତା ରୂପରେ ପରିପ୍ରକାଶ କରିଛି ।

ତାଙ୍କ ସେତେବେଳକୁ ନଥିବି କବିତାରେ ଭାବବୋଧ ହିଁ ତାଙ୍କ ଜୀବନ ପ୍ରତି ଥିବା ତାଙ୍କ ମହତ ଦୃଷ୍ଟିକୋଣରେ ସାର୍ଥକ ନିଦର୍ଶନ ।

ଜାଣିଚି ଦିନେ ନା ଦିନେ ବାଧ୍ୟ ହେବି
ନିଜଠାରୁ ଦୂରେଇ ଯିବାକୁ
ଗାଡ଼ି ଆସି ଦୁଆର ମୁହଁରେ ଠିଆହେଲା ବେଳକୁ
ଗଣ୍ଠିଲି ପତ୍ର ସବୁ ବନ୍ଧା ସରିଯାଇଥିବ
ଫୁର୍ସତ ମିଳିବ ନାହିଁ କା ସାଙ୍ଗରେ
ପଦେ ଅଧେ କଥା ବି ହେବାକୁ
ଯିଏ ଯାହା ଭାବୁ ମୋର କ'ଣ ଅଛି
ସେତେବେଳକୁ ମୁଁ ଆଉ ଥିବି କି!!

ବିଭୂଚେତନାର ନବବିନ୍ୟାସ :

ଜୀବନ ଜଗତ ଜଗଦୀଶ୍ୱର ହିଁ ସାହିତ୍ୟର ପ୍ରମୁଖ ବିଭବ । ଯଦିଓ ଈଶ୍ୱର ସତ୍ତାହୀନ ଅଦୃଶ୍ୟ ଅକଳ୍ପନୀୟ ଶକ୍ତିର ଉତ୍ସ, ତଥାପି ମଣିଷ ପାଇଁ ସେ ସୀମାବଦ୍ଧ । ନିଜ ପରି ହାଡ଼ ମାଂସର ଶରୀରଧାରୀ ସାଧାରଣ ପୁରୁଷ । ତେଣୁ ମଣିଷ ଈଶ୍ୱରଙ୍କୁ ବିଶ୍ୱାସ କରେ ସତ କିନ୍ତୁ ସମୟ ଆସିଲେ ଅସ୍ୱୀକାର କରିବାକୁ ମଧ୍ୟ ପଶ୍ଚାପଦ ହୁଏନାହିଁ ।

ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଈଶ୍ୱର ହିଁ ସମଗ୍ର ସୃଷ୍ଟିର ନିୟାମକ । ସମଗ୍ର ବ୍ରହ୍ମାଣ୍ଡ, ମଣିଷ, ଜୀବଜନ୍ତୁ, କୀଟପତଙ୍ଗ ସମସ୍ତଙ୍କ ସ୍ରଷ୍ଟା ହେଉଛନ୍ତି ଈଶ୍ୱର ତେଣୁ ମଣିଷ ଈଶ୍ୱରଙ୍କୁ ବିଶ୍ୱାସ କରେ, ସେ ହେଉ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବରେ ତାଙ୍କ ସ୍ଥିତିକୁ ଗ୍ରହଣ କରିବାର ସତ ବିରୋଧାଭାସ ମଧ୍ୟରେ ବି ସେ ଈଶ୍ୱରଙ୍କ ପ୍ରତି ହୁଏ ଅନୁରକ୍ତ । ତେଣୁ କେଉଁ ଆବହମାନ କାଳରୁ ସାହିତ୍ୟ ମଧ୍ୟରେ ଈଶ୍ୱରଙ୍କ ସ୍ଥିତି ସୁବିଦ୍ୟାମାନ । ଈଶ୍ୱରଙ୍କୁ ମଣିଷ ନିଜର ସମସ୍ତ କର୍ମର ସାକ୍ଷୀ ବୋଲି ମଣିଷ ତାଙ୍କ ସହ ଚେତନାସ୍ତରରେ ଯୋଡ଼ି ହୋଇକି ରହିଥାଏ । ନିଜର ଦୁଃଖ ଓ ଅପ୍ରାପ୍ତିର ଅଭିମାନ କରି ତାଙ୍କୁ ଅସ୍ୱୀକାର କରିବାକୁ ମଧ୍ୟ ପଛାଏ ନାହିଁ । କିନ୍ତୁ ଏହା ମଧ୍ୟରେ ବି ଲୁଚି ରହିଥାଏ ମଣିଷର ଗ୍ରହଣଶୀଳତା ।

ଅନୁରୂପ ଭାବରେ କବି ନିତ୍ୟାନନ୍ଦ ନାୟକଙ୍କ ଉକ୍ତ କାବ୍ୟ ଗ୍ରନ୍ଥରେ କବିଙ୍କ ଗଭୀର ଈଶ୍ୱର ବିଶ୍ୱାସର ଚିତ୍ର ପ୍ରତିଫଳିତା କବିଙ୍କ ଈଶ୍ୱର ଠିକ୍ ମଣିଷ ପରି ଜଣେ ସାଧାରଣ ସତ୍ତା । ଯିଏ ମଣିଷଙ୍କ ପରି ଜୀବନ ଜୀଉଁଛନ୍ତି । ଚିରା ଚରିତ ଧର୍ମ ଓ ପରମ୍ପରାରେ ଥିବା ଅଲୌକିକ ଈଶ୍ୱରଙ୍କୁ ସମାଧିସ୍ଥ କିଆରି ସେ ନୂତନ କ୍ରାନ୍ତିର ବାର୍ତ୍ତା ନିଜର କବିତାମାନଙ୍କରେ ରୂପାୟିତ କରିଛନ୍ତି ।

ଯେପରି ବୈକୁଣ୍ଠ କବିତାରେ
ମୋଧଲାଭ ଆଶାରେ
କାହିଁକି ଦୌଡ଼ିବି ଆଉ ଗଙ୍ଗାକୂଳ
ପୁଣି ମୋହ ମୁକ୍ତି ପାଇଁ ବାନପ୍ରସ୍ଥ
ଏଇଠି ମୋ ଘରେ ତ ବୈକୁଣ୍ଠ
ଛୋଟ ଛୋଟ ମାନ ଅଭିମାନର ଭାବ ଦିଆନିଆ
ନିରନ୍ତର ଯାଆସ କରୁଥିବା ପରସ୍ପର ସ୍ନେହ
ଏବଂ ଭଲପାଇବାର ଋଣ ସୁଝିବାକୁ
ଏଠି ସମସ୍ତେ ବ୍ୟସ୍ତ ।

ମୋକ୍ଷ କହିଲେ ଆମ ସଂସ୍କୃତି କହେ ସମଗ୍ର ଜୀବନର ମୋହ, ମାୟା, ଜଞ୍ଜାଳ, ସବୁଥିବାରୁ ଚିରଦିନ ପାଇଁ ମୁକ୍ତ ହୋଇ ଈଶ୍ୱର ପ୍ରାପ୍ତି କିନ୍ତୁ କବି ଏଠାରେ ନିଜ ପରିବାରରେ ସେହି ମୋକ୍ଷର ସନ୍ଧାନ ଲଭିଛନ୍ତି ଯେଉଁଠି ସ୍ୱର୍ଗଠାରୁ ମଧ୍ୟ ସୁଖ ଅଧିକ, ବୈକୁଣ୍ଠ ଠାରୁ ମଧ୍ୟ ଏହାର ସ୍ଥାନ ଅତି ଉଚ୍ଚ ।

ଅନୁରୂପ ଭାବରେ ବାପା, କିଏ ଜାଣେ କାହାର, ବୋଉ, ବଂଶବୃକ୍ଷ ଆଦି କବିତାରେ ମଣିଷ ମଧ୍ୟରେ ବିଭୁଚେତନା ସନ୍ଧାନର ନବ ବିନ୍ୟାସର ରୂପ ପ୍ରତୀୟମାନ । ଚିରା ଚରିତ ଈଶ୍ୱରଙ୍କୁ ବିଦାୟ ଦେଇ ତାଙ୍କ ସ୍ଥାନରେ ଆମ ବଞ୍ଚିଥିବା ସମାଜର ସାଧାରଣ ମଣିଷମାନଙ୍କୁ ପ୍ରତିସ୍ଥାପନ କରିବାର ପ୍ରଚେଷ୍ଟା କବିଙ୍କ ବାସ୍ତବବାଦୀ ଦୃଷ୍ଟିକୋଣର ପରିଚାୟକ ।

ନିଃସଙ୍ଗତା ଓ ମୃତ୍ୟୁଚେତନାର ଆଭାସ :

ନିଃସଙ୍ଗତାବୋଧ ଓ ମୃତ୍ୟୁଚେତନା ନିତ୍ୟାନନ୍ଦଙ୍କ ସାହିତ୍ୟରେ ନୂଆ ନୁହଁ । ସ୍ୱାଧିନତୋର ମଣିଷକୁ ଗ୍ରାସ କରିଥିବା ନିଃସଙ୍ଗତାବୋଧ ଓ ମୃତ୍ୟୁଚେତନା ଏକବିଂଶ ଶତାବ୍ଦୀ ଯାଏ ପିଛା ଛାଡ଼ିନାହିଁ । ପଲ୍ଲୀ ମଣିଷର ସହରାଭିମୁଖୀ ଜୀବନଚର୍ଯ୍ୟା ମଧ୍ୟରେ ମଣିଷ ଭୁଲିଛି ନିଜର ପରମ୍ପରା ଓ ସଂସ୍କୃତି । ସହରର ଏକାନ୍ନବର୍ତ୍ତୀ ପରିବାର, ଜୀବିକାର ଅଭାବ ଏବଂ ଜୀବନର ଧାଁଦଉଡ଼ ମଧ୍ୟରେ ମଣିଷ ହୋଇଛି ନିଃସଙ୍ଗ । ସେହି ନିଃସଙ୍ଗତା ମଣିଷର ଚେତନାପ୍ରସୂତ । ଅପ୍ରାପ୍ତି ଓ କିଛି ନକରିପାରିବାର ଅପସୋସ୍ ମଣିଷକୁ ମୃତ୍ୟୁ ଆଡ଼କୁ ପଥ ପ୍ରଶସ୍ତ କରିଛି । ଯହାର ଚିତ୍ର ପ୍ରତିଫଳିତ ହୋଇଛି ସଜି ରାଉତରାୟ, ଗୁରୁପ୍ରସାଦ ମହାନ୍ତି, ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ରାଜେନ୍ଦ୍ର କିଶୋର ପଣ୍ଡା ଆଦିଙ୍କ କବିତାରେ ଅନୁରୂପ ଭାବରେ କବି ନିତ୍ୟାନନ୍ଦ ନାୟକଙ୍କ ସେତେବେଳକୁ ନଥିବି କାବ୍ୟ ଗ୍ରନ୍ଥରେ ମଧ୍ୟ ଅଧିକାଂଶ କବିତାର ମୂଳ ଉତ୍ସ ହେଉଛି ନିଃସଙ୍ଗତା ଓ ମୃତ୍ୟୁଚେତନା । ଏକବିଂଶ ଶତାବ୍ଦୀ ଜଗତୀକରଣର ପ୍ରଭାବ ସାଧାରଣ ମଣିଷ ମୌଳିକ ବୃତ୍ତି, ଜୀବନ ଜୀବିକା ଉପରେ ପଦାଘାତ କରି ମଣିଷକୁ କରିଛି ପଙ୍ଗୁ । ଯାହାର ଫଳ ସ୍ୱରୂପ ମଣିଷ ହୋଇଛି ବିସ୍ଥାପିତ, ହରେଇଛି ଆପଣାର ବାସଭୂମି, ଘରଦ୍ୱାର । ଗୋଟେ ପଟେ ସେହି ନିରୀହ ମଣିଷମାନଙ୍କର ଆର୍ତ୍ତ ସ୍ୱର ଓ ଅନ୍ୟ ପଟେ ହାହୁତାଶମୟ ଜୀବନ ଜୀଉଁଥିବା ସହରୀ ଯନ୍ତ୍ରମାନବଙ୍କର ଆର୍ତ୍ତ ଚିତ୍କାର ହିଁ ହୋଇଛି ସାହିତ୍ୟର ସ୍ୱର ନିତ୍ୟାନନ୍ଦ ନାୟକଙ୍କର ଉକ୍ତ କବିତା ସଂକଳନରେ ଅନେକ କବିତାର ମୂକ ବିଷୟ ଏହି ନିଃସଙ୍ଗତାବୋଧ ଓ ମୃତ୍ୟୁଚେତନା ହିଁ ସାଜିଛି କବିତାର ଭାବବୋଧ ।

ବାଲିବନ୍ଧ କବିତାରେ କବି କୁହନ୍ତି -

ଅହରହ ସମୟ ପୋତି ଚାଲିଚି
ନିଜର ଶବକୁ
ବାଲିବନ୍ଧ ପକାଇ ମଜଭୁତ କରି
କେହି ଯେମିତି ମୁକୁଳି ଆସିପାରିବେନି ସେଠୁ
ଭୟଙ୍କର ଦୃଶ୍ୟସବୁ ପ୍ରଖର ବେଗରେ
ଠେଲିହେଇ ଯାଇଛନ୍ତି ସେଇ
ଅନ୍ତହୀନ ସବୁଜ ଅନ୍ଧାରର
ବିଶ୍ୱରୂପ ଗହ୍ୱରକୁ ।

ସମୟର ଚିର ପ୍ରବାହରେ ମଣିଷର ସ୍ୱାଧୀନତା ବୋଲି କିଛି ନଥାଏ । ସମୟର ନିର୍ଦ୍ଦେଶକୁ ମଣିଷ କେବେ ଆଡ଼େଇ ଦେଇନପାରେ । ତେଣୁ କବି ନିତ୍ୟାନନ୍ଦ କହୁଛନ୍ତି - ଅହରହ ସମୟ ଯେମିତି ନିଜର ହିଁ ଶବକୁ ପୋତି ଚାଲିଛି । ମହାଶୂନ୍ୟର ଅନ୍ଧକାରର ମଧ୍ୟରେ ଦିନେ ସମସ୍ତେ ବିଲୀନ ହେବା ଥୟ, ଯାହା ଆଧୁନିକ ମଣିଷର ମନର ପ୍ରଚ୍ଛନ୍ନ ଦ୍ୱନ୍ଦ ସେହିପରି ସେ କହିଛନ୍ତି - ଯାହାକୁ ବାରମ୍ବାର ଢ଼େଉଆସି ଛୁଇଁଦେଇ ହସି ହସି ପଳାଇଯାଉଛି । ସମୟ ତା' ନିଜର ଶବକୁ ଖାଲି ଚାହିଁ ରହିଛି ଭକୁଆଙ୍କ ପରି ।

ଅନୁରୂପ ଭାବରେ କବିଙ୍କର ମନଖୋଲା ହସ କବିତାରେ ମଧ୍ୟ ଏହି ନିଃସଙ୍ଗତା ଓ ମୃତ୍ୟୁଚେତନା ଲକ୍ଷ୍ୟ କରାଯାଇ ପରେ ଖାଲି ହାତରେ ଏଥର ହସି ହସି ଓହ୍ଲାଇ ଯିବାର ବେଳ ଖେଳପଡ଼ିଆକୁ ଯେଉଁଠି କିଛି ବି ଫରକ ନଥାଏ । ହାରିବା ଓ ଜିତିବାର ଯାହା ଖାଲି ଔପଚାରିକତା ଲାଗି ରହିଥାଏ ଚିରକାଳ ।

ସେହିପରି ଅଶରୀରୀ, ଅଶରୀରି-୨, ଚାପିବା ବେଳ, ପରିଚୟ, ସବୁଆଡ଼େ ସେଇ ଏକଲାପଣ, ଏମିତି ବିତିଯାଉ, ଯଦି ଖସି ପଡ଼ନ୍ତା ଆକାଶ, ଆହ୍ଲାଦିନୀ, ବହୁରୂପୀ, ଆହ୍ଲାଦିନୀ-୨, ପୁଣି ସମୁଦ୍ର, ଗପସପ ବେଳ, ଲକ୍ଷ୍ମୀଛଡ଼ା, ବାଇମନ, ହାତସଫେଇ, ବନ୍ଧୁ, କିଏ ଜଣେ କାହାର, ଯୁଦ୍ଧ, ଶୂନ୍ୟସ୍ଥାନ ପୂରଣ, ପବନ ସେତେବେଳକୁ ନଥିବି ଆଦି କବିତା ମଧ୍ୟରେ ଏହି ଚେତନାର ପ୍ରକଟ ଦର୍ଶନୀୟ ।

ଯେମିତି ପବନ କବିତାରେ ସେ କହନ୍ତି କେବେ କାହାର ପାଖ ଛାଡ଼ିବାକୁ ନାରାଜ ପବନ ନାକପୁଡ଼ାରେ ଶେଷ ନିଃଶ୍ୱାସଟି ଅଟକିଗଲାପରେ ବି ମୁହଁ ଚାରିପାଖରେ ବୁଲି ବୁଲି କାହାକୁ ଯେମିତି ଖୋଜି ହେଉଥାଏ ।

ପ୍ରକୃତି ପ୍ରେମ ଓ ପଲ୍ଲୀପ୍ରାଣତା:

ସୌନ୍ଦର୍ଯ୍ୟ ସବୁବେଳେ ମଣିଷର ଦୃଷ୍ଟି ଆକର୍ଷଣର କେନ୍ଦ୍ର । ପ୍ରକୃତିର ଅପରୂପ ଶୋଭା ପ୍ରତିଟି ମଣିଷକୁ ନିଜ ଆଡ଼କୁ ଆକର୍ଷିତ କରିବାର ଶକ୍ତିରେ ଗରିୟାନ୍ କିନ୍ତୁ ପ୍ରତିଟି ମଣିଷ ଯେ ଏହାର ସୌନ୍ଦର୍ଯ୍ୟକୁ ସଠିକ ଭାବେ ହୃଦବୋଧ କରିପାରନ୍ତି ତାହା ଏକ ପ୍ରଶ୍ନବାଚୀ । ତାଠୁ ବଡ଼ ପ୍ରଶ୍ନବାଚୀ ହେଉଛି ସେଇ ସୌନ୍ଦର୍ଯ୍ୟକୁ ଆତ୍ମସ୍ଥ କରି ଏହାକୁ ନିଜର ଭାବନାରେ ଗୋଟେ ନୂଆ ରୂପରେ ପରିପ୍ରକାଶ ଘଟେଇବା । ଯାହାର ସାମର୍ଥ୍ୟ ଅତି ଅଳ୍ପ ମଣିଷଙ୍କ ପକ୍ଷେ ଦର୍ଶନୀୟ ।

ତେବେ ସାହିତ୍ୟ କ୍ଷେତ୍ରରେ ସୌନ୍ଦର୍ଯ୍ୟର ପ୍ରକାଶ ସବୁ ସମୟର ସାହିତ୍ୟରେ ରହିଛି । ଅନୁରୂପ ଭାବେ ପଲ୍ଲୀପ୍ରାଣତା ମଧ୍ୟ । କିନ୍ତୁ ବର୍ତ୍ତମାନର ସମୟ ଉଭୟ ପ୍ରକୃତି ଓ ପଲ୍ଲୀ ପାଇଁ ଅଶୁଭଙ୍କର । ଦୃତ ଶିଳ୍ପାୟନ ଓ ଆଧୁନିକତାର ପ୍ରଭାବରେ ମଣିଷ ଅନ୍ଧ ହୋଇ ସୌନ୍ଦର୍ଯ୍ୟ ବୋଧ ରୂପକ ଚେତନା ଶକ୍ତିକୁ ହରେଇ ବସିଲାଣି । ଯାହାର ଅବକ୍ଷିପ୍ତ ରୂପ ଆଜି ସାହିତ୍ୟରେ ପ୍ରତିଫଳିତ ।

ଏକବିଂଶ ଶତାବ୍ଦୀର କାବ୍ୟ ଭୂମିରେ କବି ନିତ୍ୟାନନ୍ଦ ନାୟକଙ୍କ ଉକ୍ତ କାବ୍ୟ ଗ୍ରନ୍ଥରେ କବିଙ୍କ ପ୍ରକୃତିପ୍ରଣତା ଓ ପଲ୍ଲୀପ୍ରଣତାର ସାମାନ୍ୟ ଆଭାସ ଦୃଷ୍ଟିକୁ ଆସେ ଯାହା କେବଳ କବିଙ୍କୁ ଜୀବନବାଦୀ ଓ ରହସ୍ୟବାଦୀ କବି ଭାବରେ ନୁହେଁ ବରଂ ଜଣେ ପ୍ରକୃତି ପ୍ରାଣ କବି ଭାବରେ ମଧ୍ୟ ଗୌରବ ପ୍ରଦାନ କରିବାରେ ଯଥେଷ୍ଟ ।

ସେ ଶୀତ କବିତା ହେଉ ଅବା ହେଉ ଗାଁ ମନେ ପଡ଼େ, ସ୍ୱଗତୋକ୍ତି, ମାଟି, ଅଜବବର୍ଷା, ପାର୍ବଣ ଆସୁଛି, ଦୂର ଆକାଶର ପୁନେଇଁଜହ୍ନ, ଗାଁ ମନେପଡ଼େ, ଆଷାଢ଼ ଆସିଲେ ଆଦି କବିତାରେ କବିଙ୍କ ସୌନ୍ଦର୍ଯ୍ୟବୋଧ ଓ ପଲ୍ଲୀପ୍ରାଣତାର ସୁସ୍ପଷ୍ଟ ପରିଚୟ ମିଳିଥାଏ ।

ଯେମିତି ଗାଁ ମନେପଡ଼େ କବିତାରେ କୁହନ୍ତି - ଗାଁରେ ପହଞ୍ଚିଲା କ୍ଷଣି କେବେଠୁଁ ମାଟିରେ ମିଶିଯାଇଥବବା ବାପା ବୋଉ

ଦାଦା ଜେଜେଙ୍କ ସ୍ମୃତି ସାଙ୍ଗରେ ମୂର୍ତ୍ତିମନ୍ତ ହେଇ ଆମ ନିତାଇ ଆସିଛି କହି ଦୌଡ଼ି ଆସନ୍ତି । ଯେତେ ସବୁ ସ୍ମୃତି ଆଉ ଦୃଶ୍ୟ ଆନନ୍ଦରେ କୁରୁଳି ଉଠେ ମନ ପୂରିଯାଏ ପେଟ ।

ସେହିପରି ପାର୍ବଣ ଅସୁଚିରେ ମହାନଦୀ ବଝିରେ ଏଠି ସେଠି ବାଲିପଠା ପରି ଗାଢ଼ ନୀଳଆକାଶରେ ଖଣ୍ଡେ ଖଣ୍ଡେ ବାଦାମ ରଙ୍ଗର କୁଣ୍ଡାଝଡ଼ା ମେଘ । ଯାହାକୁ ପଛରେ ପକାଇଦେଇ ପାଲଟଣା ଡଙ୍ଗା ପରି ଭାସିଚାଲିଯାଉଚି ତରତର ଜହ୍ନ ।

ଅତୀତ ବିଧୁରତା :

ଏକବିଂଶ ଶତାବ୍ଦୀ ସାହିତ୍ୟରେ ମଣିଷର ଆଶା ଆକାଂକ୍ଷାର ଅପମୃତ୍ୟୁ ଅପ୍ରାପ୍ତି ଏବଂ କୃତକର୍ମ ପାଇଁ ପଶ୍ଚାତାପର ଚିତ୍ର ସ୍ପଷ୍ଟ ପ୍ରତୀୟମାନ । ଯାହାର ଚିତ୍ର କବି ନିତ୍ୟାନନ୍ଦ ନାୟକଙ୍କ ଉକ୍ତ କବିତା ଗ୍ରନ୍ଥରେ ମଧ୍ୟ ସ୍ଥଳେ ସ୍ଥଳେ ଦୃଷ୍ଟିକୁ ଆସେ । ବର୍ତ୍ତମାନର ପୃଷ୍ଠଭୂମିରେ ମଣିଷ ଯେତେବେଳେ ନିରାଶ ହୋଇଯାଏ ତାର ସ୍ୱପ୍ନ ସବୁର ସୁରମ୍ୟ ଅଟ୍ଟାଳିକା ଧରାଶାୟୀ ହେଇଯାଏ, ଭବିଷ୍ୟତ ଅନ୍ଧକାର ଦେଖାଯାଏ ସେତିକିବେଳେ ମଣିଷ ପାଖରେ ଥାଏ କେବଳ ଅତୀତ । ଅତୀତର ସମସ୍ତ କ୍ରିୟାକଳାପ ବିଚରା ଆଦିର ପୁନଃମୂଲ୍ୟାଙ୍କନ କରେ ମଣିଷ ।

କବି ନାୟକଙ୍କ ବାଲିବନ୍ଧ, ପ୍ରେମଚିଠି, ପୁଣିଥରେ ଯଦି, ଚା' ପିଇବା ବେଳ, ବାଲ୍ୟବନ୍ଧୁ, ସବୁଆଡ଼େ ସେଇ ଏକେଲାପଣ, ଗପସପ ବେଳ, ଲକ୍ଷ୍ମୀଛଡ଼ା, ବାଇମନ, ହାତସଫେଇ, ଲକ୍ଷ୍ମଣରେଖା, ଶୂନ୍ୟସ୍ଥାନ ପୂରଣକର, ସେତେବେଳକୁ ନଥିବି ଆଦି କବିତାରେ ଅତୀତ ପ୍ରତି କବିଙ୍କର ମୋହ ପ୍ରତିଫଳିତ ।

ପୁଣିଥରେ ଯଦି କବିତାରେ ସେ କହନ୍ତି ଆରମ୍ଭରୁ ଲେଉଟି ଆସନ୍ତା ଯଦି ଏ ଜୀବନକାଳ ବାଲ୍ୟ କୈଶୋର, ଯୌବନ ପୁଣିଥରେ ସେଇ ସବୁ ଦିନ ଅବିକଳ । ଏମିତି ହବାର ଥିଲା, ଏଡା ହେଇପାରିଥାଆନ୍ତା ଇତ୍ୟାଦିର ଅବସୋସ ନିଆଁରେ ବାରମ୍ବାର ଶିଝିବାକୁ ଆଉ ପଡନ୍ତାନି ।

ସେହିପରି ବାଇମନ କବିତାରେ ବାଇମନ ପାଇଁଏମିତି ଅନେକଥର ଲୋକହସା, ହୀନସ୍ତା ହବାକୁ ପଡ଼େ । ସେଥିପାଇଁ କିନ୍ତୁ ତିଳେ ହେଲେ ମୋର କ୍ଷୋଭ କି ଅଭିମାନ ନଥାଏ । ଜାଣିଚି ସେ ମୋତେ କେତେ ଭଲପାଏ, ଆପଣାର ଭାବେ ।

ରୋମାଣ୍ଟିକ୍ ଭାବଚ୍ଛ୍ୱାସ କଳ୍ପନାପ୍ରବଣତା:

ସାହିତ୍ୟର ଜନ୍ମ କଳ୍ପନାରୁ । ତେଣୁ ପ୍ରତିଟି ସାହିତ୍ୟରେ କଳ୍ପନା ନିଶ୍ଚୟ ଭାବେ ରହିଥାଏ । ତା' ବାହାରେ ମଧ୍ୟ କଳ୍ପନା ଯେ କୌଣସି ସାହିତ୍ୟ କୃତିର ଏକ ମୁଖ୍ୟ ବିଭବ ଏହାକୁ ଅସ୍ୱୀକାର କରାଯାଇ ନପାରେ । ପ୍ରାୟତଃ ପ୍ରତିଟି କାବ୍ୟ ସତ୍ତା ପ୍ରଥମତଃ ରୋମାଣ୍ଟିକ କଳ୍ପନାପ୍ରବଣ । ନଚେତ ସାହିତ୍ୟ ସୃଷ୍ଟି ପାଇଁ ଏକ ଦୁରୂହ ବ୍ୟପାର । ଅନ୍ୟ ଦୃଷ୍ଟିରୁ ବିଚାର କଲେ କଳ୍ପନାର ମଞ୍ଚ ନଦେଲେ ସାହିତ୍ୟର ରସବୋଧ ସୃଷ୍ଟି ସମ୍ଭବ ନୁହେଁ ।

ଏହି ଦୃଷ୍ଟିରୁ କବି ନିତ୍ୟାନନ୍ଦ ନାୟକଙ୍କ ଉକ୍ତ କାବ୍ୟ ଗ୍ରନ୍ଥର କିଛି କବିତାକୁ ବିଚାର କରାଯାଇପାରେ ଯଥା - ପ୍ରେମ, ଚିଠି, ଅଜବ, ବର୍ଷା, ବାଲ୍ୟବନ୍ଧୁ, ଏମିତି ବିତିଯାଉ, ଆହ୍ଲାଦିନୀ,-୨, ହାତ ସଫେଇ, ଶୂନ୍ୟସ୍ଥାନ ପୂରଣକର ଆଦି କବିତାରେ ଏକ ରୋମାଣ୍ଟିକ କଳ୍ପନାପ୍ରବଣ କାବ୍ୟ ସତ୍ତାର ସନ୍ଧାନ ପାଇପାରିବ ।

ତାଙ୍କ ପ୍ରେମଚିଠି କବିତାରେ ଯେତେବେଳେ ଚିରକାଳ ଏକାପରି ପ୍ରେମର ସ୍ୱରୂପ ଭାଷା ରଙ୍ଗ ସ୍ୱର କ'ଣ ଜାଣିବା ଜରୁରୀ କଉଁ ଚନ୍ଦ୍ରଭାନୁ କି ଯକ୍ଷ ଅବା କଉଁ ପ୍ରୀତିକରଶଳା, କାହାର ସେ ଚିଠି କେଉଁଠି ନିଆଁ ପାଣି କାଦୁଆରେ ହଜିଗଲା ଏବଂ ଚିଠି ଲେଖିବା ପାଇଁ କି କାହା ନାଁ ଏବଂ ଠିକଣା ଖୋଜିବା ସବୁ ଅବାନ୍ତର ।

ଅନ୍ୟାନ୍ୟ ଦିଗ :

ଜଣେ ସମୟପୋଯୋଗୀ କବି ଭାବରେ କବି ନିତ୍ୟାନନ୍ଦ ନାୟକଙ୍କ ପ୍ରତ୍ୟେକଟି କବିତାରେ ସମକାଳୀନ ସମାଜର ଚିତ୍ର ସ୍ପଷ୍ଟ ଭାବରେ ପ୍ରତିବିମ୍ବିତ । ସମାଜର ବାସ୍ତବ ଚିତ୍ର କେତେବେଳେ ତାଙ୍କ କବିତାରେ ରୂପ ଲାଭ କରିଛି ତ କେବେ ସମ୍ୟବାଦୀ ସ୍ୱର ତାଙ୍କ କବିତାରେ ସାଜିଛି ମୁଖ୍ୟ ସ୍ୱର । ଯାହାର ଉତ୍କୃଷ୍ଟ ନିଦର୍ଶନ ଯଦି ଖସିପଡ଼ନ୍ତା ଆକାଶ ଓ ଦାନ ମାଝି କବିତାରେ ଲକ୍ଷଣୀୟ ।

ଚିରକାଳ ଏମିତି ସାରାଜୀବନ ଅଳିଅର୍ଦ୍ଦଳି ସହୁଥିବା ଜଣେ ନାରୀର ଦେହ ତୁଳାବସ୍ତା ପରି ଶେଷରେ ହାଲୁକା ହେଇଯାଏ । କାହା ଉପରେ ସେ ଆଉ ବୋଝ ହୁଏନି ନ ହେଲେ କେମିତି ପାରିଥାଆନ୍ତ ହୋ ଦାନ ମାଝି । ପାଞ୍ଚ କି ସାତ ପାହୁଣ୍ଡ ନୁହେଁ ଏକା ଏକା କାନ୍ଧରେ ବୋହି ଚାଲିଆସିଲ ନିର୍ବିକାର ଏକାଥରକେ ଦଶ କିଲୋମିଟର ।

ଏଠାରେ ଦାନ ମାଝି ସାଂପ୍ରତିକ ସମୟ ଓ ସମାଜର କ୍ଷୟିଷ୍ଣୁ ଜୀବନ ଚିତ୍ରର ପ୍ରତୀକ । ସେହିପରି ଭାବେ ତାଙ୍କ କବିତାରେ ନାରବାଦୀ ସ୍ୱର, ସାମାଜିକ ମୂଲ୍ୟବୋଧର ଚିତ୍ର ସାଂପ୍ରତିକ ରୁଗ୍ଣ ସମାଜର ମାନସିକ ତା'ର ଚିତ୍ର ପୁଣି ସମୟ ସମୟରେ ଭାଗ୍ୟବାଦୀ କବି ପ୍ରାଣର ତନ୍ମୟ ଭାବାବେଗ ଅଭିବ୍ୟଞ୍ଜିତା ।

ଏମିତି ଅନେକ ଉଚ୍ଚାଙ୍ଗ, ମୂଲ୍ୟବୋଧ ଓ ଭାବ ବିନ୍ୟାସର ମହା ସଙ୍ଗମ ହେଉଛି କବି ନିତ୍ୟାନନ୍ଦଙ୍କ ସେତେବେଳକୁ ନଥିବି ।

ସହାୟକ ଗ୍ରନ୍ଥସୂଚୀ :

୧. ନାୟକ, ନିତ୍ୟାନନ୍ଦ - ସେତେବେଳକୁ ନଥିବି

୨. ପରିଡ଼ା, କ୍ଷୀରୋଦ ଶାରଳା ପୁରସ୍କାର - ୨୦୨୦ କବି ନିତ୍ୟାନନ୍ଦ ନାୟକ, ନନ୍ଦିକା ଚତୁର୍ଥ ବର୍ଷ ପ୍ରଥମ ସଂଖ୍ୟା ନଭେମ୍ବର ୨୦୨୦ ।

୩. ନାୟକ, ନିତ୍ୟାନନ୍ଦ ତ୍ରସ୍ତ ପଦ୍ମାସନ ମୁଖବନ୍ଧ କବିତା ସମଗ୍ର

୪. ମହାରଣା, ଡ. ସୁରେନ୍ଦ୍ର କୁମାର ଓଡ଼ିଆ ସାହିତ୍ୟର ଇତିହାସ

୫. ପାଢ଼ୀ, ଡ. ବେଣୁଧର - ସାହିତ୍ୟ ତତ୍ତ୍ୱ ପ୍ରାଚ୍ୟ ପାଶ୍ଚାତ୍ୟ, ପ୍ରଥମ ସଂସ୍କରଣ ୨୦୧୮, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ବିନୋଦବିହାରୀ, କଟକ ।

୬. ଶତପଥୀ, ଡ. ନିତ୍ୟାନନ୍ଦ - ସବୁଜରୁ ସାଂପ୍ରତିକ, ସପ୍ତମ ସଂସ୍କରଣ-୨୦୧୭, ଗ୍ରନ୍ଥମନ୍ଦିର, ବିନୋଦ ବିହାରୀ, କଟକ ।

ରେଭେନ୍ସା ମହାବିଦ୍ୟାଳୟ, କଟକ ।

# ହେ ବୀର ଜବାନ

- ଗୋବିନ୍ଦ ବେହେରା

ପଣ୍ଡିତ ଉତ୍କଳମଣି ଗୋପବନ୍ଧୁଙ୍କ ଭାଷାରେ ପଛ ଘୁଞ୍ଚା ନାହିଁ ବୀରର ଜାତକେ ବୀର ମରେ ନାହିଁ ପରାଣ ଆତଙ୍କେ । ଆର୍ଯ୍ୟ ବର୍ତ୍ତର ଏହି ପୁଣ୍ୟଭୂମି ହେଉଛି ଭାରତ ବର୍ଷ । ଯାହା ବୀର ଭୂମି ଜବାନଙ୍କ ଭୂମିରୂପେ ପରିଚିତ । ସବୁଜ ସଫଳା ଶସ୍ୟ ଶ୍ୟାମଳା, ତଟିନୀ ତଟ ମାଳିନୀ, ଗିରି ରାଜ ବିଭାସିନୀ, ସ୍ୱର୍ଣ୍ଣ ପ୍ରସୁ ମୋ ଓଡ଼ିଶା ମାଟି ମୋ ଭାରତ ମାଟି । ସେଦିନ ଏହି ଭାରତ ପବିତ୍ର ସ୍ୱର୍ଣ୍ଣମୟୀ ଉତ୍କଳକୁ ଲୁଣ୍ଠନ କରିବାକୁ ଅନେକ ବିଦେଶୀ ବେପାରୀଙ୍କ ଭିଡ଼ ଜମିଥିଲା ଲୋଲୁପ ଦୃଷ୍ଟିରେ ଶିକାର ହୋଇଥିଲା, ମୋଗଲ, ଫରାସୀ, ତୁର୍କୀ, ଗ୍ରୀକ୍ ପରିଶେଷରେ ଇଂରେଜ ବା ଫିରିଙ୍ଗି ଶାସନ ଆରମ୍ଭ ହୋଇଥିଲା ଏହି ଉତ୍କଳ ଭୂଖଣ୍ଡରେ । ଦ୍ୱିତୀୟ ବିଶ୍ୱ ଯୁଦ୍ଧ ୧୯୧୪ ରୁ ୧୯୧୮ ମସିହାରେ ଅଣୁ ପରମାଣୁର ବହୁଳ ବ୍ୟବହାର ହେତୁ ସାରା ବିଶ୍ୱ ଗଭୀର ଭାବରେ ପ୍ରଭାବିତ ହୋଇଥିଲେ ଦୁଇ ମହାଶକ୍ତିଙ୍କ ପରମାଣୁର ପ୍ରୟୋଗ ଚରମ ଦୂରଦିନକୁ ଡାକି ଆଣିଥିଲା । ପରେ ପରେ ତୁର୍କୀର ଖଲିଫାଙ୍କୁ ମୁସଲିମ ମାନେ ଗିରଫ କରିଥିଲେ । ସେଇ ପ୍ରସଙ୍ଗକୁ ଆଧାର କରି ମୁଣ୍ଡ ଟେକିଲା ଖିଲାପଥ ଆନ୍ଦୋଳନ । ଯାହାର ମୁଖ୍ୟ ଭୂମିକା ନିର୍ବାହ କରିଥିଲେ ମହମ୍ମଦ ଅଲ୍ଲି । ପରେ ପରେ ୧୯୧୯ ମସିହାରେ ନିଖିଳ ଭାରତ କମିଟି ଗଠିତ ହୋଇଥିଲା । ୧୯୨୦ ଅଗଷ୍ଟ ୧ ତାରିଖରେ ଅସହଯୋଗ ଆନ୍ଦୋଳନ ମୁଣ୍ଡ ଟେକିଥିଲା । ଅନେକ ଅନେକ ଭାରତର ନରନାରୀମାନେ ଯୋଗଦାନ ଦେଇଥିଲେ । ଦେଶ ମାତୃକାର ଲାଗି ନିଜକୁ ଉତ୍ସର୍ଗ କରିଥିଲେ । ୧୯୨୧ ମସିହାରେ ଗାନ୍ଧିଜୀ ଓଡ଼ିଶା ଆସିଥିଲେ । ସେଇ ସମୟରେ ଓଡ଼ିଶାରେ ଗୋପବନ୍ଧୁଙ୍କ ନେତୃତ୍ୱରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହୋଇଯାଇଥିଲା । ଏହା ପରେ ପରେ ଉତ୍କଳ ହଜାର ହଜାର ନରନାରୀ ନିଜ ଦେଶଭକ୍ତିର ପରିଚୟ ଦେଇ ବୀର ଦର୍ପରେ ଆନ୍ଦୋଳନମାନ ମୁଣ୍ଡ ଟେକିଥିଲା ଏହି ଭାରତ ଭୂଖଣ୍ଡରେ । ବିଦେଶୀ ବସ୍ତ୍ର ବର୍ଜନ ସରକାରୀ ଚାକିରି, ସ୍କୁଲ କଲେଜ ବର୍ଜନ, ନିଶା ନିବାରଣ, ଅସ୍ପୃଶ୍ୟତା ନିରାକରଣ ଏବଂ ଲବଣ ଆଇନ ଭଙ୍ଗ ଭଳି ଅନେକ ଘନ ଘଟା ଗୁରୁତ୍ୱର କାର୍ଯ୍ୟକ୍ରମରେ ବୀରପୁତମାନେ ଯୋଗଦେଇଥିଲେ । ଗାନ୍ଧିଜୀଙ୍କ କର ବା ମର ଡାକରାରେ ଉଦବୋଧ ହୋଇ ହଜାର ହଜାର ନରନାରୀ ମାନେ ଯୋଗ ଦେଇଥିଲେ । ବାଳୁତ ବୀର ବାଜି ରାଉତ, ଖୁଦିରାମ, ଲକ୍ଷ୍ମଣ ନାୟକଙ୍କ ଅବଦାନ ଥିଲା ଅନ୍ୟତମ । ଗୋରା ବେପାରୀଙ୍କ ଦମନ ଲୀଳାରେ ଦେଶ ଜାତି ପାଇଁ ମାଟି ମା ପାଇଁ ହସିହସି ପ୍ରାଣ ବଳି ଦେଇଥିଲେ । ଓଡ଼ିଶାର ହଜାର ହଜାର ନରନାରୀ ପୋଲିସ ଗୁଳିରେ ପ୍ରାଣ ହରାଇଥିଲେ । ଜୟୀ ରାଜଗୁରୁ ବକ୍ସି ଜଗବନ୍ଧୁ, ବୀର ସୁରେନ୍ଦ୍ର ସାହେବ, ଝାନସୀର ରାଣୀ ଲକ୍ଷ୍ମୀବାଇ ପ୍ରଭୃତି । ସ୍ୱାଧୀନତା ସଂଗ୍ରାମରେ ନିଜକୁ ଝାସ ଦେଇ ଆତ୍ମବଳି ଦେଇ ଥିବା ସେଇ ମହାନ ଅମର ଆତ୍ମାଙ୍କ ତ୍ୟାଗର ତୁଳନା ନାହିଁ । ହେଲେ ଆଜିର ଦେଶର ସୁରକ୍ଷାରେ ନିଜକୁ ନିୟୋଜିତ କରୁଥିବା ଜବାନ ଭାଇମାନଙ୍କର ଅବଦାନ ଏ ଦେଶ ମାଟି ମା ପାଇଁ କେଉଁଥିରେ କମ ନୁହେଁ । ସମସ୍ତେ ନିଜ ଘରେ ତୁଳି ତଳ୍ପ ଶଯ୍ୟାରେ ସୁଖଦ ନିଦ୍ରାଗଲାବେଳେ ଜବାନ ଭାଇମାନେ ଦେଶର ସୀମାନ୍ତରେ ଜାଗ୍ରତ ପ୍ରହରି ପରି ରାତିଦିନ ଖରା ବର୍ଷାକୁ ଖାତିର ନକରି ସେମିତି ଜଗି ରହିଛନ୍ତି । ନିଜ ଜୀବନ ନିଜ ପରିବାର ଓ ନିଜ ସମ୍ପର୍କୀୟଙ୍କୁ ଛାଡ଼ି ନିଜ ସୁଖ ଶାନ୍ତିକୁ ଜଳାଞ୍ଜଳୀ ଦେଇ ଦେଶ ମାଟିର ସେବା ଲାଗି ନିଜକୁ ଉତ୍ସର୍ଗ କରିଛନ୍ତି । କେତେବେଳେ ଜୀବନର ଦୀପ ଲିଭିଯିବ ସେକଥା ସେମାନେ ଜାଣିବି ତିଳେ ମାତ୍ର ନିଜ ଜୀବନକୁ ଲୋଭ କରିନାହାନ୍ତି । କେତେ ବେଳେ ଶତ୍ରୁର ପ୍ରତି ଆକ୍ରମଣରେ ଟଳି ପଡ଼ନ୍ତି ତ କେଉଁଠି ଦେଶ ରକ୍ଷା କରିବାକୁ ଯାଇ । ସତ ସତ ସଲାମ ସେଇ ବୀରପୁତ୍ରମାନଙ୍କୁ ସତ ସଲାମ ମୋ ଉତ୍କଳ ମାଟିମା'କୁ ଓ ତାର ଦେଶ ପ୍ରେମକୁ ତାର ମାତୃତ୍ୱକୁ । ସତରେ ସେହି ମାନେ ହିଁ ଆମ ଦେଶ ଜାତିର ଗର୍ବ ଆଉ ଗୌରବ । ସୁଯୋଗ୍ୟ ସନ୍ତାନ । ଆଜିର ପବିତ୍ର ସ୍ୱାଧୀନତା ଦିବସରେ ସେମାନଙ୍କୁ ମୋର ସତ ସତ ପ୍ରଣାମ ଜୟ ଜବାନ । ଗର୍ବରେ କହିବାକୁ ଇଚ୍ଛା ହେଉଛି ମେରା ଭାରତ ମହାନ ।

ଡାଙ୍ଗମାଳ, କେନ୍ଦ୍ରାପଡ଼ା ।

# ଉତ୍କଳୀୟ ସଂସ୍କୃତିରେ ନୌବାଣିଜ୍ୟ

- ଶ୍ରୀ କୁଞ୍ଜବିହାରୀ ସାହୁ

କଳା, ସଂସ୍କୃତି ପରମ୍ପରା ଏ ସବୁ ଗୋଟିଏ ଜାତିର ବୈଶିଷ୍ଟ । ଗୋଟି, ଜାତି କେତେ ଯେ ସମୃଦ୍ଧ, ତାହା ଜଣା ପଡ଼ିଥାଏ, ତା'ର ସଂସ୍କୃତି ଓ ଐତିହ୍ୟରୁ । ତେଣୁ ନିଜ ଜାତିର ସଂସ୍କୃତି ଓ ପରମ୍ପରାକୁ ସୁରକ୍ଷିତ ଓ ଗୌରବମୟ କରିବା ଏବଂ ତା'ର ବିକାଶଗତ ଉନ୍ନତି ନିମନ୍ତେ ଚେଷ୍ଟା କରିବା ସେହି ଜାତି ପାଇଁ ଦାୟିତ୍ୱବୋଧ ରହିଛି । ଓଡ଼ିଶାର ଅତୀତ ଯେତିକି ସମୃଦ୍ଧ, ତା'ର ଇତିହାସ ସେତିକି ଗୌରବାବହ । ବିଭିନ୍ନ ସମୟରେ ଏହି ଭୂଖଣ୍ଡ କଳିଙ୍ଗ, ଉଡ୍ର, କଙ୍ଗୋଦ, ଉତ୍କଳ ଆଦି ଭିନ୍ନ ଭିନ୍ନ ନାମରେ ପରିଚିତ ଥିଲା । ଇତିହାସ ପ୍ରସିଦ୍ଧ ମହାମେଘ ବାହନ ଖାରବେଳଙ୍କ ରାଜତ୍ୱ ସମୟରେ ସମୃଦ୍ଧି ଉତ୍କର୍ଷର ଚରମ ସୋପାନ ଅତିକ୍ରମ କରିଥିଲା ଏହି ରାଜ୍ୟ । ସମ୍ରାଟଙ୍କ ରାଜସ୍ୱ କାଳରେ ସୁଖ ସମୃଦ୍ଧିରେ କାଳାତିପାତ କରୁଥିଲେ ରାଜ୍ୟବାସୀ । ସାଧବଭାବେ ପରିଚିତ ରାଜ୍ୟର ବ୍ୟବସାୟୀ ଗୋଷ୍ଠୀ ସାତ ସମୁଦ୍ର ଡେଇଁ ବେପାର କରିବାକୁ ଯାଉଥିଲେ ଏବଂ ବୋଇତ ଭର୍ତ୍ତି ସମ୍ପଦ ନିଜ ରାଜ୍ୟକୁ ବୋହି ଆଣୁଥିଲେ । ସେତେବେଳେ ନୌବାଣିଜ୍ୟରେ କଳିଙ୍ଗ ଥିଲା ଶୀର୍ଷରେ ।

ଅତୀତରେ ରାଜ୍ୟର ବିସ୍ତୃତ ସମୁଦ୍ର ଉପକୂଳରେ ଏକାଧିକ ପ୍ରାକୃତିକ ବନ୍ଦର ଥିଲା ଏବଂ ସେ ଗୁଡ଼ିକ ମହାନଦୀ, ବ୍ରାହ୍ମଣୀ, ସୁବର୍ଣ୍ଣରେଖା, ବୈତରଣୀ, ଋଷିକୂଲ୍ୟା, ବୁଢ଼ାବଳଙ୍ଗ ପରି ସୁନାବ୍ୟା ନଦୀ ଗୁଡ଼ିକ ସହିତ ସଂଯୁକ୍ତ ଥିଲେ । କଟକ, ବାଲେଶ୍ୱର, ଜଳେଶ୍ୱର, ଯାଜପୁର, ଚାନ୍ଦବାଲି, ସମ୍ବଲପୁର, ସୋନପୁର, ବିନିକା ପ୍ରଭୃତି ପ୍ରମୁଖ ବାଣିଜ୍ୟକେନ୍ଦ୍ର ଗଢ଼ି ଉଠିଥିଲା । ସାଧବମାନେ ଆଭ୍ୟନ୍ତରୀଣ ଅଞ୍ଚଳରୁ ବିଭିନ୍ନ ବାଣିଜ୍ୟ ସାମଗ୍ରୀ ଯଥା ହାତୀଦାନ୍ତ, ପାନପତ୍ର, ଗୁଆ, ରତ୍ନପଥର, ପାଟବସ୍ତ୍ର ହୀରାନୀଳା, ସୁନାରୂପା କଉଡ଼ି, ପିତଳ ବାସନ, ଧାତୁ ପଥର, ଶିଙ୍ଘ ନିର୍ମିତ ବିଭିନ୍ନ ସାମଗ୍ରୀ ଆଦି ସଂଗ୍ରହ କରି ଉକ୍ତନଦୀ ଗୁଡ଼ିକ ମାଧ୍ୟମରେ ବନ୍ଦରକୁ ଆଣୁଥିଲେ । ଏହାପରେ ବଡ଼ ବଡ଼ ବୋଇତରେ ସେଗୁଡ଼ିକୁ ଲଦି ଦେଶ ବିଦେଶକୁ ନୌଯାତ୍ରା କରୁଥିଲେ । ବିଦେଶରେ ସେ ସବୁ ବିକ୍ରି କରି ଗୋଲମରିଚ ଡାଲଚିନି ଅଳେଇଚ ପ୍ରଭୃତି ମସଲା ଦ୍ରବ୍ୟ ସହ କର୍ପୂର, ମୁକ୍ତା, ସ୍ୱର୍ଣ୍ଣ ଅଳଙ୍କାର ଚିନାମାଟି ନିର୍ମିତ ବିଭିନ୍ନ ବ୍ୟବହାର୍ଯ୍ୟ ସାମଗ୍ରୀ ସେଠାରୁ ଆଣି ସ୍ୱଦେଶରେ ବିକ୍ରି କରୁଥିଲେ ।

କଳିଙ୍ଗ ନୌବାଣିଜ୍ୟର ଇତିହାସ ଖାରବେଳଙ୍କ ସମୟରୁ ମଧ୍ୟ ପୁରୁଣା । ଐତିହାସିକମାନେ ତାଙ୍କ ରାଜତ୍ୱ କାଳ ଖ୍ରୀଷ୍ଟପୂର୍ବ ପ୍ରଥମ ବା ଦ୍ୱିତୀୟ ଶତାବ୍ଦୀକୁ ପରିଚିହ୍ନିତ କରିଛନ୍ତି । ତେବେ ତା ପୂର୍ବରୁ ଖ୍ରୀଷ୍ଟପୂର୍ବ ସପ୍ତମ ଅଷ୍ଟମ ଶତାବ୍ଦୀରେ କଳିଙ୍ଗ ସାଧବମାନେ ଦକ୍ଷିଣ ଏସିଆର ଉପକୂଳବର୍ତ୍ତୀ ବହୁ ଦେଶ ଓ ଦ୍ୱୀପପୁଞ୍ଜ ସହ ବାଣିଜ୍ୟିକ ସମ୍ପର୍କ ସ୍ଥାପନ କରିଥିଲେ ଯାହା କାଳକ୍ରମେ ପ୍ରସାରିତ ହୋଇ ଖାରବେଳଙ୍କ ସମୟରେ ଉତ୍କର୍ଷ ଲାଭ କରିଥିଲା । ଓଡ଼ିଶାର ନୌବାଣିଜ୍ୟରେ ଏହି ସମୃଦ୍ଧ ପରମ୍ପରା ଖ୍ରୀଷ୍ଟାବ୍ଦ ପନ୍ଦର ଷୋହଳ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରଚଳିତ ଥିଲା । ଏହା ଏତେ ପ୍ରସିଦ୍ଧ ଥିଲା ଯେ ବର୍ତ୍ତମାନର ବଙ୍ଗୋପସାଗର ସେତେବେଳେ କଳିଙ୍ଗ ସାଗର ନାମରେ ପରିଚିତ ଥିଲା ।

ପ୍ଲିନିଂ, ଟଲେମି, ଫାହିୟନ, ହୁଏନସାଂଙ୍କ ପରି ବିଦେଶୀ ପରିବ୍ରାଜକମାନେ ସେମାନଙ୍କ ଭ୍ରମଣ ବିବରଣୀରେ କଳିଙ୍ଗର ସମୃଦ୍ଧ ନୌବାଣିଜ୍ୟ ପରମ୍ପରାର ଉଲ୍ଲେଖ କରିଛନ୍ତି । ପ୍ରାଚୀନ ଗ୍ରୀକ୍ ପୁସ୍ତକରେ ମଧ୍ୟ ଏହାର ବିସ୍ତୃତ ବିବରଣୀ ରହିଛି । ସେହିପରି କୌଟିଲ୍ୟଙ୍କ ପ୍ରସିଦ୍ଧ ଅର୍ଥଶସ୍ତ୍ର ଓ କାଳିଦାସଙ୍କ ରଘୁବଂଶମ ପରି ମଧ୍ୟକାଳୀନ ଭାରତର ପ୍ରାଚୀନ ରଚନାରୁ ମଧ୍ୟ ଏ ସମ୍ପର୍କରେ ଯଥେଷ୍ଟ ସୂଚନା ମିଳେ । ଏହି ସବୁ ତଥ୍ୟ ଓ ସୂଚନାରୁ ଜଣାପଡ଼େ ଯେ କଳିଙ୍ଗର ନୌବାଣିଜ୍ୟ ପୂର୍ବ ଦକ୍ଷିଣରେ ବ୍ରହ୍ମଦେଶ, ଇଣ୍ଡୋନେସିଆ, ଥାଇଲାଣ୍ଡ, କାମ୍ବୋଡ଼ିଆ, ମାଲେସିଆ, ଜାପାନ ଓ ଶ୍ରୀଲଙ୍କା ସହ ପଶ୍ଚିମରେ ଆରବ ଓ ପୂର୍ବ ଆଫ୍ରିକା ପର୍ଯ୍ୟନ୍ତ ବିସ୍ତୃତ ଥିଲା । ପ୍ରାଚୀନ କଳିଙ୍ଗର ଶାସକମାନେ ପୋତ ବା ବୋଇତ ନିର୍ମାଣ କୌଶଳରେ ପାରଙ୍ଗମ ଥିଲେ । ସେତେବେଳେ ଆଧୁନିକ ଯୁଗର ମୋଟର ବୋଟ, ଲଞ୍ଚ ଓ ଜାହାଜ ଆଦି ନଥିଲା । ଜଳପଥରେ ଯୋଗାଯୋଗ ଓ ପରିବହନର ଏକମାତ୍ର ଆଧାର ଥିଲା ପାଲଟଣା ଡଙ୍ଗା ବା ବୋଇତ ତା ସତ୍ତ୍ୱେ ସେମାନେ ବୋଇତରେ ଟନଟନ୍ ଓଜନର ସାମଗ୍ରୀ ନେଇ କିପରି ଶହଶହ ମାଇଲ ସାମୁଦ୍ରିକ ଯାତ୍ରା କରୁଥିଲେ ତାହା ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ସେତେବେଳେ ଦିଗନିର୍ଣ୍ଣୟ ପାଇଁ କମ୍ପାସ ନଥିଲା କି ପାଣିପାଗ ସମ୍ପର୍କରେ ଆଗୁଆ ସୂଚନା ପାଇବାର କୌଣସି ବ୍ୟବସ୍ଥା ନଥିଲା । ନାବିକମାନେ ରାତିରେ ଧ୍ରୁବତାରା, ସପ୍ତର୍ଷିମଣ୍ଡଳ, ଦିନରେ ପବନର ଗତି ଦେଖି ଦିଗ ନିର୍ଦ୍ଧାରଣ କରୁଥିଲେ । ସାମୁଦ୍ରିକ ପକ୍ଷୀଙ୍କ ଉଡାଣ ତଥା ସେମାନଙ୍କ ଗତିକୁ ଲକ୍ଷ୍ୟକରି ପାଣିପାଗର ଅନୁମାନ କରାଯାଉଥିଲା ।

ଗ୍ରୀକ୍ ପରିବ୍ରାଜକ ଟଲେମି ନିଜ ରଚନାରେ ସେ ସମୟରେ କଳିଙ୍ଗ ଉପକୂଳରେ ଥିବା ନନିଗଣିଆ, କଟିକର୍ଦ୍ଦମ ଓ କନ୍ନଗର ପରି ଅଚ୍ଛକିଛି ପୋତାଶ୍ରୟର ନାମ ଉଲ୍ଲେଖ କରିଛନ୍ତି । ପରବର୍ତ୍ତୀ ସମୟରେ ପରିବ୍ରାଜକ ଓ ଐତିହାସିକମାନଙ୍କ ଗବେଷଣାଲବ୍ଧ ସୂଚନା ଅନୁସାରେ କଳିଙ୍ଗପଟ୍ଟନମ, ପିଥୁଣ୍ଡା, କୋଶମ, ତିଳସ, ଦୋସରାନ, ଆଦାମ୍, ତାମ୍ରଲିପ୍ତ, ତମଲୁକ, ପକୁରା, ଚେଲିତୋଳ, ଅଜିତା, ଦନ୍ତପୁରୀ, ପାଲେଶରା, ପିପିଲି, ଛାନୁଆ, ଲିଛନପୁର, ସାରଥ, ଧାମରା, ଗୋପାଳପୁର, ଚିଲିକା, ମାଣିକପାଟଣା ମଧ୍ୟ ପୋତାଶ୍ରୟ ଭାବେ ପ୍ରସିଦ୍ଧ ଥିଲା ।

ସିଂହଳୀ ବୌଦ୍ଧଗ୍ରନ୍ଥ 'ଦାଠା ଧାତୁବଂଶ' ଅନୁସାରେ କଳିଙ୍ଗର ବୋଇତ ଗୁଡ଼ିକ ସୁଦୃଢ଼ ଏବଂ ନିରାପଦ ଥିଲା । ଚୀନ ପରିବ୍ରାଜକ ଫାହିୟାନ ଯେଉଁ ବୋଇତରେ ବସି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲେ ସେଥିରେ ତାଙ୍କ ସହ ୨୦୦ ଯାତ୍ରୀ ଚୀନ ଯାତ୍ରା କରିଥିଲେ ବୋଲି ସେ ନିଜେ ଉଲ୍ଲେଖ କରିଛନ୍ତି । ଏଥିରୁ କଳିଙ୍ଗ ବୋଇତର ଆକାର କେତେ ବଡ଼ ଥିଲା ତାହା ଅନୁମାନ କରାଯାଇପାରେ ।

ପ୍ରାଚୀନ କବି ଦୀନକୃଷ୍ଣ ଦାସଙ୍କ 'ପ୍ରସ୍ତାବସିନ୍ଧୁ'ରୁ ତତକାଳୀନ ବୋଇତ ନିର୍ମାଣ ଶୈଳୀର ସମ୍ୟକ ସୂଚନା ମିଳେ ।

ସେ ଲୁହା କାଟଇ କରିପେଟା
ନାବ ଖଞ୍ଜିବାକୁ ଗଢ଼ଇ କଣ୍ଟା
ଦୁଇ ଖଣ୍ଡ ପଟା ଭିତରେ ପଶେ
ଯେସନ ନାରାଚ ଦେହରେ ବସେ ।

କବିଙ୍କ ସମୟରେ ଧାମରା ମୁହାଣରେ ମାସ୍ତୁଲଯୁକ୍ତ ପୋତ ଏବଂ ବାଲେଶ୍ୱରରେ ନଙ୍ଗର ନିର୍ମିତ ହେଉଥିଲା । କଳିଙ୍ଗ ସାଧବମାନେ କେବଳ ବାଣିଜ୍ୟ କରୁନଥିଲେ, ବିଦେଶ ମାଟିରେ ନିଜ ଧର୍ମ, କଳା, ସଂସ୍କୃତି ଓ ପରମ୍ପରାର ପ୍ରଚାର ପ୍ରସାର ମଧ୍ୟ କରୁଥିଲେ । ସେମାନଙ୍କ ଯୋଗୁ ବୌଦ୍ଧ ଧର୍ମ ଓ ଜଗନ୍ନାଥ ସଂସ୍କୃତି ଦକ୍ଷିଣ ଏସିଆରେ ପ୍ରସାରିତ ହୋଇଥିଲା । ବହୁ ସାଧବ ସ୍ଥାୟୀ ବସବାସ କରି ନିଜ ସଂସ୍କୃତିକୁ ସେଠାରେ ପ୍ରତିଷ୍ଠା କରିଥିଲେ । ସେମାନଙ୍କ ମଧ୍ୟରୁ କିଛି ଶାସକ ମଧ୍ୟ ହୋଇ ପାରିଥିଲେ । ୭୫ ଖ୍ରୀଷ୍ଟାବ୍ଦରେ ବାଣିଜ୍ୟ ଉଦ୍ଦେଶ୍ୟରେ ଜାଭା ଦ୍ୱୀପକୁ ଯାଇଥିବା ବହୁ କଳିଙ୍ଗବାସୀସେଠାରେ ସ୍ଥାୟୀ ବାସିନ୍ଦା ହୋଇ ରହିଯାଇଥିଲେ । ସେମାନେ ଏବେ କ୍ଲିଙ୍ଗ ଭାବେ ପରିଚିତ । ପୁଣି ସେଠାକାର ପ୍ରସିଦ୍ଧ ଶୈଳେନ୍ଦ୍ର ରାଜବଂଶର ମୂଳ କଳିଙ୍ଗ ଏବଂ ସେମାନେ ଦୀର୍ଘ ୩ ଶହ ବର୍ଷ ଧରି ଜାଭାକୁ ଶାସନ କରିଥିବା ବହୁ ଐତିହାସିକ ମତ ଦିଅନ୍ତି । ୭ମ ଶତାବ୍ଦୀରେ ବ୍ରହ୍ମଦେଶ ବା ମିଆଁମାରର ନାମ କଳିଙ୍ଗରାଟ ବା କଳିଙ୍ଗରାଷ୍ଟ୍ର ଥିଲା ଏବଂ ତତ୍କାଳୀନ ପ୍ରୋମନଗରୀର ନାମ ଶ୍ରୀକ୍ଷେତ୍ର ଥିଲା । ସେହିପରି ବାଲିର ପ୍ରଥମ ରାଜା କୌଦିନ୍ୟ ମଧ୍ୟ କଳିଙ୍ଗ ସନ୍ତାନ ବୋଲି କୁହାଯାଏ । ପରବର୍ତ୍ତୀ ସମୟରେ ତାଙ୍କ ନାମ ଏହି ରାଜବଂଶର ଉପନାମ ବା ସଂଜ୍ଞାରେ ପରିଣତ ହୋଇଥିଲା । ଏମାନେ ଦୀର୍ଘ କାଳ ଧରି ବାଲିରେ ରାଜତ୍ୱ କରିବା ସହ ମାଳୟ ଅନ୍ତରୀପ ଓ ପଶ୍ଚିମ ଥାଇଲାଣ୍ଡର କିଛି ଅଂଶ ଅଧିକାର କରି ସେଠାରେ ନିଜ ରାଜ୍ୟ ସ୍ଥାପନ କରିଥିଲେ । ସିଂହଳର ପ୍ରଥମ ରାଜା ବିଜୟ ମଧ୍ୟ କଳିଙ୍ଗ ଅଧିବାସୀ ଥିଲେ ।

କଳିଙ୍ଗର ନୌବାଣିଜ୍ୟ ଇତିହାସକୁ ଅନୁଧ୍ୟାନ କଲେ ଜଣାଯାଏ ସେ ସାଧବ ମାନେ ଖ୍ରୀଷ୍ଟପୂର୍ବ ସମୟରୁ ସକ୍ରିୟ ଭାବେ ସିଂହଳ ବା ତତ୍କାଳୀନ ଲଙ୍କଦ୍ୱୀପ, ଜାଭା, ସୁମାତ୍ରା ଓ ବୋର୍ଣ୍ଣିଓ ଦ୍ୱୀପକୁ ବୋଇତରେ ବାଣିଜ୍ୟ କରିବାକୁ ଯାଇ ଫେରି ଆସୁଥିଲେ ନିଜ ଦେଶକୁ । ସାଧବ ପୁଅ ମୁଣ୍ଡରେ ଶୋଭା ପାଉଥିଲା ସୁନା ଜରିଦିଆ ପଗଡ଼ି, ହାତରେ ସ୍ୱର୍ଣ୍ଣ ରୌପ୍ୟର ଅଳଙ୍କାର ଓ ଦେହରେ ଥିଲା ଦାମୀପୋଷାକର ବେହରଣ । ସାଧବମାନେ ସମୁଦ୍ର ତଟରେ ଥିବା ନଦୀ ମୁହାଣ ଦେଇ ନଦୀ ତୀରରେ ଥିବା ବନ୍ଦରରେ ପହଞ୍ଚିଥିଲେ ଏବଂ ବିଦେଶରୁ ଆଣୁଥିବା ପଣ୍ୟଦ୍ରବ୍ୟ ବିକ୍ରୟ କରିବା ପାଇଁ ସେଠାରେ ଗଛିତ ରଖୁଥିଲେ ଏବଂ ସମୟ ସୁଯୋଗ ଦେଖି ବିକ୍ରୟ କରୁଥିଲେ କିମ୍ବା ବିନିମୟ କରୁଥିଲେ । ଅତୀତ ଉତ୍କଳର ଗାରିମାମୟ ନୌବାଣିଜ୍ୟ ଅକ୍ଷାଳ ଟଣା ବୋଇତର ସ୍ମୃତିଗାଥା ଉତ୍କଳୀୟ ସଂସ୍କୃତିକୁ ଅଧିକ ମହିମାମଣ୍ଡିତ କରିଛି ।

ଓଡ଼ିଆମାନେ ବାରମାସରେ ତେର ପର୍ବ ପାଳୁଥିବା ବେଳେ ପ୍ରତ୍ୟେକ ମାସର ନିଜସ୍ୱ ବିଶେଷତ୍ୱ ରହିଛି । ଧର୍ମୀୟ ଧାରଣା ଓ ଆଧ୍ୟାତ୍ମିକତା ଦୃଷ୍ଟିରୁ କାର୍ତ୍ତିକମାସକୁ ମହା କାର୍ତ୍ତିକ ବୋଲି କୁହାଯାଇଛି । କାତ୍ର୍ତିକ ପୂର୍ଣ୍ଣିମାର ମହତ୍ୱ ଅନ୍ୟ ପୂର୍ଣ୍ଣିମା ଠାରୁ ଭିନ୍ନ । ଏହି ଦିନ ପ୍ରତ୍ୟୁଷରୁ ନଦୀରେ ସ୍ନାନ କଲେ ଗଙ୍ଗାସ୍ନାନର ପୁଣ୍ୟ ମିଳେ ବୋଲି ବିଶ୍ୱାସ ରହିଛି । ଶାସ୍ତ୍ରରେ ବର୍ଣ୍ଣିତ ଅଛି ନ କାର୍ତ୍ତିକସମୋ ମାସ, ନବ୍ରତଃ ପଞ୍ଚୁକା ପୁରଃ । କାର୍ତ୍ତିକ ମାସ ପରି ପବିତ୍ର ମାସ ଓ ପଞ୍ଚକ ବ୍ରତ ପରି ଶ୍ରେଷ୍ଠ ବ୍ରତ ନାହିଁ । ଏଇ ମାସରେ ପଡ଼େ ରାଇଦାମୋଦର ବ୍ରତ, ମାସକ ଯାକ ହବିଷ ବ୍ରତ ପାଳୁଥିବା ବ୍ୟକ୍ତି ପୂର୍ଣ୍ଣିମା ଦିନ ଉଦଯାପନ କରନ୍ତି । ଘରେ ତୁଳସୀ ଚଉଁରାକୁ ପୂଜା କରାଯାଏ । ଆକାଶଦୀପ ବସେ । କାର୍ତ୍ତିକ ମାହାତ୍ମ୍ୟ ପାଠ କରାଯାଏ । ଏହି ଦିନ ପ୍ରଭାତରେ ନଦୀରେ ସ୍ନାନ କରି ନଦୀକୂଳରେ ଦାନ କଲେ ବହୁ ପୁଣ୍ୟ ମିଳେ ।

କାର୍ତ୍ତିକ ପୂର୍ଣ୍ଣିମା ଦିନ ମହାଦେବଙ୍କୁ ଦର୍ଶନ କରିବା ଦ୍ୱାରା ସାତ ଜନ୍ମ ପାଇଁ ମଣିଷ ଜ୍ଞାନୀ ଏବଂ ଧନଶାଳୀ ହୁଏ ବୋଲି କୁହାଯାଏ । କଞ୍ଚାକ୍ଷୀର, ମହୁ ଏବଂ ଗଙ୍ଗାଜଳ ମିଶାଇ ଶିବ ଲିଙ୍ଗରେ ଅର୍ପଣ କଲେ ମହାଦେବ ପ୍ରସନ୍ନ ହୋଇଥାନ୍ତି । ଏହି ଦିନ ଚନ୍ଦ୍ର ଉଦୟ ସମୟରେ ଶିବା, ସମ୍ଭୂତି, ସନ୍ତତି, ପ୍ରୀତି, ଅନସୂୟା ଏବଂ କ୍ଷମା ନାମକ ଷଡ଼କୃତିକାଙ୍କୁ ପୂଜା କରିବା ଦ୍ୱାରା ମହାଦେବଙ୍କ ଆଶୀର୍ବାଦ ମିଳିଥାଏ । ଏହି ଦିନ ଅନ୍ନ, ଶର୍କରା, ଦୁଗ୍ଧ ଦାନ କରିବା ଦ୍ୱାରା ଅକ୍ଷୟ ପୁଣ୍ୟ ପ୍ରାପ୍ତି ହୁଏ । ବିଶେଷ କରି ଗରିବ ଲୋକଙ୍କୁ ଅନ୍ନଦାନ କଲେ ଚନ୍ଦ୍ରଗ୍ରହ ଶୁଭ ଫଳ ଦେଇଥାନ୍ତି । ଏହି ଦିନ କରାଯାଇଥିବା ଦୀପ ଦାନ ଦଶଟି ଯଜ୍ଞର ଫଳ ଦେଇଥାଏ ବୋଲି କୁହାଯାଏ । କାର୍ତ୍ତିକ ମାସଟି ସାରା ବ୍ରତ ପାଳନ୍ତି ହିନ୍ଦୁମାନେ ନିରାମିଷ ଭୋଜନ କରି । ବହୁ ଦାନ, ଧର୍ମ ଓ ପୁଣ୍ୟର ମାସ ଏ କାର୍ତ୍ତିକ ମାସର ପୂର୍ଣ୍ଣିମା ହେଉଛି ଓଡ଼ିଆ ଜାତିର ଗୌରବଗାଥାର ସ୍ମାରକୀ । କାର୍ତ୍ତିକ ପୂର୍ଣ୍ଣିମାର ଐତିହାସିକ, ସାଂସ୍କୃତିକ ବୈଶିଷ୍ଟ ହେଉଛି ବୋଇତ ବନ୍ଦାଣ ଉତ୍ସବ । ଅତୀତର ସ୍ମୃତି ମନେ ପକାଇବା ପାଇଁ ଗାଁଗଣ୍ଡା, ପୁରପଲ୍ଲୀ କିମ୍ବା ସହରରେ ମଧ୍ୟ ନଦୀ, ନାଳ ପୋଖରୀରେ କଦଳୀ ପଟୁଆରେ ତିଆରି ବୋଇତ ଭସାଯାଏ । ପାହାନ୍ତାରୁ ସ୍ନାନକରି ନାରୀମାନେ ନଦୀ କୂଳରେ ପୂଜାପାଠ କରି ହରିବୋଲି ଓ ହୁଳହୁଳି ଧ୍ୱନୀ ନିଜର ସୁସଜ୍ଜିତ ବୋଇତକୁ ନଦୀ ପୋଖରୀରେ ଭସାଇ ଦିଅନ୍ତି । ଏତିକିବେଳେ-

'ଆ' କା, ମା'ବୈ,
ଗୁଆ ପାନ ଥୋଇ
ଗୁଆ ପାନ ତୋହର
ମାସକ ଧର୍ମ ମୋହର ।

ଏଭଳି କହି ଡଙ୍ଗା ଭସାଇ ଦିଅନ୍ତି । ଆଷାଢ଼, କାର୍ତ୍ତିକ, ମାଘ ଓ ବୈଶାଖ ଏ ଚାରୋଟି ପ୍ରମୁଖ ଧର୍ମ ମାସ । ତା ମଧ୍ୟରୁ ଶ୍ରେଷ୍ଠ ମାସ ହେଉଛି କାର୍ତ୍ତିକ ମାସ । ବୋଇତ ବନ୍ଦାଣ ଓଡ଼ିଶାର ଅତୀତ ଗୌରବ ଓ ପରମ୍ପରା ସଂଯୋଜିତ । ଓଡ଼ିଶାର ସାମୁଦ୍ରିକ ବାଣିଜ୍ୟ ପରମ୍ପରାର ସୁଦୀର୍ଘ ଐତିହାସିକ ପ୍ରାମାଣିକତାକୁ ଉଜ୍ଜୀବିତ କରିବା ପାଇଁ ଓଡ଼ିଶାର ଅନେକ ସ୍ଥାନରେ ବୋଇତ ବନ୍ଦାଣ ଉତ୍ସବ ମହାସମାରୋହରେ ପାଳିତ ହେଉଥିବା ପରିପ୍ରେକ୍ଷୀରେ ଉତ୍ତରପୀଢ଼ି ନିମନ୍ତେ ପ୍ରେରଣା ଓ ଗବେଷଣାକୁ ପ୍ରୋତ୍ସାହିତ କରି ଆସୁଛି । ଓଡ଼ିଶାର ବାଣିଜ୍ୟିକ ଅଭିବୃଦ୍ଧିକୁ ସାଧକ ଓ ବଣିକମାନେ ଯେପରି ବଞ୍ଚାଇ

ରଖୁଥିଲେ, ଆଜିର ବୋଇତ ବନ୍ଦାଣ ଆୟୋଜନ ହେଉଛି ତାହାର ସ୍ମୃତି ଏବଂ ଅଧ୍ୟୟନକୁ ଅଧିକ ପ୍ରାଞ୍ଜଳ ତଥା ସାବଲୀଳ କରିବା ନିମନ୍ତେ ଅଭିପ୍ରେତ । ଗୋଟିଏ ସଭ୍ୟତା ପାଇଁ ପ୍ରତ୍ୟେକ ଓଡ଼ିଆର କର୍ତ୍ତବ୍ୟ । ବୋଇତ ବନ୍ଦାଣ ଉତ୍ସବ ଆମ ଓଡ଼ିଆ ଜାତିର ସାମୁଦ୍ରିକ ପରମାଧିପତ୍ୟକୁ ମନେ ପକାଇବା ତଥା ଆମ ପରପିଢ଼ିକୁ ଆମର ଗୌରବମୟ ଇତିହାସ ସହିତ ପରିଚିତ କରାଇବା ପାଇଁ ଆବଶ୍ୟକତା ରହିଛି । ପାରସ୍ପରିକ ସ୍ନେହ ଶ୍ରଦ୍ଧା ସୌହାର୍ଦ୍ଦ୍ୟ ଓ ଅତୁଟ ବନ୍ଧନକୁ ବଜାୟ ରଖିବାକୁ ଏବେ ମଧ୍ୟ ଓଡ଼ିଶାର ପ୍ରାୟତଃ ପ୍ରତି ଜିଲ୍ଲାରେ ବୋଇତ ବନ୍ଦାଣ ଉତ୍ସବ ପାଳନ ହେଉଛି । ଅତୀତ ଓଡ଼ିଶାର ସ୍ୱର୍ଣ୍ଣିମ ନୌବାଣିଜ୍ୟର କଥା ବ୍ୟଥାକୁ ନେଇ ବୋଇତ ବନ୍ଦାଣ ଉତ୍ସବ ଗତିଶୀଳ ।

ଅତୀତରେ ଓଡ଼ିଶା ସାଧବ ଓ ବଣିକମାନେ ବାଣିଜ୍ୟ ବ୍ୟବସାୟ କରିବା ପାଇଁ ପାଲଟଣା ବୋଇତ ବା ନୌକାଦ୍ୱାରା ସୁଦୂର ନାରା, ସୁମାତ୍ରା, ବାଲି ଦୀପକୁ ଯାତ୍ରା କରୁଥିଲେ । ବିଭିନ୍ନ ଧନ ସଂପଦ ଧରି ସେ ପ୍ରତ୍ୟାବର୍ତ୍ତନ କରୁଥିଲେ । ବାଲିଦ୍ୱୀପକୁ ଯାତ୍ରା କରୁଥିବାରୁ ଏ ଯାତ୍ରାକୁ ବାଲିଯାତ୍ରା ବୋଲି କୁହାଯାଏ । ଯାତ୍ରାର ପ୍ରାରମ୍ଭରେ ନଦୀ ମୁହାଣ ଓ ସମୁଦ୍ର କୂଳରେ ସାଧବ ବୋହୂ ମାନେ ଶଙ୍ଖ ହୁଳହୁଳି ଦେଇ ବୋଇତ ବନ୍ଦାଇ ବିଦେଶକୁ ପଠାଉଥିଲେ । ଫେରିଲା ପରେ ମଧ୍ୟ ସାଧବ ବୋହୂମାନେ ଏଭଳି ବନ୍ଦାପନା କରି ଘରକୁ ଧନସଂପତି ବୋହି ନେଉଥିଲେ ।

ବୋଇତ ମଙ୍ଗମାନଙ୍କରେ ସାଧବ ପୁଅମାନେ ନିଜର ଇଷ୍ଟ ଦେବୀ ରୂପେ ମାଆ ମଙ୍ଗଳାକୁ ସ୍ଥାପନ କରି ଯାତ୍ରାରମ୍ଭ କରୁଥିଲେ । ସମୁଦ୍ର ଓ ନଦୀରେ ବିପଦ ଆପଦରେ ସେଇ ମାଆ ମଙ୍ଗଳା ହିଁ ସହାୟ ହେଉଥିଲେ । ତଅପୋଇ ବହିରେ ବର୍ଣ୍ଣିତ ହୋଇଥିବା ଖୁଦୁରୁକୁଣୀ ଓଷାରେ ସାଧବ ପୁଅ ବୋଇତ ବଣିଜ କରୁଥିବା କଥା ଲିପି ବଦ୍ଧ ହୋଇଛି । କାର୍ତ୍ତିକ ମାସରେ ସାଧବ ପୁଅମାନେ ଯାତ୍ରା ଅନୁକୂଳ କରି ଆଷାଢ଼ ମାସରେ ଫେରୁଥିଲେ । ସାଧବବୋହୂମାନେ ବୋଇତ ମଙ୍ଗରେ ଥିବା ଅଧିଷ୍ଠାତ୍ରୀ ଦେବୀଙ୍କୁ ବନ୍ଦାପନା କରି ସାଧବ ପୁଅକୁ ମେଲାଣି ଦେଉଥିଲେ ଏବଂ ସ୍ୱାଗତକରି ଘରକୁ ଆଣୁଥିଲେ । ଖୁଦୁରୁକୁଣୀ ଓଷା ଓ ନିଶା ମଙ୍ଗଳବାର ଓଷା ବହି ପ୍ରମାଣ ଦିଏ ଯେ ଓଡ଼ିଶାରେ ନୌବାଣିଜ୍ୟ କେତେ ପ୍ରସିଦ୍ଧି ଲାଭ କରିଥିଲା । ସାଧବ ପୁଅମାନଙ୍କର ଏହି ନୌବାଣିଜ୍ୟ ଉତ୍କଳ ବା କଳିଙ୍ଗରେ ଏକ ମହାନ ପରମ୍ପରା ସୃଷ୍ଟି କରିଥିଲା ।

ଓଡ଼ିଶାର ନୌବାଣିଜ୍ୟ ସପ୍ତଦଶ ଶତାବ୍ଦୀପର୍ଯ୍ୟନ୍ତ ବେଶ ସୁରୁଖୁରୁରେ ଚାଲିଲା । ନୌବାଣିଜ୍ୟ କ୍ଷେତ୍ରରେ ପୁରୀ ସୁବର୍ଣ୍ଣରେଖା ବାଲେଶ୍ୱର ବନ୍ଦର ପ୍ରାଧାନ୍ୟ ବିସ୍ତାର ଲାଭ କରିଥିଲା । ବାଲେଶ୍ୱରରେ ବନ୍ଦର ସେ ସମୟରେ ସର୍ବଦା କର୍ମ ଚଞ୍ଚଳ ଥିଲା । ବାଣିଜ୍ୟ ବ୍ୟବସାୟରେ ପ୍ରସିଦ୍ଧ ଲାଭ କରିଥିବା ଏ ସହରରେ ସେତେବେଳେ ଓଲନ୍ଦାଜ, ଫରାସୀ, ଇଂରେଜ ମଣିକମାନେ ବ୍ୟବସାୟ କରୁଥିଲେ । ବିଦେଶୀ ବଣିକମାନେ ବାଲେଶ୍ୱରରେ ବସତି ସ୍ଥାପନ କରୁଥିଲେ। ପ୍ରାଚୀନ କାଳର ବୋଇତ ବନ୍ଦାଣର ସ୍ମାରକୀ ଆଜି ଆମେ ପ୍ରାଚୀ ନଦୀ ତଟରେ କଟକ ଝିଲୋ ଗ୍ରାମ ନିକଟରେ ଥିବା ବୋଇତ ବନ୍ଦାର ଗଛ ଏକ ବିରାଟ ବରଗଛ କାକଟପୁର ମାଟି ସ୍ତୁପ ବୋଇଦ କୁଦରେ ଦେଖୁ ।

କାଳକ୍ରମେ ବୋଇତ ପରମ୍ପରା ଲୁପ୍ତ ହୋଇଗଲା । ଏବେ ସମୁଦ୍ରରେ ବିରାଟ ଜାହାଜମାନ ଭାସୁଛି କର୍ପୂର ଉଡ଼ିଯାଇଛି । କେବଳ କନା ଖଣ୍ଡିକ ପଡ଼ିରହିଛି । ଏବେ ବୋଇତ ବଦଳରେ ନଈ ପୋଖରୀରେ ଭାସୁଛି, କଦଳୀ ପାଟୁଆ ଓ ସୋଲର ବୋଇତ । ସେଥିରେ ପାନଗୁଆ ରଖି ନାରୀଟିଏ ସ୍ମରଣ କରୁଛି ଆ କା ମା ବୈ । ସଂସ୍କୃତି ଓ ଅପସଂସ୍କୃତିର ଦୋଛକିରେ ଆଜିର ମାନବ ଦଣ୍ଡାୟମାନ । ପରିବର୍ତ୍ତିତ ସାମାଜିକ ପରମ୍ପରା, ପାଶ୍ଚାତ୍ୟ ସଂସ୍କୃତିର ଆକର୍ଷଣ ଓ ତ୍ୱରିତଉନ୍ନତିର ମୋହରେ ଦିଶାହୀନ ଯାଯାବର ପରି ଇତଃସ୍ତତଃ ଧାବକମାନ ଏ ମାନବ ସମାଜ । ସେ ବୁଝିନାହିଁ ସଂସ୍କୃତି ଏକ ବଡ଼ ନିର୍ଜୀବ ଓ ମୃତବତ ପ୍ରକ୍ରିୟାର ସମାହାର ନୁହେଁ, ଏଡା ଜୀବନ୍ତ, ପ୍ରବହମାନ ଓ ଗତିଶୀଳ ସଂସ୍କୃତି ଓ ପରମ୍ପରା ସମାଜର ଜୀବନ ଦର୍ଶନ, କଳା ଓ ଜାତିଗତ ଚରିତ୍ରର ସାମଗ୍ରିକ ପ୍ରତିଫଳନ । ନିଜ ସଂସ୍କୃତି ଓ ପରମ୍ପରାରେ ମୌଳିକତା ଓ ଉତ୍କର୍ଷତାର ଛାପ ରହିଛି । ଓଡ଼ିଶାର ସଂସ୍କୃତି ସମ୍ପନ୍ନ, ପାରମ୍ପରିକ ମୂଲ୍ୟବୋଧ, ଐତିହ୍ୟଦୀପ୍ତ ଓ ଲୁପ୍ତ ଗୌରବକୁ ଆଧାରକରି ଏବଂ ସମକାଳୀନ ବିକାଶଧାରାକୁ ଉପଜୀବ୍ୟ କରି ଓଡ଼ିଆମାନେ ଗୁରୁତ୍ୱପୂର୍ଣ୍ଣ ପର୍ବକୁ ପାଳନ କରିଆସୁଛନ୍ତି ।

ସଂସ୍କାର ସମ୍ପନ୍ନ ସାମଗ୍ରିକ ଜୀବନରେ ପାରମ୍ପରିକ ମୂଲ୍ୟବୋଧ ହେଉଛି ସଂସ୍କୃତି । ଏଣୁ ସଂସ୍କୃତିର ମୂଳ ଅର୍ଥ ସାଧାରଣତଃ ସମାଜର ମାର୍ଜିତ ରୁଚି ଓ ଉନ୍ନତିକୁ ହିଁ ବୁଝାଏ । ସାମୁହିକ ଜୀବନର ନୈତିକତା, ଆଦର୍ଶ, ଆଚାର, ବିଚାର, ଦେବାଦେବୀ, ଯାନିଯାତ୍ରା, ପର୍ବପର୍ବାଣୀ, ସାମାଜିକ ରୀତିନୀତି, ଭାଷା, ସାହିତ୍ୟ, ଧର୍ମ, ରାଜନୀତି, କଳା, ସ୍ଥାପତ୍ୟ, ବିଶ୍ୱାସ, ଅବିଶ୍ୱାସ, ଖାଦ୍ୟପଦାର୍ଥ, ବେଶପୋଷାକ ଓ ବ୍ୟବହାରକୁ ନେଇ ସଂସ୍କୃତି ଗଠିତ । ଉତ୍ତରାଧିକାରୀ ସୂତ୍ରରେ ଏହା ସମୟରୁ ସମୟକୁ ପରମ୍ପରାରୁ ପରମ୍ପରାକୁ ପିଢ଼ି ପରେ ପିଢ଼ିକୁ ବଳବତ୍ତର ହୋଇ ଗତିଶୀଳ ହୋଇଥାଏ । ସମୟାନୁକ୍ରମେ ମାନସିକ ଓ ଶାସ୍ତ୍ରୀୟ ସଂସ୍କୃତି ବଦଳିଥିବା ସ୍ଥଳେ ଲୌକିକ ସଂସ୍କୃତି ତାର ସ୍ୱତନ୍ତ୍ରତା ବଜାୟ ରଖୁଥାଏ । କାରଣ ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳର ପାରମ୍ପରିକ ରୀତିନୀତି ଓ ଜୀବନାଦର୍ଶ ଉପରେ ସଂସ୍କୃତି ପର୍ଯ୍ୟବେସିତ । ସୁଦୀର୍ଘ ଅତୀତରୁ ସାମାଜିକ ଉତ୍ଥାନ ପତନ ଭିତରେ ହିଁ ଉତ୍କଳୀୟ ସଂସ୍କୃତିର ଧାରା ପ୍ରଭାବିତ ହୋଇ ଆସିଛି । ଏହି ମହନୀୟ ସଂସ୍କୃତିର ଯଥାର୍ଥ ଉତ୍ତରାଧିକାରୀ ହେଉଛନ୍ତି ଉତ୍କଳବାସୀ ।

ଦେଉଳବେଡ଼ା କଲୋନୀ, ତାଳଚେର ।

# ସଶସ୍ତ୍ର ସ୍ୱାଧୀନତା ସଂଗ୍ରାମର ମହାନାୟକ ବୀର ସୁରେନ୍ଦ୍ର ସାଏ

- ସରୋଜ କୁମାର ଓଝା

ଓଡ଼ିଶା ରାଜା ରାଜୁଡ଼ା ସମୟଠାରୁ ଆରମ୍ଭ କରି ସ୍ୱାଧୀନତା ପ୍ରାପ୍ତ ହେବା ପର୍ଯ୍ୟନ୍ତ ଗଣବିଦ୍ରୋହ ଲାଗିରହିଥିଲା । ବିଭିନ୍ନ ଘଟଣାବଳୀରୁ ଜଣାପଡ଼େ ଯେ ଓଡ଼ିଶାର ରାଜବଂଶମାନେ ରାଜଗାଦିରେ ବସି ନରପତି ହେବାର ସୁଭାଗ୍ୟ ଅର୍ଜନ କରିବାରେ ଯେଉଁମାନେ ସମର୍ଥ ହୋଇଥିଲେ, ସେମାନେ ବହୁ ସଂଘର୍ଷର ସମ୍ମୁଖୀନ ହୋଇ ସଫଳତାର ଶୀର୍ଷ ସ୍ଥାନରେ ପହଞ୍ଚିଥିଲେ । ଗୋଟିଏ ରାଜବଂଶର ଅବସାନ ପରେ ଆଉ ଗୋଟିଏ ରାଜବଂଶର ଆବିର୍ଭାବ କାଳରେ ଯେଉଁ ସଂଘର୍ଷର ସୂତ୍ରପାତ ହୋଇଥିବ, ସେଥିରେ ନିଶ୍ଚୟ ଓଡ଼ିଶାର ପ୍ରଜାକୂଳ ମାତୃଭୂମିର ସ୍ୱାଭିମାନ ରକ୍ଷା କରିବାକୁ ଯାଇ ଆକ୍ରମଣକାରୀଙ୍କର ଶୀକାର ହୋଇଥିବେ । ଆବାହମାନ କାଳରୁ ଓଡ଼ିଶା ରାଜ୍ୟର ସ୍ୱାଭିମାନ ଓ ସ୍ୱାଧୀନତା ରକ୍ଷା କରିବା ପାଇଁ ଯେଉଁ ବୀର ପୁତ୍ର ଓ ବୀରା ରମଣୀମାନେ ବୀରତ୍ୱର ପରାକାଷ୍ଠା ପ୍ରଦର୍ଶନ କରିଆସିଛନ୍ତି, ତାହା ଅନ୍ୟ କୌଣସି ରାଜ୍ୟର ଇତିହାସରେ ଏପରି ଘଟିଥିବାର ଜଣାପଡ଼େ ନାହିଁ । ସଶସ୍ତ୍ର ସଂଗ୍ରାମର ମହାନାୟକ ଭାବେ ଯେଉଁମାନେ ବୈଦେଶିକ ଶକ୍ତି ସହ ସଂଗ୍ରାମ କରିଥିଲେ, ସେହି ମହାନାୟକଙ୍କ ମଧ୍ୟରୁ ବୀର ସୁରେନ୍ଦ୍ର ସାଏ ଅନ୍ୟତମ ।

ଅତୀତରେ ବହୁ ବୈଦେଶିକ ଶକ୍ତିର ଆକ୍ରମଣରେ ରକ୍ତରଞ୍ଜିତ ହୋଇଉଠିଛି ଓଡ଼ିଶା ମାଟି । ସେହି ବୈଦେଶିକ ଶାସକଙ୍କ ମଧ୍ୟରେ ଫିରିଙ୍ଗୀ ଶାସନ ଏକ ପ୍ରମୁଖ ଶାସନ । ପର୍ତ୍ତୁଗୀଜମାନଙ୍କୁ କୁହାଯାଉଥିଲା ଫିରିଙ୍ଗୀ । ସେମାନେ ଭାରତରେ ପଦାର୍ପଣ କରି ଇଷ୍ଟଇଣ୍ଡିଆ ଗଠନ କରି ବେପାର ଉଦ୍ଦେଶ୍ୟରେ ସାରା ଭାରତକୁ ଶାସନ କଲେ । ବିଦ୍ରୋହର ବହ୍ନି ଜଳିଉଠିଲା । ୧୮୫୭ ଖ୍ରୀ.ରେ ମଙ୍ଗଳ ପାଣ୍ଡେଙ୍କ ନେତୃତ୍ୱରେ ସିପାହୀ ବିଦ୍ରୋହର ସ୍ରୋତ କ୍ରମେ କ୍ରମେ ଓଡ଼ିଶା ମାଟିରେ ପଦାର୍ପଣ କଲା ଓ ସମ୍ବଲପୁରରେ ଏହାର ଝଲକ ପଡ଼ିଲା । ଏହି ବିଦ୍ରୋହ ଝଲକରେ ସମ୍ବଲପୁରର ବୀର ସୁରେନ୍ଦ୍ର ସାଏ ମହାନାୟକ ସାଜିଥିଲେ ।

୧୮୧୭ ଖ୍ରୀ.ରେ ଫିରିଙ୍ଗୀ ମାନଙ୍କ ଦ୍ୱାରା ସମ୍ବଲପୁର ଦଖଲ ହେଲା । ସମ୍ବଲପୁର ମହାରାଜା ସାଏଙ୍କ ମୃତ୍ୟୁ ପରେ ରାଜଗାଦିରେ ବସାଇବା ସମ୍ବନ୍ଧରୁ ସୁରେନ୍ଦ୍ର ସାଏଙ୍କ ଆରମ୍ଭ ହୋଇଥିଲା ମହାବିଦ୍ରୋହ । ୧୮୨୭ ଖ୍ରୀ. ଜାନୁଆରୀ ୨୩ ରେ ସୁରେନ୍ଦ୍ର ସାଏ ଶପଥ ନେଇ କହିଲେ 'ଅସ୍ତ୍ରର ଜବାବ୍ ଅସ୍ତ୍ରରେ ଦିଆଯିବ' । ଏହି ମହା ବିଦ୍ରୋହର ମହାନାୟକ ସୁରେନ୍ଦ୍ର ସାଏଙ୍କୁ ତାଙ୍କ ସାନଭାଇ ସମେତ ଅନ୍ୟମାନେ ସେ ଅଞ୍ଚଳର ସହଯୋଗ କଲେ । ସମ୍ବଲପୁର ବାର ପାହାଡ଼ ଭିତରେ ମୁଣ୍ଡ ଟେକିଥିଲା ବିଦ୍ରୋହୀମାନଙ୍କର ଆତ୍ମାସ୍ଥଳୀ ରକ୍ତ ବିଜଡ଼ିତ ଡେବ୍ରିଗଡ଼ । ଅତର୍କିତ ଭାବେ ଫିରିଙ୍ଗୀ ସୈନ୍ୟ ସେଠାରେ ପଶି ଦେଶଭକ୍ତମାନଙ୍କର ହତ୍ୟାକାଣ୍ଡ ଭିଆଇଲେ । ତପ୍ପରେ ସେଠାକାର ଅଞ୍ଚଳ ଲକ୍ଷ୍ମଣପୁର ସମେତ ଫିରିଙ୍ଗୀ ଅଧିନକୁ ନେଇଗଲେ । ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ବିଦ୍ରୋହ ଚାଲିଲା ଏବଂ ଫିରିଙ୍ଗୀଙ୍କ ଦ୍ୱାରା ଧରାପଡ଼ି ହଜାରିବାଗ ଜେଲ୍ ଗଲେ । ତାପରେ ୧୮୫୭ ରେ କୌଶଳ କ୍ରମେ ହଜାରିବାଗ ଜେଲ ଭାଙ୍ଗି ଖସି ଆସିଥିଲେ ବୀର ସୁରେନ୍ଦ୍ର ସାଏ । ତାପରେ ସୁରେନ୍ଦ୍ର ସାଏଙ୍କ ଆହ୍ୱାନରେ ବିଦ୍ରୋହୀମାନେ ମାତି ଉଠିଥିଲେ । ପୁଣି ଥରେ ବାର ପାହାଡ଼ ଚଞ୍ଚଳ ହୋଇଉଠିଲା । ଫିରିଙ୍ଗୀମାନେ ସୁରେନ୍ଦ୍ର ସାଏଙ୍କ ଗାଁ ଖଣ୍ଡା ଭିତରେ ପଶି ବିଦ୍ରୋହୀମାନଙ୍କୁ ଗିରଫ କଲେ । ହେଲେ ବିଦ୍ରୋହୀଙ୍କ ଫାର୍ଶା ମାଡ଼ରେ ଫିରିଙ୍ଗୀ ଫଉଜିର ଡାକ୍ତର ପ୍ରାଣ ହରାଇଲେ ଏବଂ ଅନ୍ୟମାନେ ବିକଳରେ ଜଙ୍ଗଲ ମଧ୍ୟରେ ପଶି ଲୁଚି ପଳାଇଲେ ।

ଫିରିଙ୍ଗୀ ଡାକ୍ତର ସମେତ ଅନ୍ୟମାନଙ୍କର ହତ୍ୟାକାଣ୍ଡ ପରେ ଫିରିଙ୍ଗୀ ମହଲରେ ଉତ୍ତେଜନା ବୃଦ୍ଧି ପାଇଲା । ଏହି ହତ୍ୟାକାଣ୍ଡର ତଦନ୍ତ କରିବାକୁ ତତ୍କାଳୀନ କମିଶନର ଭି.ଏଫ୍.କକ୍ ବର୍ଣ୍ଣଙ୍କ ନେତୃତ୍ୱରେ ଆସିଲେ ଓ ସୁରେନ୍ଦ୍ର ସାଏଙ୍କ ବିଦ୍ରୋହକୁ ଦମନ କରିବାକୁ ଅନେକ ଫିରିଙ୍ଗୀ ଶାସକଙ୍କୁ ଆମନ୍ତ୍ରଣ କଲେ । ପରବର୍ତ୍ତୀ ସମୟରେ କ୍ୟାପଟେନ ଲି ଓ ତାଙ୍କ ପରେ କର୍ନେଲ ଫର୍ଷ୍ଟର ନିଯୁକ୍ତ ପାଇଲେ । ବହୁ ଲୋମହର୍ଷଣକାରୀ ଘଟଣା ଘଟେଇ ସାରିବାପରେ ମଧ୍ୟ ସୁରେନ୍ଦ୍ର ସାଏଙ୍କୁ ଧରିବା ଫିରିଙ୍ଗୀଙ୍କ ପକ୍ଷେ ସମ୍ଭବ ହେଲା ନାହିଁ । ଠିକ୍ ପରେ ପରେ ଫର୍ଷ୍ଟରଙ୍କ ସ୍ଥାନରେ ଦାୟିତ୍ୱ ବହନ କଲେ ମେଜର ଇମ୍ପେ । ସେ ଉଦାରପନ୍ଥି ସ୍ୱଭାବର ଓ ବିଦ୍ରୋହୀମାନଙ୍କୁ ସହାନୁଭୂତି ଦେଖାଇ ନିଜ ଆଡ଼କୁ ମନେଇ ନେଇଥିଲେ । ୧୮୬୨ ରେ ଫିରିଙ୍ଗୀ ଫଉଜଙ୍କର ବାରମ୍ବାର ଆକ୍ରମଣ ଫଳରେ ଅନେକ ବିଦ୍ରୋହୀ ବିକଳାଙ୍ଗ ଓ ପଙ୍ଗୁ ହୋଇଗଲେ ଏବଂ ଫିରିଙ୍ଗୀ କମିଶନର ସୁରେନ୍ଦ୍ର ସାଏଙ୍କ ବିଦ୍ରୋହକୁ ଦମନ କରିବା ପାଇଁ ବଦ୍ଧପରିକର ହେଲେ । ସମ୍ବଲପୁରରେ ଆତଙ୍କରାଜ ସୃଷ୍ଟି କରିବାକୁ ପଛାଇଲେ ନାହିଁ । ଏପଟେ ୨୬୬୬ ଫୁଟ ଉଚ୍ଚ ଡେବ୍ରିଗଡ଼ ଦୁର୍ଗକୁ ଫିରିଙ୍ଗୀ ସୈନ୍ୟ

ପ୍ରବେଶ କରି ପାରିଲେ ନାହିଁ । ସେଠାରେ ସୁରେନ୍ଦ୍ର ସାଏ ଜଙ୍ଗଲ ମଧ୍ୟରେ ବୁଲି ବୁଲି ଜୀବନ ଯାପନ କରୁଥିଲେ ଏବଂ ଦୁଃସାହସର ସହିତ ନିଜକୁ ଆତ୍ମ ଗୋପନ କରିବା କାଳରେ ବାଉଁଶ କରଡ଼ି ଓ ଝରଣା ପାଣି ପିଇ ସମୟ ବିତାଉଥିଲେ । ୧୮୬୨ ଖ୍ରୀ.ରେ ମେଜର ଇମ୍ପେଙ୍କ ନିକଟରେ ଆତ୍ମସମର୍ପଣ କରିବାକୁ ପରିସ୍ଥିତି ବାଧ୍ୟ କରିଥିଲା । ଇମ୍ପେଙ୍କ ମଣିଷ ପଣିଆ ନିକଟରେ ସମସ୍ତ ଦମ୍ଭ ନଇଁ ପଡ଼ିଥିଲା । ତପୂରେ ସେହି ବର୍ଷ ଫେବୃଆରୀ ମାସକୁ ତାଙ୍କର ପୁଅ ଓ ଅନ୍ୟମାନେ ମଧ୍ୟ ଆତ୍ମ ସମର୍ପଣ କରିସାରିଥିଲେ । ମେଜର ଇମ୍ପେଙ୍କ ଉଦାର ନୀତି ଯୋଗୁଁ ସୁରେନ୍ଦ୍ର ସାଏଙ୍କୁ ମାସିକ ଶହେ ଟଙ୍କା ଲେଖାଏଁ ଭତ୍ତା ମିଳିଲା ଓ ଗିରଫ ନ ହୋଇ ମୁକୁଳାରେ ରହିଲେ । ମାତ୍ର ଫିରିଙ୍ଗୀ ପ୍ରଶାସନ ତାଙ୍କ ସପକ୍ଷରେ ନ ଯାଇ ଗିରଫ କଲେ । ବିଚାର ପରେ ସୁରେନ୍ଦ୍ରସାଏଙ୍କୁ ଆସିରଗଡ଼ ଜେଲରେ ଯାବଜ୍ଜୀବନ ସଜା କାଟିବା ସହିତ ତାଙ୍କ ଜମିବାଡ଼ି ବାଜ୍ୟାପ୍ତ କରାଗଲା । ବନ୍ଦୀ ଜୀବନ ଭିତରେ ତାଙ୍କର ମୂଲ୍ୟବାନ ଦୁଇ ଆଖି ହରାଇ ସମ୍ପୂର୍ଣ୍ଣ ଅନ୍ଧ ହୋଇଗଲେ । ସେହିଠାରେ ୧୯ ବର୍ଷ ବନ୍ଦୀ ଜୀବନ କଟାଇ ଶେଷରେ ୧୮୪୪ ଖ୍ରୀ. ଫେବୃଆରୀ ୨୮ ତାରିଖରେ ଶେଷ ନିଶ୍ୱାସ ତ୍ୟାଗ କଲେ ।

ସୁରେନ୍ଦ୍ର ସାଏଙ୍କ ଦୁଃସାହସିକ କାର୍ଯ୍ୟ, ନିର୍ଭୟ ଜୀବନ ଓ ଧୈର୍ଯ୍ୟ ଇତିହାସ ମନେ ରଖିଛି । ସମ୍ବଲପୁର ମାଟିର ପୁତ୍ର ହିସାବରେ ସେ ଅବିସ୍ମରଣୀୟ ହୋଇ ରହିଛନ୍ତି । ଏପରିକି ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଜଣେ ଆଗଧାଡ଼ିର ସଂଗ୍ରାମୀ ହୋଇ ଚିରସ୍ମରଣୀୟ ହୋଇ ରହିଛନ୍ତି ।

ନରେନ୍ଦ୍ରପୁର, ଭଦ୍ରକ ।

# ବୃକ୍ଷ ଜଙ୍ଗଲ ଓ ସଭ୍ୟତା

- ରାଜୀବ ଲୋଚନ ପାଣିଗ୍ରାହୀ

ବୃକ୍ଷ, ଜଙ୍ଗଲ ଅଛି ବୋଲି ତ ପାଣି ପବନ ଅଛି ଏ ଧରା ପୃଷ୍ଠରେ । ତେଣୁ ଗଢ଼ି ଉଠିଛି ସଭ୍ୟତା ଏଠି । ବୃକ୍ଷ ନଥିଲେ ପବନ ବା ବାୟୁ ନଥାନ୍ତା ପୃଥିବୀ ପୃଷ୍ଠରେ ବାୟୁ ନଥିଲେ ଜଳ ନଥାନ୍ତା ଏଠି ପ୍ରାଣୀ ବଂଚିବା ଅସମ୍ଭବ ହୋଇପଡ଼ନ୍ତା । ଗଛ ନଥିଲେ ଅମ୍ଳଜାନ ନଥାନ୍ତା ଅମ୍ଳଜାନ ନଥିଲେ ପ୍ରାଣୀ ବଂଚିବା ଅସମ୍ଭବ ହୋଇଥାନ୍ତା ଓ ବର୍ଷା ହୋଇନଥାନ୍ତା ଏବଂ ଜଳ ଉତ୍ସ ନଥାନ୍ତା । ଜଳ ଉତ୍ସ ନଥିଲେ ସଭ୍ୟତା ଗଢ଼ି ପାରନ୍ତା ନାହିଁ । ଗୋଟିଏ ସଭ୍ୟତା ସ୍ଥାୟିତ୍ୱ ଜଳ ଉତ୍ସ ନିକଟରେ ପର୍ଯ୍ୟବସିତ ହୋଇଥାଏ । ଜଳ ବିନା ସଭ୍ୟତା ତିଷ୍ଠିବା ଅସମ୍ଭବ । ତେଣୁ ପୂର୍ବରୁ ଯେତେ ସଭ୍ୟତା ରହିଛି ନଦୀ ବା ଅନ୍ୟାନ୍ୟ ଜଳାଶୟ କୂଳେ ରହିଛି । ନଦୀ, ନାଳ ସବୁ ପାହାଡ଼ ପର୍ବତ ଘେରା ଜଙ୍ଗଲରୁ ସମତଳ ସ୍ଥାନ ଆଡ଼କୁ ବହି ସମୁଦ୍ର କିମ୍ବା ହ୍ରଦରେ ମିଶିଥାନ୍ତି ।

ପୃଥିବୀରେ ମଣିଷ ଓ ଇତର ଜୀବଜନ୍ତୁ ବଞ୍ଚିବାର ଆୟୁଧ ହେଉଛି ବୃକ୍ଷ । ବୃକ୍ଷ ଅର୍ଥାତ୍ ଗୋଟିଏ ବୃକ୍ଷ ବା କିଛି ବୃକ୍ଷ ଧରାପୃଷ୍ଠକୁ ପ୍ରାଣୀ ବଂଚିବାର ଆୟୁଧ କରିପାରେନା । ଅସଂଖ୍ୟ ବୃକ୍ଷ ଆବଶ୍ୟକ ଯାହାର ଅବସ୍ଥିତିକୁ ଜଙ୍ଗଲ କୁହାଯାଏ । ଯେଉଁଠି କେବଳ ଇତର ପଶୁ, ପକ୍ଷୀ ସରୀସୃପ ଇତ୍ୟାଦି ରହିଥାନ୍ତି । ପ୍ରଥମେ ମଣିଷ ସେହି ବନ ଜଙ୍ଗଲ ରେ ପଶୁ ପକ୍ଷୀଙ୍କ ଭଳି ରହୁଥିଲା। ବୃକ୍ଷ ଦେହରେ ବସବାସ କରୁଥିଲେ। ଜଙ୍ଗଲରେ ବାସ କରୁଥିଲା । କାଳକ୍ରମେ ବୃକ୍ଷର ବକଳ ପିନ୍ଧିବା ଶିଖିଲା, ବୃକ୍ଷରୁ ଜାଳେଣି ସଂଗ୍ରହ କରି ରାନ୍ଧି ଖାଇବାରେ ଶିଖିଲା । ପୁଣି ପରେ ବୃକ୍ଷରେ ଘର କରି ରହିବାର ଶିଖିଲା, ଜଳାଶ୍ରୟ କୂଳେ ବସବାସ କଲା । ପଶୁଙ୍କୁ ନିୟୋଜିତ କରି ଚାଷ କଲା । ଇତର ଜନଙ୍କ ସାଙ୍ଗରେ ନେଇ ସଭ୍ୟତା ସୃଷ୍ଟି କଲା ଓ ଚାଲି ଚଳଣିରେ ଶୃଙ୍ଖଳା ରକ୍ଷା କରି ସଭ୍ୟ ମଣିଷଟେ ହୋଇ ବଞ୍ଚିବାର ଶିଖିଲା ଯେଉଁଠି ସଭ୍ୟତା ଗଢ଼ି ଉଠିଲା ।

ସବୁର ମୂଳ ବୃକ୍ଷ ଓ ବୃକ୍ଷକୁ ଧାରଣ କରିବା ପାଇଁ ଜଙ୍ଗଲର ଅବସ୍ଥିତି ଅନିବାର୍ଯ୍ୟ ନଚେତ ସଭ୍ୟତା ବଂଚିବା ଅସମ୍ଭବ । ବୃକ୍ଷ ଓ ଜଙ୍ଗଲ ମଣିଷ ଜୀବନର ପ୍ରତ୍ୟେକ ଆବଶ୍ୟକତାରେ ଆସିଥାଏ । ଏଣୁ ସଭ୍ୟତା ବଂଚିବା ଓ ଏହାର ଅବସ୍ଥିତି ଜଙ୍ଗଲ ଉପରେ ନିର୍ଭରଶୀଳ । ଏଣୁ ଜଙ୍ଗଲ ବଂଚିବା ନିହାତି ଆବଶ୍ୟକ । ମଣିଷ ସଭ୍ୟତା ଅଭିବୃଦ୍ଧି ହେବା ପରେ ଜଙ୍ଗଲି ସଭ୍ୟତାରୁ ଗ୍ରାମ, ସହର ଗଢ଼ି ଉଠିଲା, ବିଦ୍ୟା ଶିକ୍ଷା ପାଇଁ ମୁନିଋଷି ମାନେ ଜଙ୍ଗଲରେ ପର୍ଣ୍ଣ କୁଟୀରରେ ରହି ନିଜ ଶିଷ୍ୟମାନଙ୍କୁ ଶିକ୍ଷାଦାନ କରୁଥିଲେ । ଯାହା ଆମେ ପୁରାଣ, ଇତିହାସ, କିମ୍ବଦନ୍ତୀରୁ ଜଣାପଡ଼େ । ଆଧୁନିକ ଯୁଗରେ ପଞ୍ଚସଖାଙ୍କ ବକୁଳ ବନ ବିଦ୍ୟାଳୟ ଏହାର ଏକ ଉଦାହରଣ । ମନୁଷ୍ୟ ଜୀବନକୁ ଚାରି ଭାଗରେ ବିଭକ୍ତ କରାଯାଇଥିଲା ଯାହାର ଶେଷଭାଗ ଜଙ୍ଗଲରେ ରହି ସନ୍ୟାସ ନେଇ ଭାଗବତ ପ୍ରାପ୍ତି । ଜଙ୍ଗଲର ଆବଶ୍ୟକତା ଯୁଗେ ଯୁଗେ ରହିଛି । ବୃକ୍ଷକୁ ଆମ ସଂସ୍କୃତିରେ ଦେବା ଦେବୀଙ୍କ ବାସସ୍ଥାନ କୁହାଯାଏ ଓ ପୂଜା କରାଯାଏ । ବୃକ୍ଷ ପୂଜାର ମହତ୍ତ୍ୱ ପୁରାଣ ଆର୍ଯ୍ୟୁବେଦ ଶାସ୍ତ୍ରରେ ବର୍ଣ୍ଣିତ ଅଛି । ଆୟୁର୍ବେଦର ଜନକ କୁହାଯାଉଥିବା ମହାନ ସନ୍ଥ ଧନ୍ୱନ୍ତରୀଙ୍କ ବିଦ୍ୟା ଶିକ୍ଷା ପରେ ଗୁରୁଙ୍କ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ପ୍ରତ୍ୟେକ ବୃକ୍ଷଲତା, ଗୁଳ୍ମ, ତୃଣ ଜାତୀୟ ସମସ୍ତଙ୍କର ଔଷଧୀୟ ଗୁଣକୁ ପରଖିଥିଲେ ଓ ଗୁରୁଙ୍କୁ ଆସି ଉତ୍ତର ଦେଇଥିଲେ ଯେ କୌଣସି ଏମିତି ବୃକ୍ଷାଦି ପାଇଲିନାହିଁ ଯାହାର କୌଣସି ଔଷଧୀୟ ଗୁଣ ନାହିଁ ।

ସାମ୍ପ୍ରତିକ ସଭ୍ୟତା ବଢ଼ି ଚାଲିଛି ଯାହା ଜଙ୍ଗଲ ସଫା ହେବା ସହ ବୃକ୍ଷ ଏତେ ପରିମାଣରେ ନଷ୍ଟ ହୋଇଛି ଯେ ନିକଟରେ ଘଟିଥିବା ମହାମାରୀରେ ଅମ୍ଳଜାନ ଅଭାବଜନିତ ମୃତ୍ୟୁ ବିଭୀଷିକାର ରୂପ ଧାରଣ କଲା । ପୂର୍ବରୁ ଥିଲା ବୃକ୍ଷଟିଏ ଯଦି ଫଳ, ଫୁଲ ଦେଇ ନ ପାରିଲେ ଛାଇ ତ ଦେବ । ତେଣୁ ସଂସ୍କୃତିରେ ଲେଖା ଅଛି

ସେବିତବ୍ୟୋ ମହାବୃକ୍ଷ ଫଳଂ ଛାୟା ସମନ୍ୱିତଃ<br>ଯଦି ଦୈବାତ ଫଳଂ ନାସ୍ତି ଛାୟା କେନ ନିବାର୍ଯ୍ୟତେ ।

ଏମିତିକି ଛାଇ ଅଭାବରୁ ପ୍ରବଳ ରୌଦ୍ର ତାପରେ ଅଂଶୁଘାତ ମୃତ୍ୟୁ ମଧ ମଣିଷ ସମାଜ ଭୋଗି ସାରିଛି । ସେବେଠାରୁ ବନୀକରଣ ଓ ସାମାଜିକ ବନୀକରଣକୁ ଗୁରୁତ୍ୱ ଦିଆଗଲା । ତଥାପି ଜଙ୍ଗଲ ପଦା ହେବା, ରାସ୍ତା ପ୍ରଶସ୍ତିକରଣ ପାଇଁ ରାସ୍ତାକଡ଼ ବୃକ୍ଷ ଛେଦନ, ସରକାରୀ ପକଳ୍ପ ପ୍ରତିଷ୍ଠା ଓ ବେସରକାରୀ ନିର୍ମାଣ ପାଇଁ ବହୁ ବୃକ୍ଷ ବଳି ପଡ଼ିଥାନ୍ତି । ଏବେ ଏମିତିକା ଜ୍ଞାନ କୌଶଳର ଉନ୍ନତି ହେଲାଣି ଯାହା ଗୋଟିଏ ବୃକ୍ଷକୁ ସ୍ଥାନାନ୍ତର କରାଯାଇପାରିବ । ଏହି ବ୍ୟବସ୍ଥା ଆପଣେଇଲେ ପ୍ରକୃତ ମଣିଷ ସଭ୍ୟତାର ସ୍ଥିତି ଜାହରି ହୋଇପାରିବ । ଏବେ ମଣିଷ ଗବେଷଣା କରି ଅମ୍ଳଜାନ ସୃଷ୍ଟି କରିବା, ମଙ୍ଗଳ ଗ୍ରହରେ ଜୀବସ୍ମ ସୁରକ୍ଷିତ ରହିବା ଭଳି ତଥ୍ୟ ସମାଜକୁ ଦେଇପାରିଛି । କିନ୍ତୁ ସୁନ୍ଦର ବୈଚିତ୍ରମୟ ପୃଥିବୀରୁ ମଣିଷ ପୋକ, ମାଛି ପରି ମରିବାକୁ ବସିଲାଣି । ବିଜ୍ଞାନ ଏଠି ଅକୃତକାର୍ଯ୍ୟ ହେବାକୁ ବସିଲାଣି । ଏହାର ଏକ ସମାଧାନ ସରକାରୀ, ବେସରକାରୀ ସାମୁହିକ ସ୍ତରରେ ବୃକ୍ଷ ସଂଖ୍ୟା ବୃଦ୍ଧି, ବନୀକରଣ, ଥିବା ବୃକ୍ଷର ସୁରକ୍ଷା ହିଁ ସଭ୍ୟତା ବଞ୍ଚିବାର ଏକମାତ୍ର ଆୟୁଧ ଯାହା ପରିବେଶକୁ ସଫା ରଖିବା ସହ ତାପମାତ୍ରା ନିୟନ୍ତ୍ରଣ କରିବ । ଏହା ଏବେ ଏମିତି ଭୟାବହ ରୂପ ନେଇଛି ଯେ ଡାକ୍ତର ଓ ସୁରକ୍ଷାକର୍ମୀମାନେ ବ୍ୟବହାର କରିଥିବା ପିପିକିଟ ନଷ୍ଟ କରିବା ଜନିତ ସୃଷ୍ଟ ପ୍ରଦୂଷଣକୁ ସମାଧାନ କରିବାକୁ କେତେ ବର୍ଷ ଆବଶ୍ୟକ । ଏଣୁ ସାମ୍ପ୍ରତିକ ପରିସ୍ଥିତିରେ ବୃକ୍ଷ ହିଁ ଜୀବନ ଜିଇଁବାର ମାର୍ଗ ଅଟେ ।

ବିଶ୍ୱ ପରିବେଶ ପାଇଁ ମୋର ଏକା ଅନୁଚିନ୍ତା ହେଲା -<br>ପରିବେଶ ପରିମଳର ସୁରକ୍ଷା<br>ଯା ହୃଦେ ଜନମି ନାହିଁ<br>ଏ କଳି କାଳରେ ଦୁନିଆରେ<br>ତାକୁ ବଞ୍ଚିବାକୁ ସ୍ଥାନ ନାହିଁ<br>ବିଶ୍ୱ ତାପନରେ ବଞ୍ଚିବାଟା କଷ୍ଟ<br>ବିନା ଅମ୍ଳଜାନେ ରହି<br>ଜଳ ବିନା ମାଛ ବଞ୍ଚିବ ଯେମିତି<br>ବଞ୍ଚଥାରେ ଜନ ତୁହି ।

ଆସିକା, ଗଞ୍ଜାମ ।

# ଚିରା ପୋଷାକ

- ଦୁଷ୍ମନ୍ତ ବେହେରା

ସହର ଠାରୁ ବହୁ ଦୂର ମଫସଲ ଗାଁଟିଏ । ଜୁନାମହୁପୁର, ସେ ଗାଁରେ ବାସ କରନ୍ତି ସେଫାଳିଙ୍କ ପରିବାର । ସେଫାଳିକୁ ଏଗାର ବର୍ଷ ବୟସ ହୋଇଥାଏ । ତା'ର ସାନ ଭାଇ ବୁନୁକୁ ପାଞ୍ଚ ବର୍ଷ ହୋଇଥାଏ । ସେହି ବର୍ଷ ବାପା ମାଆ ରୋଗରେ ପୀଡ଼ିତ ହୋଇ ସବୁଦିନ ପାଇଁ ଚାଲିଗଲେ ।

ଦୁଃଖ ଯେମିତି ମୁଣ୍ଡ ଉପରେ ପାହାଡ଼ ପରି ଛିଡ଼ା ହୋଇଛି । ଚାଳଛପର ମାଟିଘରଟି ଚାହାଣିର ଅଙ୍କାବଙ୍କା ସ୍ମୃତି ଗୁଡ଼ିକ ମନେ ପକାଇ ଦଉଛି । ଦଦରା ଦୁଃଖର ମଲାଟି ଛପା ପୃଷ୍ଠା କେମିତି ଚିରି ପାରିବ । ଜାଉଁଳି କବାଟ ଘର ପିଣ୍ଡା କହି ଦେଉଥିଲା ଦୁଃଖରେ ସାମ୍ନା କରୁଥିବା ମଣିଷ ଦିନେ ନିଶ୍ଚୟ ଜିତିବ ।

ଏଣେ ଗାଁରେ ଲୋକ କହୁଥିଲେ ସେଫାଳି ତୁ ଅଲକ୍ଷଣୀ ଦରଭଙ୍ଗା ଜୀବନ ଏଇ ନିଜର ଦୁଃଖ ସରୁ କି ନସରୁ ଛୋଟ ଭାଇ ବୁନୁର ଦୁଃଖ ବୁଝିବୁ । ଦାଣ୍ଡ ପିଣ୍ଡାର ଚାଳ ଖୁଣ୍ଟକୁ ଆଉଜି ଦୁଃଖଭରା ମନଟା ଭାବୁଥିଲା ସତରେ ମୁଁ କ'ଣ ଅଲକ୍ଷଣୀ । ଆଖି ଦୁଇଟିରୁ ଛଳ ଛଳ ଲୁହ ଧାର ମୁହଁରେ ବିନ୍ଦୁ ବିନ୍ଦୁର ଅକାନ୍ତ ଗଭୀର ଢ଼େଉ ପରି ଭାସୁଥିଲା । ପୁଣି ଭାବିଲା ନିଆଁ ଲଗା ମନଟା କ'ଣ ଶାନ୍ତିରେ ବସିବାକୁ ଦଉଛି । ଆରେ ଏଣେ ବୁନୁର ଭବିଷ୍ୟତ ଶୀତଳ ଛାୟା ମୁରୁଜ ପରି ହସି ବିଛେଇ ହୋଇ ଭାସି ଯାଉଛି । କିନ୍ତୁ ବୁନୁ ସେ ତୋ ଛୋଟ ପିଲା ତାର ଭବିଷ୍ୟତ ମୋତେ ଦେଖିବାକୁ ପଡ଼ିବ । ଭାବୁଭାବୁ ଆମ ଘରେ ତ ସିଲେଇ ମେସିନ ଅଛି ବାପା ସିଲେଇ କରନ୍ତି । ମୁଁ ତାଙ୍କ ସହିତ ସିଲେଇ ଟିକେ ଟିକେ ଶିଖିଛି । ଆଉ ଗାଁ ଲୋକଙ୍କର ଘର ଘରକୁ ବୁଲି ଲୁଗା ପଟା ଆଣି ସିଲେଇ କରିବି । ଠିକ୍ ସେହି ସମୟରେ ବୁନୁ ଆସି କହିଲା ନାନୀ କଣ ଖାଇବି ମୋତେ ଭାରି ଭୋକ ଲାଗିଲାଣି ।

ତୁ ରହ ମୁଁ ଗାଁ ଆଡ଼େ ଯାଉଛି କିଛି ମାଗିକି ଆଣିଲେ ତୁ ଖାଇବୁ । ଗାଁ ଲୋକ ସେଫାଳିକୁ ଦେଖୁ ଦେଖୁ ଏ ତ ଅଲକ୍ଷଣୀ ଆସିଛି, ଏ କଥା ଶୁଣି ସେଫାଳି ଦୁଇଗୋଡ଼ ଧିରେ ଧିରେ ଆଗକୁ ବଢ଼ାଇ ଭାବିଲା ଏମାନେ ପେଟର ଭୋକ କେମିତି ବୁଝିବେ । ମୁଁ ଅଲକ୍ଷଣୀ କି ନୁହଁ ତଥାପି ମୁଁ ବଞ୍ଚିବି । ଏ ବୁନୁ ପାଇଁ । ଏ ତ ସଂସାର ଭଲ ଦେଖିଲେ କହିବେ ମନ୍ଦ ଦେଖିଲେ କହିବେ । ଦିନେ ନିଶ୍ଚୟ ଏମାନେ ନିଜର ଭୁଲ ବୁଝି ପାରିବେ ।

ଘରକୁ ଘର ବୁଲି ଲୁଗାପଟା ଆଣିଲା ଓ ତା ସାଙ୍ଗକୁ ଖାଇବା ଆଣିଲା । ଧିରେ ଧିରେ ଦିନ ପରେ ଦିନ ଗୁଡ଼ାକ ବିତିବାକୁ ଲାଗିଲା ।ଗାଁ ବିଦ୍ୟାଳୟରେ ବୁନୁ ପାଠ ପଢ଼ିବା ପାଇଁ ନାମ ଲେଖାଇ ଦେଲା ସେଫାଳି । ଏଣେ ଓଳିଏ ଖାଇଲେ ଓଳିଏ ଉପାସ ।

ଗୋଟିଏ ବର୍ଷ ପରେ ଗୋଟିଏ ବର୍ଷ ବିତିବାକୁ ଲାଗିଲା । ବୁନୁ ତୃତୀୟ ଶ୍ରେଣୀରେ ପଢୁଥାଏ । ରାତି ସମୟ ଘଡ଼ଘଡ଼ି ସହ ବର୍ଷାହେଲା କିନ୍ତୁ ତିନିବର୍ଷ ହେଲା ଛପର ହୋଇନାହିଁ ଅବା ଏତେ ପଇସା କୋଉଠୁ ଆସିବ ଯେ ଘର ଛପର କରିବ । ରାତି ଯେତିକି ଯେତିକି ବଢୁଥାଏ ବିଜୁଳି ବର୍ଷା ସେତିକି ସେତିକି ବର୍ଷୁଥାଏ । ଚାଳବାଟ ଦେଇ ବର୍ଷା ଠୋପାଗୁଡ଼ିକ କଣା ବାଟ ଦେଇ ତଳେ ଠପ୍‌ଠପ୍ କରି ପଡ଼ିଲା । ବୁନୁ ଶୋଇଥିବା ଜାଗାରୁ ଉଠିପଡ଼ି ନାନୀ ପାଣି ପଡୁଛି ଘରର କୋଣ ଗୋଟିଏ ପାର୍ଶ୍ୱ ମାଟି କାନ୍ଥକୁ ଆଉଜି ଚାଳ ଛପରକୁ ଅନାଇ ଠୋପା ପଡୁଥିବା ଜାଗାରେ ଘରେ ଯାହା ଜିନିଷ ଥିଲା ସେଇ ସେଇ ଜାଗା ଗୁଡ଼ିକରେ ଥୋଇଦେଲେ ।

ସେଫାଳି ଠୋପା ଗୁଡ଼ିକୁ ଅନାଇ କହିଲା ଆସିଲୁ ଯେ ଭଲ ହେଲା ଆମ ଚାଳ ଛପର କଣା ଦେଇ ଗଳି ପଡ଼ିଲୁ କିନ୍ତୁ ଆଉଜା ମନକୁ ଦରଦ ଦେଇ ଲକ୍ଷ୍ୟକୁ ଭିଜାଇ ଦେଇ ନିଦ ମାଉସୀକୁ ଉଠାଇ ଦେଲୁ । ଠପ୍ ଠପ୍ ପଡ଼ିଲୁ ଭାସୁଭାସୁ ଭାସିଲା ଆମ ଜୀବନ ଇଏତ ଆମର ନିତି ଦିନିଆ ଆଶାର ଚୂନା ସପନ । ପୁଣି ସେଫାଳି ଚାଳ ଉପରକୁ ଅନାଇ କହିଲା -

ଆଃ ଆଃ ଆଉ କ'ଣ ରହିଲା ଯେ ଆମ ଜୀବନରେ ତୁମେ ଭିଜେଇ ଦବ । ଆମେ ତ ଏମିତି ଦୁଃଖରେ ଭିଜି ଯାଉଛି । ଆରେ ଆରେ ଠୋପା ଦେହର ଚିକ୍କଣ ଖଦଡ଼ ଦେଖି ଦେହ ଉଠାଣିକୁ ମନ ଗଡ଼ାଣି ଗଡ଼ି ଯାଉଛି ଆମେ ଦୁନିଆମୂଳେ । ଧିରେ ଧିରେ ବର୍ଷା ଛାଡ଼ିଗଲା ।

କିଛି ବର୍ଷ ପରେ ବୁନୁ ଗାଁ ବିଦ୍ୟାଳୟରୁ ଦଶମ ଶ୍ରେଣୀରେ ପ୍ରଥମ ହୋଇ ପାସ୍ ହେଲା । କଲେଜ ପଢ଼ିବାକୁ ସହରକୁ ଯିବାପାଇଁ ବୁନୁ ଆସି ସେଫାଳି ନାନୀକୁ ସବୁକଥା କହିଲା । ତୁମେ କ'ଣ ମୋତେ ପଢ଼େଇ ପାରିବ । ସେଫାଳି କହିଲା କାହିଁକି କାହିଁକି ନୁହଁ ଚେଷ୍ଟା କରିବା । ତୁ ପୁଣି ଗାଁ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ପଢ଼ିଲୁ ଆଉ ଆଜି ସହର ଗଲେଜରେ ତୋର ନାମ ଲେଖା ହେବ ।

ଦିନ ପରେ ଦିନ ଗଲାପରେ ବ୍ୟାଗରେ ଜିନିଷ ସକାଳୁ ସକାଳୁ ସେଫାଳିର ମନେ ପଡ଼ିଲା ବୁନୁର ଭଲ ପୋଷାକ ଖଣ୍ଡେ ନାହିଁ । ସହରରେ ଭଲ ଭଲ ଲୋକଙ୍କ ସହିତ କେମିତି ମିଶିବ ଓ ପଢ଼ିବ । ଏଠୁ ସେଠୁ ଧାର କରି ଓ ସିଲେଇରୁ ଯାହା ରୋଜଗାର ହୋଇଥିଲା ସେଫାଳି ସେ ଟଙ୍କାକୁ ନେଇ ଭଲ ପୋଷାକ ଖଣ୍ଡିଏ କିଣି ଆଣି ବୁନୁ ଯିବା ସମୟରେ ଦେଲା ।

ଗାଁ ବସଷ୍ଟାଣ୍ଡରେ ବସକୁ ଅପେକ୍ଷା କରୁଥାନ୍ତି ବୁନୁ ଓ ସେଫାଳି । ଦଶ ପନ୍ଦରମିନିଟ ଗଲାପରେ ବସ ଆସି ଷ୍ଟାଣ୍ଡରେ ପହଞ୍ଚିଲା । ସେଫାଳି କହିଲା ମନ ଦେଇ ପଢ଼ିବୁ ଟଙ୍କା କଥା ଚିନ୍ତା କରିବୁ ନାହିଁ । ଆଉ କିଛି ଟଙ୍କା ଆଣିଛି ନେ ତୋ ପାଇଁ ଆଉ ଖଣ୍ଡିଏ ସାର୍ଟ କିଣିଛି ନେଇକି ସାଙ୍ଗରେ ଯା ଭୋକ ହେଲେ ଟଙ୍କା ଅଛି ତୋ ପାଖରେ କିଣିକି ଖାଇବୁ । ଆଉ କିଛି ଟଙ୍କା ପାଖରେ ରଖିଥିବୁ କାମରେ ଆସିବ । ବୁନୁ ସେଫାଳିର ପାଦ ଛୁଇଁ ପ୍ରଣାମ କରି ବସ ଉପରକୁ ଗଲା । ଗଲାବେଳକୁ ସେଫାଳି କହିଲା ମନଦେଇ ପଢ଼ିବୁ ସହରରେ ବେଶି ବୁଲିବୁ ନାହିଁ ଏକଥା କହୁ କହୁ ସେଫାଳିର ଆଖିରୁ ଲୁହ ବୋହି ଆସିଲା । ଲୁହକୁ ପୋଛିଦେଇ ଘରକୁ ଫେରି ଆସିଲା ସେଫାଳି ।

ଦଶବର୍ଷ ଗଲା ପରେ ବୁନୁର ପାଠ ପଢ଼ା ସରିଲା ଓ ସହରରେ ଏ କ୍ଲାସ ଅଫିସର ହୋଇଗଲା । ସରକାରୀ ଚାକିରି ଟଙ୍କାର ଅଭାବ ନାହିଁ ସରକାରୀ କର୍ଣ୍ଣାଟକର ଆଉ ଏହାରି ଭିତରେ ଗାଁ କଥା କି ସେଫାଳି କେମିତି ଥିବ ସେ କଥା ମନେ ପଡ଼ିଲା ନାହିଁ । ଓଃ ଏ

ତ ସହର ସାଙ୍ଗସାଥି ଶିକ୍ଷିତ ସରକାରୀ ବାବୁ ବଡ଼ ବଡ଼ ଲୋକ ଆଭିଜାତ୍ୟରେ ପଡ଼ି ଗାଁ ଓ ସେଫାଳି କଥା ମନେ ପଡ଼ିଲା ନାହିଁ । ସହରର ସୁନ୍ଦରୀ ଝିଅ ହେମାଙ୍କ ସହିତ ବାହାଘର ଠିକ୍ ହେଲା । ଦୁହେଁ ବାର ତିଥିରେ ବାହାହେଲେ । କିନ୍ତୁ ବୁନୁର ଗାଁ ସେଫାଳିର କଥା ମନେ ପଡ଼ିଲାନାହିଁ । ଦିନ ପରେ ଦିନ ମାସ ପରେ ମାସ ଏବଂ ବର୍ଷ ପରେ ବର୍ଷ ବିତି ଚାଲିଲା ।

ଦିନେ ସେଫାଳିର ବୁନୁର କଥା ମନେ ପଡ଼ିଲା । ଆଉ ବୁନୁ ଚିଠି ଖଣ୍ଡେ ବି ଦେଉନାହିଁ କି କିଛି ଖବର ଦଉ ନାହିଁ । ଆଉ ମୁଁ ବୁଢ଼ି ହୋଇଗଲିଣି । ଯାଉ ସହରକୁ ଥରେ ବୁନୁକୁ ଦେଖି ଆସିବି ତା ପସନ୍ଦର ଖିରି ନେଇ ଯିବି ସାଙ୍ଗରେ ।

ସକାଳୁ ବାହାରି ପଡ଼ିଲା ସହର ଅଭିମୁଖେ ସେଫାଳି । ହାତରେ ବାଡ଼ି କାଖରେ ଗଣ୍ଠିଲି ଧରି ସହରର ବସ ଷ୍ଟାଣ୍ଡରେ ଓହ୍ଲାଇ ଲୋକଙ୍କୁ ପଚାରି ବୁନୁର କ୍ୱାର୍ଟର ଠିକଣା ପଚାରି କ୍ୱାର୍ଟରରେ ପହଞ୍ଚିଲା । ଘର ଆଗରେ କଲିଙ୍ଗ ବେଲ ବଜାଇ ପୁଣି ଡାକିଲା କିଏ ଅଛ ? ଶବ୍ଦ ଶୁଣି ଘର ଭିତରୁ ହେମା ବାହାରି ଆସି ଦେଖିଲା ଜଣେ ବୁଢ଼ି ଲୋକ ଛିଡ଼ା ହୋଇଛି । ଲାଗୁଥିଲା ଏମିତି ଜଣେ ଭିକାରୁଣୀ ବୋଲି କ'ଣ ହେଲା ଆଜ୍ଞା ମା', ବାବୁ ଘରେ ନାହାନ୍ତି । ହେମାଙ୍କୁ ଗନ୍ଧ ହେଲା ନାକରେ ହାତଦେଇ କିଛି ଦୂରକୁ ଘୁଞ୍ଚି ଯାଇ କହିଲେ ତୁମେ ଯାଅ ବାବୁ ଆସିଲେ ତୁମେ ଆସିବ । ସେଫାଳି ହଉ ମା ମୁଁ ଯାଉଛି ହେଲେ ବାବୁଙ୍କ ପାଇଁ ମୁଁ ଖିରି ଆଣିଥିଲି । ବାବୁଙ୍କୁ ଆସିଲେ ଦେଇଦବ । ହେମା ନାଁ ତୁମେ ନେଇ ବାବୁ ଏ ଖିରିକୁ ପସନ୍ଦ କରନ୍ତି ନାହିଁ ।

ସେଫାଳି ହଉ ମା ମୁଁ ତାହେଲେ ଯାଉଛି । କେତେ ଆଶା ନେଇ ଆସିଥିଲି ଟିକେ ଦେଖା କରିବା ପାଇଁ । ହଉ ମା ମୁଁ ଯାଉଛି । ସନ୍ଧ୍ୟା ସମୟ ଆସି ପହଞ୍ଚିଲେ ବୁନୁ । ଥକ୍କା ମାରି ବସି ପଡ଼ିଲେ ଚୌକିରେ । ଡାକ ଛାଡ଼ି ପାଣି ଗ୍ଲାସ ଆଣିଲେ ହେମା । ପାଣି ଗ୍ଲାସ ଆଣି ଦେଲେ । ବୁନୁ ହାତରୁ ପାଣି ଗ୍ଲାସ ନେଇ ପାଟିରେ ଲଗାଇ ପିଉଥିବା ସମୟରେ ହେମା କହିଲେ ଜଣେ ବୁଢ଼ି ଲୋକ ଆସିଥିଲା ଓ ତୁମକୁ ଦେଖା କରିବା ପାଇଁ କହୁଥିଲେ ତା ଦେହ ଗନ୍ଧଉଥିଲା । ହାତରେ ବାଡ଼ି କାଖରେ ଗଣ୍ଠିଲି ଏବଂ ଖିରି ଧରି ଆସିଥିଲା ତୁମ ପାଇଁ । ପୁଣି ଭିକାରୁଣୀ ହୋଇ କେତେ ସାହାସ ତା'ର... ଚୌକି ଉପରୁ ବୁନୁ ସଙ୍ଗେ ସଙ୍ଗେ ଛିଡ଼ା ହୋଇ ପଡ଼ିଲେ । ହେମାଙ୍କ ଗାଲକୁ ଚଟକଣାଟିଏ ମାରିଲେ କହିଲେ ସେ ଖିରି କାହିଁ । ବୁନୁ ତଳେ ବସିପଡ଼ି ଭୋ ଭୋ ହୋଇ କାନ୍ଦିଉଠିଲେ । ଉଠିପଡ଼ି ଆଲମିରା ପାଖକୁ ଦୌଡ଼ିଲେ । ଆଲମାରି ଖୋଲି ଚିରା ପୋଷାକକୁ କାଢ଼ି ଛାତିରେ ଜାବୁଡ଼ି ଧରି ଭୋ ଭୋ ହୋଇ କାନ୍ଦି ଉଠିଲେ । ଏଇ ସେଇ ପୋଷାକ ମୁଁ ସହରକୁ ପାଠ ପଢ଼ିବାକୁ ଆସିଥିଲି । ସେଫାଳି ନାନୀ ମୋତେ ଦେଇଥିଲା ।

ସେଇ ସଙ୍ଗେ ସଙ୍ଗେ ବାହାରି ପଡ଼ିଲେ ଅଫିସ ଗାଡ଼ି ଧରି ଗାଁକୁ ବୁନୁ । ତାଙ୍କ ପଛେ ପଛେ ଅଫିସର ଚାରି ପାଞ୍ଚଖଣ୍ଡ ଗାଡ଼ି ବାହାରି ପଡ଼ିଲେ ବୁନୁଙ୍କ ଗାଁକୁ । ଗାଁ ଦାଣ୍ଡ ରାସ୍ତାରେ ଗୋଟିଏ ପରେ ଗୋଟିଏ ଗାଡ଼ି ଯାଉଥାଏ । ଗାଁ ଲୋକେ ଦେଖି ଚମକି ପଡ଼ିଲେ କଣ ହୋଇଛି ଆଜି ଏତେ ସରକାରୀ ଗାଡ଼ି ସେଫାଳି ରହୁଥିବା ଘର ସାମ୍ନାରେ ଲାଗିଲା । ଗାଁ ଲୋକ ପଛେ ପଛେ ଆସି ଗାଡ଼ି ପାଖରେ ପହଞ୍ଚିଲେ ଗାଡ଼ି ଡୋର ଖୋଲି ବୁଝି ବାହାରକୁ ବାହାରି ଆସିଲେ । ବୁନୁକୁ ଦେଖି ଗାଁ ଲୋକ କହିଲେ ଆରେ ଏ ତ ବୁନୁ... ଏତେ ଦିନ ପରେ ସେଫାଳି ଗାଁ କଥା ତୋର ମନେ ପଡ଼ିଲା ।

ଯିଏ ତୋ ପାଇଁ ସାରା ଜୀବନ ସିଲେଇ କରି କରି ନିଜେ ଖଣ୍ଡେ ଭଲ ଲୁଗା କି ଭଲ ଖାଦ୍ୟ ଗଣ୍ଡେ ଖାଇପାରିଲା ନାହିଁ । ତୁ ତାକୁ ଭୁଲିଗଲୁ କେମିତି । ଆରେ ତମ ଘର ଦେଖି ସାତବର୍ଷହେଲା ଘର ଛପର ହୋଇନାହିଁ । କାନ୍ଥରେ ବର୍ଷା ପାଣି ପଡ଼ି ଶିଉଳି ଧାର ପଡ଼ିଗଲାଣି । କଥା ଶୁଣୁ ଶୁଣୁ ଆଖିରୁ ଲୁହତକ ଢ଼ଳ ଢ଼ଳ ହୋଇ ବହିଆସିଲା । ଧିରେ ଧିରେ ଗୋଟିଏ ପାଦ ପରେ ଗୋଟିଏ ପାଦ ଘରେ ଆଡ଼କୁ ଗଲେ । ଘର ପାଖରେ ପହଞ୍ଚିଲେ ଚାଳକୁ ଦେଖି ମାଟି କାନ୍ଥକୁ ଅନାଇ ଚାଳ ଛପର ଉପରକୁ ଆଖି ପଡ଼ିଲା । ସୂର୍ଯ୍ୟଙ୍କ କିରଣ ଫୁଲ ପରି ଫୁଟିଥାନ୍ତି । ଏହି ସମୟରେ ସେଫାଳି ଘର ଭିତରୁ ବାହାରକୁ ଆସୁଥାନ୍ତି । ବୁନୁ ସେଫାଳିଙ୍କ ଗୋଡ଼ ତଳେ ପଡ଼ି ମୋତେ କ୍ଷମା କରିବେ ନାନୀ ମୋର ଭୁଲ ହୋଇଯାଇଛି । ମୋ ପାଖରେ ଯାହାବି ଧନ ସଂପତ୍ତି ଅଛି ସେସବୁ ତୁମକୁ ଦେଇ ଦେଲେ ବି ତୁମ ପାଖରେ କମ୍ ହେବ ସେଫାଳି ନାନୀ । ମୁଁ ତୁମ ପାଦ ଧୂଳିକୁ ସରି ହେବି ନାହିଁ ।

ବୁନୁ ଡାକିଲେ ହେମା ଏ ମୋ ନାନୀ ସେଫାଳି ଯେ ଦିନ ରାତି ଅକ୍ଳାନ୍ତ ପରିଶ୍ରମ କରି ମା ବାପାର ସ୍ନେହ ମମତା ଦେଇଥିଲା ସେ ହେଉଛି ସେଫାଳି ନାନୀ ହେମା ତୁମ ଯେଉଁ ମାଟିର ଘରଟି ଦେଖୁଛ ବର୍ଷା ହୋଇ ପାଣି ଗଳୁଥିଲେ ବି ଆମେ ଭାଇଭଉଣୀ ଗୋଟିଏ କୋଣରେ ଆଉଜି ରହୁ । ମୋତେ କୋଳରେ ଧରି ରାତି ଅନିଦ୍ରା ହୁଏ ସେଫାଳି ନାନୀ । ୟାକୁ କହୁଥିଲ ଭିକାରୁଣୀ ବୋଲି । ଯା ପାଇଁ ଜୀବନ ଦେଲେ ବି ମୂଲ୍ୟ ଶୁଝି ପାରିବି ନାହିଁ ।

ସେଫାଳି ବୁନୁ ତୁ ଫେରିଆସିଛୁ । ମୁଁ ତୋତେ ଦେଖିବି ବୋଲି ମୋ ମନଟା ଛଟପଟ ହେଉଥିଲା । ଆଃ ମୋ ପାଖକୁ ଟିକେ ଆ । ବୁନୁ ପାଖକୁ ଯାଇ କୋଳରେ ଧରୁ ଧରୁ ସେଫାଳିଙ୍କ ଦେହରୁ ଜୀବନ ଚାଲିଗଲା । ଯୋରରେ ଡାକ ଛାଡ଼ିଲେ ସେଫାଳି ନାନୀ ସେଫାଳୀ ନାନୀ ସେଫାଳି ନାନୀ ... ଦେଖିଲେ ତ ଆଜ୍ଞା ପରିଶ୍ରମର ମୂଲ୍ୟ ଅଛି । ଆଜି ନହେଲେ କାଲି ନିଜର ଭୁଲ ବୁଝିବ । କାହିଁକି ନା ଭୁଲ ନିଜର ବୁଝିବାରେ ମଣିଷ ବହୁତ ଡେରି କରିଦିଏ ।

ରାସୋଳ, ମୁଣ୍ଡିଆପଷି, ଢ଼େଙ୍କାନାଳ ।

## ସାଥି ଦେଇଗଲା ଆଖିରେ ଲୁହ

– ସୁଜିତ୍ କୁମାର ଖଡ଼ିରତ୍ନ

ବାପି ଓ ମାନସୀ ଗୋଟିଏ ମହାବିଦ୍ୟାଳୟରେ ପାଠ ପଢୁଥିଲେ । ଉଭୟ ଭଲ ପାଠ ପଢ଼ନ୍ତି । ବାପି ଦେଖିବାକୁ ଟିକେ ମୋଟା ଓ ମାନସୀ ଟିକେ ପତଳା । ବାପି ଭଲ ପାଠ ପଢ଼ିବା ସହିତ ଭାଷଣ ଦିଏ ଓ ଭାଷଣ ପ୍ରତିଯୋଗିତାରେ ପ୍ରଥମ ହୁଏ । ମାନସୀ ମଧ୍ୟ ନୁହେଁ ସେ ଖେଳକୁଦରେ ପାରଙ୍ଗମ । ମହାବିଦ୍ୟାଳୟର ଅଧିକରୁ ଅଧିକ ପୁରସ୍କାର ଏଇ ଦୁଇଜଣଙ୍କ ହାତରେ ଉଭୟ ଓଡ଼ିଆ ବିଭାଗରେ ପାଠ ପଢ଼ନ୍ତି । ମହାବିଦ୍ୟାଳୟର ପ୍ରଥମ ଦିନ ପରିଚୟ କାର୍ଯ୍ୟକ୍ରମ ଚାଲିଥାଏ । ବାପିର ପରିଚୟ ପରେ ମାନସୀ ଟିକେ ହସିଦେଇ ତାର ପରିଚୟ ଦେଲା । ଯାହା ପାଠ ପଢ଼ାଯାଏ ଦୁହେଁ ଖାତାରେ ଟିପି ରଖନ୍ତି । ଦୁହେଁ ଦୁହିଁଙ୍କୁ ସାହାଯ୍ୟ କରନ୍ତି । ଦିନକର ଘଟଣା ବାପିର ଦେହ ବହୁତ ଅସୁସ୍ଥ ଥିଲା ଓ ସେ ମହାବିଦ୍ୟାଳୟ ଯାଇପାରିଲା ନାହିଁ ଓ ସେଦିନ ବହୁତ ଚିନ୍ତାରେ ମାନସୀ ତତ୍‌କ୍ଷଣାତ ଫୋନ୍ କଲା ବାପିକୁ ଓ ଦେହ ଅସୁସ୍ଥ ଶୁଣି ଭଗବାନଙ୍କ ପାଖରେ ଗୁହାରି କଲା କି ଦେହ ସୁସ୍ଥ ହୋଇଯାଉ । ଏହି ପରି ଉଭୟ ଫୋନରେ କଥା ଲାଗନ୍ତି ।

ଦେଖୁ ଦେଖୁ ପରୀକ୍ଷା ପାଖେଇ ଗଲା ଓ ସେତିକିବେଳକୁ ମାନସୀ ଓ ବାପିର ବନ୍ଧୁତ୍ୱର ବିଳୟ ଘଟିଲା । ତାହା ବାପିର ସାଙ୍ଗମାନଙ୍କ ପାଇଁ । ବାପିର ପାଠପଢ଼ା ଓ ଭାଷଣରେ ପ୍ରଥମ ସ୍ଥାନ ଅଧିକାର କରୁଥିବାରୁ ତାର ସାଙ୍ଗ ମାନେ ସହିପାରୁନଥିଲେ ଓ ବନ୍ଧୁତ୍ୱରୁ ଉଠୁଥିବା ଗୋଟିଏ ପାହାଚ ବାପି ପାଇଁ ଭାଙ୍ଗିଗଲା ଓ ତାହାର କାରଣ ତାର ସାଙ୍ଗମାନେ । ବାପି ପରୀକ୍ଷା ସମୟରେ ସମସ୍ତଙ୍କୁ ସାହାଯ୍ୟ କରେ । ବାପିର ପଛପଟେ ବସିଥାଏ ମାନସୀ ତାର ଡାହାଣ ପଟେ ତାର ସାଙ୍ଗମାନେ ଶେଷ ପରୀକ୍ଷା ଦିନ ମାନସୀକୁ ୨ଟି ପ୍ରଶ୍ନର ଉତ୍ତର ନ ଆସିବାରୁ ବାଧ ହୋଇ ବାପିକୁ ପଚାରିଲା ଓ ବାପି ଫୁସୁଫୁସି ହୋଇ ତାକୁ ବତାଇ ଦେଲା । ଏହିପରି ଭାବେ ବାପି ମାନସୀକୁ ଭଲ ପାଇ ବସିଲା ଯେହେତୁ ମାନସୀ ଗୋଟିଏ ମଧ୍ୟବିତ୍ତ ପରିବାରର ସେ ୨ୟ ପରୀକ୍ଷାର ଶୁଳ୍କ ଜମାକରି ପାରିଲା ନାହିଁ । ସେ ଏକଥା ତାର ସାଙ୍ଗମାନଙ୍କୁ କାନ୍ଦି କାନ୍ଦି କହୁଥାଏ । ବାପି ତାର କାନ୍ଦ ଦେଖି ସହିପାରିଲା ନାହିଁ ଓ ସେ ତତକ୍ଷଣାତ୍ ଶୁଳ୍କ ଜମା କରିଦେଲା । ଏକଥା ଜାଣିଥାଏ ଖାଲି ମାନସୀର ସାଙ୍ଗ କୋମଳିନୀ ଓ ଏ ବିଷୟରେ କିଛି ନ କହିବାକୁ ବାପି ମନା କରିଥିଲା । ଏହିପରି ବାପି ସବୁ ଅସୁବିଧାରୁ ସାହାଯ୍ୟ କରୁଥିଲା ଓ ଏକଥା ମାନସୀ ଜାଣି ନଥିଲା । ଦେଖୁ ଦେଖୁ ତିନି ବର୍ଷ ବିତି ଯାଇଥାଏ ।

ବାପି ତାର ଭଲ ପାଇବା କଥା ତାର ସାଙ୍ଗ ବିନୋଦକୁ କହିଥିଲା । ସେ ଦିନ ଥାଏ ମହାବିଦ୍ୟାଳୟର ଶେଷ ଦିନ । ବିନୋଦ ମାନସୀକୁ ବାପି ବିରୋଧରେ କରି ଦେଇଥାଏ ଯଦ୍ୱାରା ମାନସୀ ବାପିକୁ ବହୁତ ଗାଳିଗୁଲଜ କରୁଥିବା ସମୟରେ କୋମଳିନୀ ପହଞ୍ଚିଲା ଓ ମାନସୀର ଏହିପରି କଥା ଶୁଣି ଚୁପ୍ ବୋଲି କହିଲା । କୋମଳିନୀ ଜାଣିଥିବା ସମସ୍ତ କଥା ଯାହାକି ବାପି ସବୁ କ୍ଷେତ୍ରରେ ସାହାଯ୍ୟ କରେ ବୋଲି କହିଲା ଓ ଏକଥା ଶୁଣି ମାନସୀ ଅବାକ୍ ହୋଇଗଲା ଓ ବାପିକୁ ପ୍ରପୋଜ କଲା । ବାପି ମଧ୍ୟ ତା କଥାରେ ହଁ ଭରିଲା । ତାଙ୍କର ଭାଙ୍ଗି ଯାଇଥିବା ଗୋଟିଏ ପାହାଚ ପୁଣି ଯୋଡ଼ି ହେଲା ଓ ସେମାନେ ପ୍ରେମୀ ଯୁଗଳର ନାମ ପାଇଲେ ।

ବାପିର ଆଖିରେ ଦୁଇଟି ସ୍ୱପ୍ନ ଗୋଟିଏ ଆଇ.ପି.ଏସ ହେବ ଓ ମାନସୀକୁ ବିବାହ କରିବ । କଥାରେ ଅଛି ରଖିବେ ହରି ତ ମାରିବ କିଏ, ମାରିବେ ହରି ତ ରଖିବ କିଏ । ବାପି ଆଇ.ପି.ଏସ ପରୀକ୍ଷାରେ ସଫଳ ହେବାପରେ ତାର ଘରକୁ ଗୋଟିଏ ଚିଠି ଆସିଲା ଓ ସେଠାରେ ଲେଖା ହୋଇଥିବା ଜଏନିଙ୍ଗ ଅର୍ଡ଼ର । ସେଦିନ ତା ବାପା ମା ରାଜି ହୋଇଥିଲେ ମାନସୀକୁ ତାଙ୍କ ଘରର ବୋହୂ ହେବ ବୋଲି । ସେ ଏହି ଖୁସି ଖବର ମାନସୀକୁ ଦେବାପାଇଁ ଗଲା ଓ ସେହି ରାସ୍ତାରେ ଜଗି ରହିଥିଲା ଯମ । ଗାଡ଼ି ଦୁର୍ଘଟଣାରେ ମୃତ୍ୟୁ ହେଲା ବାପିର । ଏକଥା ଶୁଣି ମାନସୀ କାନ୍ଦି କାନ୍ଦି କହିଲା ସାଥି ଦେଇଗଲା ଆଖିରେ ଲୁହ ଓ କାନ୍ଦି କାନ୍ଦି ବାପି ମୃତ୍ୟୁର ଦୁଇଦିନ ପରେ ମାନସୀର ମୃତ୍ୟୁ ହେଲା । ଆଜି ସେମାନେ ଦୁହେଁ ମୃତ କିନ୍ତୁ ସମାଜ ପାଇଁ ଜୀବିତ ଓ ଉଦାହରଣ ସଦୃଶ ଏ ସମାଜ ପାଇଁ ।

ସାକ୍ଷୀଗୋପାଳ, ପୁରୀ ।

# ଅଭାଗିନୀ ରିନୁ

- ପ୍ରଶାନ୍ତ କୁମାର ନାଥ

ଭଗବାନ ସବୁ ଦେଇ କାହିଁକି ରିନୁ ଭାଗ୍ୟରେ ଲେଖି ଦେଇଛନ୍ତି ଅଭାଗିନୀ । ଏ କ'ଣ ରିନୁର କପାଳ ଲିଖନ ନା ଭାଗ୍ୟର ଦୋଷ । ରିନୁ ଜନ୍ମ ହେବାର କିଛି ମାସପରେ ତାର ବାପା ଆରପାରିକୁ ଚାଲିଗଲେ । ମା ରିନୁ ଚାରି ପୁଅରେ ଗୋଟିଏ ଝିଅ ରୁନୁକୁ ଖୁବ ସ୍ନେହ ଶ୍ରଦ୍ଧାରେ ବଢ଼ାଇଲେ । କିନ୍ତୁ ରିନୁ ଭାଗ୍ୟରେ ଏମିତି ଲେଖା । ରିନୁ ମା ରୋଗରେ ପଡ଼ି ଆରପାରିକୁ ଚାଲିଗଲେ । ରିନୁର ବୟସ ମାତ୍ର ଚଉଦ ବର୍ଷ, ମାମୁଁଘରେ ରିନୁ ରହି ପଢୁଥିଲା । ମା ଚାଲିଗଲା ପରେ ରିନୁ ଦୁନିଆରେ ବାପା ମା ଛେଉଣ୍ଡ ହୋଇଗଲା । ବଡ଼ବାପା ବଡ଼ବୋଉ ପାଖରେ ଚାରି ଭାଇ ଭଉଣୀ ରିନୁ ରହିଲେ । ଚାରିଭାଇ ଭଉଣୀକୁ ଛାଡ଼ି ବିଦେଶରେ ରୁହନ୍ତି ।

ରିନୁ ଜୀବନରେ ଦ୍ୱିତୀୟ ଅଧ୍ୟାୟ ଆରମ୍ଭ ହୁଏ ବଡ଼ବାପା ବଡ଼ବୋଉ ପାଖରେ । ବଡ଼ବାପାଙ୍କର ଦୁଇ ଝିଅ ଦୁଇ ପୁଅ । ବଡ଼ଝିଅ ବାହା ହୋଇ ସାରିଛି । ସାନ ଝିଅ ରିନୁ ଠାରୁ ବଡ଼ । ରିନୁ ପାଠପଢ଼ା ବନ୍ଦ ହୁଏ । ବଡ଼ବାପାଙ୍କ ଝିଅ ପଢ଼ିବାକୁ ଯାଏ । ଘରର ସବୁ କାମ ରିନୁ କରେ । ଛୋଟ ପିଲାଟି କାମ କରି ଥକିଗଲେ ବି ବଡ଼ ମାର ଦୟା ଆସେ ନାହିଁ । କଥା କଥାରେ ନାଲି ଆଖି କିନ୍ତୁ ରିନୁ ବହୁତ କାନ୍ଦେ, ତା ଆଖିର ଲୁହ ପୋଛିବାକୁ ନିଜର ବୋଲି କେହି ନଥାନ୍ତି । ଭାଇମାନେ ତ ବିଦେଶରେ ସେ ବା କେମିତି ଜାଣିବେ ତାଙ୍କ ଭଉଣୀ କେମିତି ଅଛି । ରିନୁ ଫୋନ କରିବା ପାଇଁ ଫୋନ ମାଗିଲେ ତାକୁ ଦିଅନ୍ତି ନାହିଁ । ଆଖି ଲୁହ ଓଠରେ ପିଇ ଦିନ ବିତାଏ । କୌଣସି ପର୍ବପର୍ବାଣୀ ଆସିଲେ ନିଜ ଝିଅ ରାନୁ ପାଇଁ ବଡ଼ବାପା ନୂଆ ଡ୍ରେସ ଆଣନ୍ତି । ରିନୁ ପାଇଁ ଆଣନ୍ତି ନାହିଁ । ରିନୁ ବହୁତ ମନ ଦୁଃଖ କରେ କାନ୍ଦେ, କ'ଣ ବା କରିବ ବାପା ମା'ଙ୍କ ସ୍ନେହରୁ ବଞ୍ଚିତ ରିନୁର କେବଳ ସାହା ଏଇ ବଡ଼ବାପା ବଡ଼ମା । ନିଜ ଦୁଃଖ ନିଜ ମନରେ ମାରି ନିଜ ଭାଗ୍ୟକୁ ଦୋଷ ଦେଇ ରହେ । ଛୋଟ ବୟସରେ କାହାର ବା ମନ ନୁହେଁ ନୂଆ ଡ୍ରେସ ପିନ୍ଧିବାକୁ ନାଚି ବୁଲିବାକୁ । କିନ୍ତୁ ବଡ଼ମା ସବୁ ବେଳେ ଘର କାମରେ ବ୍ୟସ୍ତ ରଖନ୍ତି । ଘରକୁ କିଛି ଭଲ ଜିନିଷ ଆସିଲେ ନିଜ ଝିଅ ରାନୁ ପାଇଁ ସବୁ ରଖିଦିଅନ୍ତି । ରିନୁ କାନ୍ଦି ରହିଯାଏ ଭାଇମାନେ ବିଦେଶରେ ସେ କାହାକୁ କହିବ ମୋର ଏ ଡ୍ରେସ ଦରକାର ମୋର ଏ ଜିନିଷ ଦରକାର । କାହାକୁ କହିବ ସେ ଏକା ହିଁ ଏକା ।

ବଡ଼ବାପାଙ୍କ ବଡ଼ପୁଅ ବିନୋଦ ଭାଇର ବାହାଘର ହେବାର ଥିଲା । ସେ ଗୋଟେ ଝିଅକୁ ଭଲ ପାଇ ଘରକୁ ନେଇ ଆସିଲା । ଘରେ ତାର ବାହାଘର କରିବେ ନାହିଁ ବଡ଼ବାପା ମନାକଲେ । ରିନୁ ଚାରିଭାଇ ବଡ଼ବାପାଙ୍କୁ ବୁଝାବୁଝି କରି ବଡ଼ ଭାଇର ବାହାଘର କରାଇଲେ । ରିନୁ ବହୁତ ଖୁସି ଥିଲା । ଯାହା ହେଉ ନୂଆ ଭାଉଜ ତାକୁ ଘର କାମରେ ସାହାଯ୍ୟ କରିବେ, ତା ସହିତ ଭଲ କଥା ହେବେ । ତା ମନ ଦୁଃଖ ରହିବ ନାହିଁ । ରିନୁର ଭାବନା ଭାବନାରେ ହିଁ ରହିଗଲା । ନୂଆ ଭାଉଜ ଘରେ ହାକିମ ଗିରି ଚଳାଇଲେ । କିଛି କାମ କଲେ ନାହିଁ । ଏମିତିକି ନିଜ ଗାଧୋଇବା ଲୁଗା ମଧ୍ୟ ଧୋଇଲେ ନାହିଁ । ରିନୁକୁ ଦେଲେ ଧୋଇବାପାଇଁ । ରିନୁ ଯେତେ କାମ କରିଲେ ତାଙ୍କ ମନକୁ ଯାଏନାହିଁ । ରିନୁକୁ ବହୁତ ଖରାପ କରି ଗାଳି ଦିଅନ୍ତି । ରିନୁର ଭାଗ୍ୟ ଫଟା, ଫଟା ଭାଗ୍ୟରେ କଣ ସୁଖ ଥାଏ ଏ ତ ନିଅତିର ଲେଖା ।

ରିନୁର ଚାରିଭାଇ ଘରକୁ ପଇସା ପଠାନ୍ତି, ଘରେ ଚାଷକାମଠାରୁ ଘରର ସବୁ ଖର୍ଚ୍ଚ ରିନୁ ଚାରିଭାଇ ବହନ କରନ୍ତି । ବଡ଼ବାପାଙ୍କୁ ଦୁଇ ପୁଅ ଘରେ ରହି କିଛି କାମ କରନ୍ତି ନାହିଁ । ବଡ଼ଭାଇ ପୁଅର ଜନ୍ମ ଦିନ ଘରେ ଖୁବ୍ ଧୁମଧାମରେ ପାଳନ କରିନ୍ତି । ବଡ଼ ଭାଇର ମଧ୍ୟ ଜନ୍ମଦିନ ପାଳନ ହୁଏ । କିନ୍ତୁ ରିନୁର କିଛି ହୁଏନାହିଁ । ଜନ୍ମଦିନ ହେଉ କିବା ପର୍ବପର୍ବାଣୀ ଏ ସବୁ ପଇସା ରିନୁ ଭାଇମାନେ ଦେଇଥାନ୍ତି । ଏ ଦୁଇ ଭାଇ ତ ଗାଁରେ ଖାଲି ଖାଇକି ବୁଲନ୍ତି ।

ଦିନେ ରିନୁର ଦେହ ବହୁତ ଖରାପ ହେଲା । ବଡ଼ବାପା କି ବଡ଼ଭାଇ କେହି ରିନୁକୁ ଡାକ୍ତର ପାଖକୁ ନେଲେ ନାହିଁ । ଶେଷରେ ତାର ସାନ ବାପା କଟକ ମେଡ଼ିକାଲ ନେଇକି ଗଲେ। ଭାଇମାନଙ୍କ ପାଖକୁ ଫୋନ କଲେ । ସାନ ଭାଇ ବିଦେଶରୁ କଟକ ମେଡ଼ିକାଲ ଆସିଲେ । ଭଉଣୀକୁ ଭଲ କରି ଘରକୁ ଆଣିଲେ । ସାନ ଭାଇ ଘରକୁ ଆସି ବଡ଼ବାପାଙ୍କୁ ପଚାରିଲେ । ଆମେ ତମକୁ ନିଜ ବାପା ଭାବି ସାନ ଭଉଣୀକୁ ତମ ପାଖରେ ଛାଡ଼ି କି ବିଦେଶ ଯାଉ କଣ ଆମ ପାଇଁ ଆମେ କେବଳ ଏଇ ଘର ପାଇ ଯାଉଛୁ । ଆମେ ଚାରିଭାଇ ଦିନ ରାତି ଖଟି ପଇସା ପଠାଉଛୁ ଏଇ ଘର ପାଇଁ । ଆମ ଭଉଣୀ ଦେହ ଖରାପ ହେଲା ହେଲେ ତମେ ତାକୁ ଡାକ୍ତରଖାନା ନେଲନାହିଁ । ବଡ଼ବାପା କହିଲେ ମୋ ପାଖରେ ଟଙ୍କା ନଥିଲା ଯେଉଁ ଟଙ୍କା ଥିଲା ବିଲରେ ମଜୁରି ଲାଗିଥିବା ଲୋକଙ୍କ ପାଇଁ ମୁଁ ରଖିଥିଲି । ସେଥିପାଇଁ ମୁଁ ତାକୁ ଡାକ୍ତରଖାନା ନେଇ ପାରିନଥିଲି । ସାନ ଭାଇ କହିଲା ତମର ଲୋକ ଟଙ୍କା ପାଇବା ଆଗ ହେଲା ମୋ ଭଉଣୀ ଜୀବନ ଆଗ ହେଲାନି ।

ସାନ ଭାଇ ରାଗିଯାଇ ବଡ଼ବାପାଙ୍କୁ କହିଲେ ଆମେ ଅଲଗା ରହିବୁ । ଆମେ ଚାରିଭାଇ ଆମ ଭଉଣୀକୁ ନେଇ ଖୁସିରେ ରଖିପାରିବୁ । ଭଉଣୀ ବି କହିଲା ହଁ ଭାଇ ଆମେ ଅଲଗା ରହିଲେ ମୁଁ ଖୁବ୍ ଖୁସିରେ ରହିବି । ବଡ଼ବାପା କହିଲେ ତମେମାନେ ବାହା ହେଇନା ଆଗ ତମର ବାହାଘର କିରିଦିଏ ତା'ପରେ ତୁମେମାନେ ମୋଠୁ ଅଲଗା ରହିବ । ସାନଭାଇ ଓ ଭଉଣୀ ଏ କଥାରେ ରାଜି ନୁହଁନ୍ତି କିନ୍ତୁ ରିନୁର ତିନି ଭାଇ ରିନୁକୁ ବୁଝାଇ କହିଲେ ଆଗ ତୋର ବାହାଘର ସରୁ ଆମେ ବଡ଼ବାପାଙ୍କାଠୁ ଅଲଗା ହେଇଯିବୁ । ଆମେ ତ ବର୍ତ୍ତମାନ ବିଦେଶରେ ରହୁଛୁ ବାହାଘର କାହାର ହେଇନାହିଁ । ଆମେ କେମିତି ତୋତେ ଘରେ ଏକା ଛାଡ଼ି ବିଦେଶ ଆସିବୁ । ତୋ ବାହାଘର ପର୍ଯ୍ୟନ୍ତ ଦୁଃଖ କଷ୍ଟ ସହି ରହିଯାଅ ରିନୁ ନିଜର ଭାଗ୍ୟ ଓ ଭଗବାନଙ୍କୁ ଚାହିଁ ରହିଛି, କେଉଁ ଦିନ ଏ ଅଭାଗିନୀର ଭାଗ୍ୟ ଆକାଶରେ ପୂର୍ଣ୍ଣିମାର ଚାନ୍ଦ ଉଇଁବ ।

ଜୁଣଗଡ଼ି, ଘଡ଼ିଆମାଳ, କେନ୍ଦ୍ରାପଡ଼ା ।

# ମନେପଡ଼େ ସେ ପିଲା ଦିନର ସେ ଖେଳ

– ଶଶିକାନ୍ତ ମେହେର

ଇଏ ଛଅ ବର୍ଷ ତଳର କଥା ଯେତେବେଳେ ମୁଁ ଦଶମ ଶ୍ରେଣୀରେ ପଢୁଥିଲି । ଆମର ବ୍ରାଞ୍ଚରେ ପିଲାମାନେ ଖେଳ ଖେଳିବା ପାଇଁ ଭାରି ଆଗ୍ରହୀ ଥିଲେ । ଆମେ ପ୍ରତିଦିନ ଖୋ-ଖୋ, କବାଡ଼ି, କ୍ରିକେଟ ଏବଂ ଆହୁରି ଅନେକ ଖେଳ ଖେଳୁଥିଲୁ ପ୍ରତିଦିନ ସ୍କୁଲରେ । ତା'ପରେ ସ୍କୁଲରୁ ଫେରି ମଧ୍ୟ ଅନେକ ଖେଳ ଖେଳୁଥିଲେ ଛୁଟି ଦିନେ ସେ ସାଙ୍ଗ ମେଳରେ । ଆମେ ଯେତେ ବେଳେ ଦଶମ ପଢୁଥିଲୁ ସେ ବର୍ଷ ଆମର ବିଦ୍ୟାଳୟରେ ପାଇକା ଖେଳ ଅନୁଷ୍ଠିତ ହେଇଥିଲା ଅନେକ ବିଦ୍ୟାଳୟରୁ ଅନେକ ଖେଳାଳି ଖେଳି ଆସିଥିଲେ ଏବଂ ଆମ ଦଳ ମଧ୍ୟ ସେଥିରେ ଭାଗ ନେଇଥିଲା । ଆମେ ଖୋ-ଖୋ ଖେଳରେ ଥିଲୁ । ଆମର ଆଉ ଏକ ଦଳ କବାଡ଼ିରେ ଖେଳୁଥାନ୍ତି । ଏଥର ଆମର ପରିଶ୍ରମର ଫଳ ନିଶ୍ଚୟ ମିଳିବାର ଥିଲା । କାରଣ ଅବିରତଭାବେ ଆମେ ଏଥିରେ ଅନେକ କଠିନ ପରିଶ୍ରମ କରୁଥାଉଁ । ଆଉ ସେ ବର୍ଷ ଆମର ଆଶା ପୂରଣ ହୋଇଥିଲା । ସମସ୍ତ ଦଳକୁ ପରାସ୍ତ କରି ଆମେ ବିଜୟୀ ମଧ୍ୟ ହେଲୁ । ଆମର ଖୋ-ଖୋ ଦଳକୁ ଆଗାମୀ ଥର ପାଇଁ ଜିଲ୍ଲାସ୍ତର ରେ ଅନୁଷ୍ଠିତ ହେଲା ଏକ ପ୍ରତିଯୋଗିତା ଯେଉଁଠି ଆମକୁ ଯିବାକୁ ଅନୁମତି ମିଳିଲା । ଆମେ ଭାରି ଖୁସି ହେଉଥାଉ କାରଣ ପ୍ରଥମ ଥର ପାଇଁ ଜିଲ୍ଲା ସ୍ତରରେ ଆମେ ଗ୍ରହଣୀୟ ହେଲୁ । କିଛି ଦିନ ପରେ ସମୟ ଆସିଲା ଖେଳିଯିବା ପାଇଁ ଜିଲ୍ଲା ସ୍ତରରେ । ଆମେ ସମସ୍ତେ ଅନେକ ଉତ୍ସାହ ସହିତ ବାହାରି ପଡ଼ିଲୁ ଖେଳିଯିବା ପାଇଁ । ବସରେ ଯିବାବେଳେ ଭାରି ଖୁସି ଲାଗୁଥାଏ । ସକାଳ ସାତଟାରୁ ବାହାରିପଡ଼ିଲୁ ବିଜୟ ଯାତ୍ରା ଶହ ଉଚ୍ଚାକାଂକ୍ଷା ସହ । ସେଠାକୁ ଆମେ ଆମ ଲକ୍ଷ ସ୍ଥାନକୁ ପହଞ୍ଚିଲୁ ଦିବା ୯ ଘଟିକାରେ । ସେଠାରେ ଆମକୁ ଜଳଖିଆ ଦେଲେ ଖାଇ କି ସେଠାରେ ଆମେ ଆରମ୍ଭ କଲୁ ପ୍ରତିଜ୍ଞା ଖେଳ ପୂର୍ବରୁ ଯେଉଁ ପ୍ରତିଜ୍ଞା ହୁଏ ତାହା କଲା ପରେ ତା ପରେ ଆରମ୍ଭ ହେଲା ଖେଳ । ସେଠାରେ ଭାରି ଆଗ୍ରହର ସହିତ ଖେଳି ଧୀରେଧୀରେ ପରାସ୍ତ କଲୁ ପ୍ରଥମ ଦଳକୁ ତାପରେ ଆଉ ଏକ ଦଳ ତା ପରେ ଆଉ ଏକ ଏଭଳି ଭାବରେ ପରାସ୍ତ କରି ଚାଲିଥାଉଁ । ତାପରେ ଅନ୍ତିମ ଖେଳ ବା କହିବାକୁ ଗଲେ ନିର୍ଣ୍ଣାୟକ ମ୍ୟାଚ ପୂର୍ବରୁ ଆମକୁ ମଧ୍ୟାହ୍ନ ଭୋଜନ ଦେଲେ ସମସ୍ତଙ୍କ ମନରେ ଗୋଟିଏ ଭାବନା ଏଥର ଚମ୍ପିୟାନ ହେବା ଅଛି କାହାରି ଖାଇବାରେ ବେଶି ଆଗ୍ରହ ନଥାଏ । ଆମେ ସମସ୍ତେ ବିଚାର କରୁଥାଉ ବେଶି ଖାଇଦେଲେ କାଳେ ଦୌଡ଼ି ହେବନି ସେଥିପାଇଁ ଅଳ୍ପ ଅଳ୍ପ ଆମେ ଖାଇଥାଉ । ତାପରେ ଭୋଜନ ସରିଲା ଆଉ କିଛି ସମୟ ପରେ ଆରମ୍ଭ ହେବାକୁ ଥିଲା ନିର୍ଣ୍ଣାୟକ ଖେଳ ସମସ୍ତେ ସାଜ ସଜ୍ଜା ହେଲେ ଖେଳିବା ପାଇଁ ତାପରେ ଆରମ୍ଭ ହେଲା ନିର୍ଣ୍ଣାୟକ ଖେଳ ସେ ଖେଳରେ ଅତିରୋମାଞ୍ଚକର ସହ ସମସ୍ତଙ୍କର ସୁନ୍ଦର ପ୍ରଦର୍ଶନ ହେଲା । ଅନେକ ପରିଶ୍ରମ ସହ ଆମେ ଆମ ବିପକ୍ଷ ଦଳକୁ ପରାସ୍ତ କଲୁ ଏବଂ ଆମେ ବିଜୟୀ ହେଲୁ । ସେ ସମୟର ଖୁସି ତାହା ଏ ଶବ୍ଦ ମାଧ୍ୟମରେ ବର୍ଣ୍ଣନା କରିବା ମୋ ପକ୍ଷେ ସମ୍ଭବ ହେଉନି । ସେ ସମୟର ସେ ମୁହୂର୍ତ୍ତ ଆଜିବି ମନେ ପଡ଼େ । ଆଜିବି ମନେପଡ଼େ ସେ ଖୋ-ଖୋ ଖେଳ ଯାହା ମୋର ଆଉ ମୋର ସାଙ୍ଗମାନଙ୍କର ପ୍ରିୟ ଖେଳ । ସତରେ ଆମେ ସମସ୍ତେ ଭାରି ମନେ ପକାଉଁ ସେ ଖୋ ଖୋ ଖେଳ । ଆଜିବି ମନେ ସେ ଖେଳ ଯାହା ଜବୀନର ଏକ ଅଭୁଲା ସ୍ମୃତି ଭାବରେ ଆଜୀବନ ଉଙ୍କି ମାରେ ସେ ସାଙ୍ଗ ମେଳରେ ଭେଟ ହେଲେ ଏକଥା ପଡ଼ିଲେ ଅତି ଆନନ୍ଦ ଲାଗେ ଆଜିବି ।

ଜମଲା, ପଦ୍ମପୁର, ବରଗଡ଼ ।

# ଚାକିରିର ଅନୁଭୂତି

- କୁଞ୍ଜବିହାରୀ ମହାନ୍ତି

ଆଦିବାସୀ ବହୁଳ ନବରଙ୍ଗପୁର ଜିଲ୍ଲାର ଝରିଗାଁ ବ୍ଲକରେ ୧ ୯୮୩ ମସିହାରେ ବି.ଡ଼ି.ଓ. ଭାବେ ଯୋଗଦାନ କରିଥାଏ । ଜିଲ୍ଲାର ଜଙ୍ଗଲ କମିଟିର ମେମ୍ବର ରୂପେ ଜିଲ୍ଲାସ୍ତରୀୟ ଜଙ୍ଗଲ କମିଟିର ବୈଠକ ଜିଲ୍ଲାପାଳ ଏକ ନିର୍ଦ୍ଦିଷ୍ଟ ତାରିଖରେ ଡାକିଥାନ୍ତି । ଉକ୍ତ ଦିନ ବୈଠକ ହେବାର କିଛି ସମୟ ଆଗରୁ ନବରଙ୍ଗପୁରରେ ପହଞ୍ଚି ଶୁଣିବାକୁ ପାଇଲି ଯେ ଅନ୍ୟ ଏକ ଜରୁରୀ କାମରେ ଜିଲ୍ଲାପାଳ ଯାଇଥିବାରୁ ଡି.ଏଫ.ଓଙ୍କ ସହ କଥାହେବା ପାଇଁ କମିଟିର ସମସ୍ତ ମେମ୍ବର ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଡି.ଏଫ.ଓ ଙ୍କ ବାସଗୃହରେ ସେ ନିଜେ ଆଗ୍ରହ ସହକାରେ ଅପେକ୍ଷା କରିଥିଲେ । ନମସ୍କାର ପକାଇ ମୁଁ ମୋ ପରିଚୟ ଦେବାରୁ ସେ ମଧ୍ୟ ପ୍ରତି ନମସ୍କାର ପକାଇ କହିଲେ ମହାନ୍ତିବାବୁ ବର୍ତ୍ତମାନ ସବୁଠି ଜଙ୍ଗଲର ଆୟତନ କ୍ଷୟ ହେବାକୁ ଗଲାଣି । ଗ୍ରାମ୍ୟ କମିଟିଠୁ ଆରମ୍ଭ କରି ସବୁ ପ୍ରକାର ପଦକ୍ଷେପ ପରେ ବି ଜଙ୍ଗଲର ଆୟତନ ବଢ଼ିପାରୁନି । ସେ ବିଷୟରେ ମୋର ମତାମତ ସେ ଜାଣିବାକୁ ଚାହିଁଲେ । ମୁଁ କହିଲି ଦେଖନ୍ତୁ ସାର ସରକାର ଯେତେ ଗୁଡ଼ିଏ ପଦକ୍ଷେପ ନେଇଛନ୍ତି ସେ ସବୁ ଭଲ । ତଥାପି କିଛି ଜନସାଧାରଣ ଓ ସରକାରଙ୍କ ଭିତରେ ଠିକ୍ ଭାବେ ବୁଝାମଣା ହୋଇପାରୁନି । ଯଦି ସେ ଗୁଡ଼ିକ ଦିଗରେ ଆମେ ପଦକ୍ଷେପ ନେଇପାରିବା, ତାହେଲେ କିଛି ସଫଳତା ପାଇପାରିବା । ସେଥିପାଇଁ ଆମକୁ କିଛି ଭିଡ଼ିଓ କ୍ଲିପ ସଂଗ୍ରହ କରିବାକୁ ପଡ଼ିବ । ଭୂଗୋଳରେ ଆମେ ପଢ଼ିଥିଲେ ଯେ ଆଫ୍ରିକା ମହାଦେଶରେ ସବୁଠୁ ବେଶୀ ଜଙ୍ଗଲ ଥିଲା । ଏତେ ମାତ୍ରାରେ ଥିଲାଯେ ସୂର୍ଯ୍ୟ କିରଣ ତଳେ ପଡ଼ିବା କଷ୍ଟକର ହେଉଥିଲା ଜୀବଜନ୍ତୁ ଠାରୁ ସରୀସୃପ ବିନା ଅସୁବିଧାରେ ଚଳପ୍ରଚଳ କରିପାରୁଥିଲେ । ଆବଶ୍ୟକଠାରୁ ଅଧିକ ବର୍ଷା ହେବାଫଳରେ ଚାଷକାର୍ଯ୍ୟ କରିବାକୁ କୌଣସି ଅସୁବିଧା ନଥିଲା । ଫସଲ ଭଲ ହେବାରୁ ଲୋକମାନେ ବିନା ଅସୁବିଧାରେ କାଳାତିପାତ କରୁଥିଲେ । ଲୋକମାନଙ୍କ ସ୍ୱାସ୍ଥ୍ୟଗତ ଅସୁବିଧା ନଥିବାହେତୁ ରୋଗବ୍ୟାଧିରେ ପିଡ଼ୀତ ହେଉନଥିଲେ । ଏସବୁର ଭିଡ଼ିଓ କ୍ଲିପ ସଂଗ୍ରହ କରାଯାଉ । ଦ୍ୱିତୀୟରେ ବର୍ତ୍ତମାନ ସମୟରେ ଇଥୋପିଆ, ସୋମାଲିଆ ଆଦି ଦେଶ ମାନଙ୍କରେ ବର୍ଷା ନହେବା ଫଳରେ ଖାଦ୍ୟଶସ୍ୟର ଘୋର ଅଭାବ ଦେଖାଦେଇଛି । ଖାଇବାକୁ ନପାଇ ବଡ଼ଲୋକଠୁ ପିଲାମାନଙ୍କର ଦେହରେ ଖାଲି ହାଡ଼ ଉପରେ ସଙ୍କୁଚିତ ଚମଡ଼ା ଅଛି । ତୃତୀୟରେ ଆମକୁ ଗାଁ ଗହଳିରେ ପ୍ରଚଳିତ ଭାଷାରେ ଅଡ଼ିଓ କ୍ଲିପି ବନେଇବାକୁ ପଡ଼ିବ ଯେଉଁଥିରେ ଲୋକଙ୍କୁ ଚେତାବନୀ ଦିଆଯିବ ଯେ ପୂର୍ବରୁ ଜଙ୍ଗଲର ସୁରକ୍ଷା ହେତୁ ଲୋକଙ୍କ ଅବସ୍ଥା ପ୍ରଥମ ଭିଡ଼ିଓରେ ଦେଖନ୍ତୁ ଏବଂ ଜଙ୍ଗଲ କ୍ଷୟ ହେତୁ ବର୍ଷା ନହେବାରୁ ଲୋକମାନେ ଖାଇବାକୁ ନପାଇ ସେମାନଙ୍କ ଅବସ୍ଥା ୨ୟ ଭିଡ଼ିଓ ପରି ହୋଇଛି । ତେଣୁ ଆପଣମାନେ ଠିକ୍ କରନ୍ତୁ କେଉଁ ଉପାୟ ଅବଲମ୍ବନ କଲେ ଆପଣ ଓ ପିଲାମାନେ ଭଲରେ ରହିବେ । ଏଭଳି ଯଦି ପ୍ରତ୍ୟେକ ଗାଁ ମାନଙ୍କରେ ଭିଡ଼ିଓ ଓ ଅଡ଼ିଓ ରେକର୍ଡ଼ କରି ବହୁଳ ଭାବରେ ପ୍ରଚାର କରାଯାଏ ତା'ର ଫଳ ବୋଧହୁଏ ଲାଭଦାୟକ ହେବ । ଏହା ଥିଲା ମୋର ମତ, କେବଳ ଗୋଟିଏ ଉପାୟ । ଆପଣ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ଯଦି ଉପଯୁକ୍ତ ମନେ କରନ୍ତି, ତାହେଲେ ସରକାରଙ୍କୁ ସୁପାରିଶ କରିପାରନ୍ତି । ଏତକ କହିଲା ପରେ ମୁଁ ସାରଙ୍କ ଘରୁ ଚା' କପେ ପିଇ ସିଧା ଝରିଗାଁ ଫେରିଲି ।

ରାଧାକୃଷ୍ଣ ନଗର, ଗାରେଜଛକ, ଭୁବନେଶ୍ୱର ।

# ଜାଲ

– ଲିପ୍‌ସା ପଟେଲ

ସମୟ ସାଢ଼େ ଦଶଟା । ପୁଣି ଥରେ ନିଜ ହାତଘଣ୍ଟାକୁ ଚାହିଁ ଏକ ଦୀର୍ଘଶ୍ୱାସ ସହ କୋର୍ଟର ଲମ୍ବା ବାରଣ୍ଡାରେ ଗୋଟିଏ କାଠ ବେଞ୍ଚରେ ବସି ବସି ଅପେକ୍ଷା କରି ରହିଥିଲା ପ୍ରବୀଣ । ଦଶଟା ବେଳୁ ସେ ପହଞ୍ଚିସାରିଥିଲା ତା ଓକିଲଙ୍କୁ ମଧ୍ୟ ଦେଖା କରିସାରିଥିଲା । ନିଜ ଭିତରେ ଆଉଟୁଥିଲା ତାର ଅତୀତକୁ ଖୋଜି ବାହାର କରିବାକୁ ଚେଷ୍ଟା କରୁଥିଲା ନିଜର ଦୋଷ ତ୍ରୁଟି । ମନରେ ପୁଣି ସେଇ ପ୍ରଶ୍ନ ଆଜି ଅସୀମା ଆସିବ ତ ? ଏଇ କିଛି ସମୟ ପୂର୍ବରୁ ତା ଓକିଲ ମଧ୍ୟ ସେଇ ଦ୍ୱନ୍ଦରେ ଥିଲେ । ଗତ ଦୁଇମାସ ଭିତରେ ତିନୋଟି ତାରିଖ ନେଇସାରିଲେଣି ଅସୀମାର ଓକିଲ । କିନ୍ତୁ ଥରୁଟିଏ ମଧ୍ୟ ତାର ହାଜିରା ନାହିଁ । ପ୍ରତିଥର ସେ ହିଁ ଆସୁଛି କୋର୍ଟକୁ । କିଛି ଔପଚାରିକତା ଦେଖାଇ ଯେଉଁଠି ତାର ଓକିଲ ଦସ୍ତଖତ କରିବାକୁ କହନ୍ତି ସେ କରିଦେଇ ଚାଲିଯାଏ । କାହିଁକି ଅସୀମା ଏମିତି କରୁଛି ? ତାକୁ ହଇରାଣ କରିବା ପାଇଁ ନା ସେ ଏଇ ବିବାହ ବିଚ୍ଛେଦ ପାଇଁ ଅନିଚ୍ଛୁକ ? କାହାର ନିର୍ଦ୍ଦେଶରେ ଅବା ବାଧ୍ୟବାଧକତାରେ ଏଇ ପଦକ୍ଷେପ ନେଇନି ତ ?

ଜୀବନର ଦୋଛକିରେ ବାଟବଣା ହେବା ଅପେକ୍ଷା କୌଣସି ଗୋଟିଏ ରାସ୍ତା ବାଛିନେବା ହିଁ ଠିକ୍ । ବୋଧହୁଏ ସେଇ ନିର୍ଯ୍ୟାସ ଖୋଜି ଖୋଜି ସେମାନେ ଦୁହେଁ ଏଇ ନିଷ୍ପତ୍ତି ନେଇଛନ୍ତି । ନିଜ ଅନ୍ୟମନସ୍କତାକୁ ଭାଙ୍ଗି ଚମକି ପଡ଼ିଲା ପ୍ରବୀଣ । ସତରେ ଦୁହେଁ ଏହି ନିଷ୍ପତ୍ତି ନେଇଛନ୍ତି । ସେ ତ କେବେ ବି ଅସୀମା ମୁହଁରୁ ବିବାହ ବିଚ୍ଛେଦର ଦାବି ଶୁଣିନଥିଲା । ଆଉ ସେ ସେ କାଠଫଳକରେ ଦୁଇ ଜଣଙ୍କର ନାଁ । ନିଜ ହାତରେ ତିଆରିଥିଲା ଅସୀମା ସେଇ ଫଳକକୁ । ତା ହାତର ସ୍ପର୍ଶ ଏବେ ବି ସେହି ଘରେ ବାରିହୋଇ ପଡୁଛି । ସବୁ ଜିନିଷ ନିଜ ନିଜ ଜାଗାରେ ସଜଡ଼ା ହୋଇ ରହିଥିବ । ରୋଷେଇ ପରେ ସଙ୍ଗେ ସଙ୍ଗେ ଧୂଆପୋଛ କରିବେ । ବାଲକୋନୀର ସବୁ ଫୁଲକୁଣ୍ଡ ରଙ୍ଗୀନ ତା ରଙ୍ଗ ତୁଳୀରେ । ଏବେ କିନ୍ତୁ ଅସୀମା ଗଲାପରେ ଝାଉଁଳି ପଡ଼ିଛି ସବୁ ଗଛବୃଛ । କେବେ ମନେ ପଡ଼ିଲେ ପ୍ରବୀଣ ପାଣି ଦିଏ ନଚେତ ସେମିତି ଶୁଖିଲା ପଡ଼ିଥାଏ କୁଣ୍ଡସବୁ ।

ଜୋର ଏକ ଘର୍ଷଣ ଶବ୍ଦ କରି ପ୍ରବୀଣ ସାମ୍ନାରେ ଅଟକିଲା ଧଳା ରଙ୍ଗର କାର । ସେଥିରୁ ଓହ୍ଲାଇଲେ ଅସୀମାର ଓକିଲ । ପ୍ରବୀଣ ଖୋଜିଲା ଭଳି ଏପଟସେପଟ ଦେଖିଲା କିନ୍ତୁ ଅସୀମା ଆସିନଥିଲା । ପୁଣି ଚାହିଁଲା ହାତଘଣ୍ଟାକୁ । ଏଇ ଘଣ୍ଟାଟି ଅସୀମା ହିଁ ଉପହାର ରୂପେ ତାର ଜନ୍ମଦିନରେ ଦେଇଥିଲା । କେତେ ତାର ଯତ୍ନ ନେଉଥିଲା । ସବୁବେଳେ ଅସୀମା ନିଜେ ହିଁ ପ୍ରବୀଣର ସାର୍ଟ ପ୍ୟାଣ୍ଟ ଇସ୍ତ୍ରୀ କରିଦେଉଥିଲା । ମନଜାଣି ଖାଇବା ପରଷି ଦେଉଥିଲା । ଏତେ ସୁନ୍ଦର ତାର ଅସୀମା ଏମିତି ପଦକ୍ଷେପ କାହିଁକି ନେଲା ? ଏକ ନିର୍ଲଜ ହସ ଫିଙ୍ଗିଦେଇ ଅସୀମାର ଓକିଲ ତା ଆଗରେ ଚାଲିଗଲେ । ସେଇଠି ତାଙ୍କୁ ଅଟକାଇ ସେ ଅସୀମା ବିଷୟରେ ପଚାରିଦେବାକୁ ଚାହୁଁଥିଲା । ମାତ୍ର ତା ଓକିଲଙ୍କ ବିନା ଅନୁମତିରେ ସେ କିଛି କରେନି । ଚାବିଦିଆ କଣ୍ଢେଇ ପରି ସେ ବ୍ୟବହାର କରେ ଏଇ କୋର୍ଟରେ ତାକୁ ଏଠିକାର ଅବକାଇଦା ଜଣାନାହିଁ ।

ଆଜି ପୁଣି ଅସୀମା ଠକିଦେଲା । ଏଥର ଓକିଲଙ୍କ କହିବା ବୁତାବକ ସେ ମାନ୍ୟବର ବିଚାରପତିଙ୍କୁ ଅସୀମା ସହ ଦେଖା କରିବାକୁ ଅନୁମତି ଲୋଡ଼ିଲା । ସବୁବେଳେ ଏମିତି ଥରକୁ ଥର କୋର୍ଟ ଯିବା ଆସିବାରେ ତାର ସମୟ ନଷ୍ଟ ହେଉଛି, ଏତଦବ୍ୟତୀତ ସେ ଅସୀମା ସହ ସିଧାସଳଖ ଏ ବିଷୟରେ କଥାବାର୍ତ୍ତା କରିବାକୁ ଚାହୁଁଥିଲା । ତେଣୁ ବିଚାରପତି ମହୋଦୟ ଅସୀମା ସହ ସାକ୍ଷାତ କରିବାକୁ ଅନୁମତି ଦେଲେ । ଏହା ସହିତ ଯଦି ସେମାନେ ଆପୋଷ ବୁଝାମଣା ସହ କିଛି ସମୟ ଏକାଠି ରହିବାକୁ ଚାହିଁବେ ତେବେ ଛଅମାସ ସମୟ ସେମାନଙ୍କୁ ଦିଆଯାଇପାରିବ ବୋଲି ଶୁଣାଣି ଦେଲେ । ଏଇ ଶୁଣାଣିରେ କିନ୍ତୁ ଅସୀମାର ଓକିଲଙ୍କ ଭ୍ରୂକୁଞ୍ଚନ ବଢ଼ିଗଲା । ଏସବୁ ଗୋଟିଏ ଭିନ୍ନ କାହାଣୀ ପଟେ ନିର୍ଦ୍ଦେଶ କରୁଥିଲା ଯାହା ପ୍ରବୀଣଠାରୁ ଲୁଚା ଯାଇଥିଲା ।

କୋର୍ଟ ପରିସରରୁ ହିଁ ଅସୀମାକୁ ପ୍ରବୀଣ ଫୋନ୍ ଲଗାଇଲା । କିନ୍ତୁ ପ୍ରତିଥର ପରି ସେଇ ଉତ୍ତର ଭାସିଆସିଲା ନମ୍ବରଟି ଅପହଞ୍ଚ ଅଛି । ଘରୁ ଗଲା ଦିନଠାରୁ ଅସୀମାର ନମ୍ବର ଲାଗୁନି । ଗଲାବେଳେ ତ କେତେ ଖୁସିରେ ସେ ତା ଭାଇ ସହ ଗଲା । ପୁଣି କଣ ହେଲା ଏମିତି ଯେ ସିଧାସଳଖ ଛାଡ଼ପତ୍ର ନୋଟିସ ପଠାଇଦେଲା ? ଶ୍ୱଶୁର ଘରକୁ ମଧ୍ୟ ଅନେକଥର ଧାଇଁଗଲା ପ୍ରବୀଣ ଉଦ୍ଦେଶ୍ୟ କେବଳ ଥରେ ମାତ୍ର ଅସୀମାକୁ ଦେଖା କରି କଥାବାର୍ତ୍ତା କରିବ । କିନ୍ତୁ ସଫଳ ହେଲାନି । ଅନେକ ଦ୍ୱନ୍ଦ ଓ ପ୍ରଶ୍ନବାଚୀ ସହ ସେ ଘରକୁ ଫେରି ତାର ଜଣେ ଚିହ୍ନା ଓକିଲକୁ ପରାମର୍ଶ କଲା । ତାପରଠାରୁ ତ ଏଇ ପାଲା । ତାରିଖ ମୁତାବକ କୋର୍ଟରେ ହାଜର ହେବାକୁ ପଡୁଛି ଆଉ ଅସୀମାର ଦେଖା ନାହିଁ ।

କୋର୍ଟର ନିର୍ଦ୍ଦେଶ ପରେ ପ୍ରବୀଣ ନିଜ ଓକିଲଙ୍କ ସହ ଅସୀମା ଘରକୁ ଯାଇଥିଲା । କୋର୍ଟର ନିର୍ଦ୍ଦେଶନାମା ମଧ୍ୟ ଦେଖାଇଥିଲା । ତଥାପି ଅସୀମା ସହ ଭେଟ ହୋଇପାରିଲାନି । ଗେଟ୍ ଖୋଲି କିଛି ବାଟ ଗଲା ପରେ କେହି ଜଣେ ପଛରୁ ଡାକ ଛାଡୁଥିଲା । ଇଏ ତ ଅସୀମା ଘର ପୁରୁଣା ଚାକର ଉଦୟ । ବୁଢ଼ୀ ଝାଳନାଳ ହୋଇ ଅଣ୍ଟିରୁ କାଗଜ ଖଣ୍ଡେ କାଢ଼ି ପ୍ରବୀଣ ହାତକୁ ବଢ଼ାଇଦେଲା । ସେ ଯାହାସବୁ କହିଲା ପ୍ରବୀର କାନମୁଣ୍ଡା ଭାଁଭାଁ କଲା । ସେ କାଗଜରେ ସାଇତା ହୋଇଥିଲା ଅସୀମାର ଲୁହ ଓ ଦୁଃଖ । ସ୍ୱତଃ ପ୍ରବୀଣ ମୁହଁରୁ ବାହାରିଗଲା । ତେବେ ଏମାନେ ସମସ୍ତେ ମୋ

ଅସୀମାକୁ ମାରିଦେଇଛନ୍ତି ? ଏତେ ସୁନ୍ଦର ଅଭିନୟ କରି ଅସୀମାର ଭାଇ ତାକୁ ଘରକୁ ନେଇ ଆସିଥିଲା । ତାପରେ ତାକୁ ଘରେ ବନ୍ଦୀକରି ରଖାଯାଇଥିଲା । ଉଦୟକୁ ସୁଯୋଗ ଦେଖି ଏଇ ଚିଠିଟି ଦେଇଥିଲା ଅସୀମା ତା ଦେଇପାରିନଥିଲା । ତାର ଦୁଇ ଦିନ ପରେ ଆଉ ଅସୀମାର ସନ୍ଧାନ ନଥିଲା ।

ଏଇ କୋର୍ଟରେ ଛାଡ଼ପତ୍ର ଦେଖାଇ ସେମାନେ ପ୍ରବୀଣକୁ ହନ୍ତସନ୍ତ କରିବା ସହ ଅସୀମାର ମୃତ୍ୟୁରେ ଭାଗୀଦାର କରିବାକୁ ଯେଉଁ ଯୋଜନା କରୁଥିଲେ ସେଇ ସବୁକଥା ଉଦୟ ଶୁଣିଦେଇଥିଲା । ସେଦିନରୁ ଏକ ଗ୍ଲାନି ବୋଧରେ ସେ ଜର୍ଜରିତ ହେଉଛି । ଆଜି ପ୍ରବୀଣକୁ ଦେଖି ସେ ନିଜକୁ ଅଟକାଇ ପାରିନଥିଲା । ଯେତେହେଲେ ଅସୀମା ତାହାରି କୋଳରେ ଖେଳିଛି, ତା ଆଖି ସାମ୍ନାରେ ବଡ଼ ହୋଇଛି । ସେ ଜୋର ଦେଇ କହୁଥିଲା ଏଇ ରାକ୍ଷସମାନେ ଅସୀମା ମାମାମୁ ମାରିଦେଇଛନ୍ତି । ଆପଣ ଏମାନଙ୍କ ବିପକ୍ଷରେ କେସ କରନ୍ତୁ । ମୁଁ ନିଜେ ସାକ୍ଷୀ ହେବି । ପ୍ରବୀଣର ଆଖି ସାମ୍ନାରେ ଅନ୍ଧାର ଘୋଟିଯାଉଥିଲା । କେତେ ଦୁଃଖରେ ଅସୀମା ଏଇ ଚିଠିଟି ଲେଖିଥିଲା କେବଳ ତା ଉପରେ ବିଶ୍ୱାସ ରଖି ତାଠାରୁ ସାହାଯ୍ୟ ପାଇବା ଆଶାରେ କିନ୍ତୁ.... ।

ପ୍ରବୀଣ ମନେ ମନେ ଭାବୁଥିଲା, ଅସୀମାର ଦୋଷ କ'ଣ ଥିଲା ? କେବଳ ଏତିକି ଯେ ସିଏ ଅନ୍ୟ ଜାତିର ପିଲାକୁ ପ୍ରେମ ବିବାହ କରିଥିଲା । ଲୁହଭିଜା ଆଖିରେ ସେ ଓକିଲଙ୍କୁ ଅନୁନୟ କରୁଥିଲା ତା ଅସୀମାକୁ ନ୍ୟାୟ ଦେବା ପାଇଁ । ନିରୀହ ଅସୀମା ତା ଅଜାଣତରେ ଜଙ୍ଗଲର ହରିଣୀ ପରି ଏଇ ବ୍ୟାଧଙ୍କ ଶିକାର ହୋଇଛି ଆଉ ସେ ତାକୁ ଯେକୌଣସି ମତେ ନ୍ୟାୟ ଦେବ । ଏଇ ସଂକଳ୍ପ ସହ ପ୍ରବୀଣ ଓକିଲଙ୍କ ସହ ଆଗେଇ ଚାଲିଥିଲା ।

ଭବାନୀପାଟଣା ।

## ଅକ୍ଷରାଧାମ

– ସୁନନ୍ଦା ମହାନ୍ତି

ସେଦିନ ଦିଲ୍ଲୀରେ ପହଂଚୁ ପହଂଚୁ ପୁଅ କହିଲା ସ୍ୱାମୀ ନାରାୟଣଙ୍କ ମନ୍ଦିରକୁ ଯିବା, ଆଉ ପହଂଚିବା ପରେ ଲାଇଟଶୋ ଦେଖିବାକୁ ଟିକେଟ ବି କଟା ସରିଗଲା, ହେଲେ ସବୁ ଚେକିଂ ପରେ ବି ବ୍ୟାଗଟି ଅଡୁଆ ହେଲା ତ ପୁଣି କାଉଣ୍ଟର ଯାଇ ଟୋକନ କରି ଲେଡ଼ୀସ ଧାଡ଼ିରେ ପୁଣି ଚେକିଂର ସମ୍ମୁଖୀନ ହେବା ପରେ ପହଂଚିଗଲୁ ।

ସେତେବେଳକୁ ଆମ ଶାଶୁ ବୋହୂଙ୍କୁ ଖୋଜି ବାପା ପୁଅ ରାଗ ତମତମ ଡେରିର କାରଣ ଜାଣିଲାପରେ ବି ରାଗ କମୁନି । କାରଣ ଗହଳି ବଢ଼ିଲେ ଲାଇଟ ଶୋ ଦେଖିବାକୁ ଉପଯୁକ୍ତ ସିଟ ମିଳିବନି । ହେଲେ ଆମକୁ ସ୍ୱାମୀ ନାରାୟଣଙ୍କ କରୁଣାରୁ ବଢ଼ିଆ ସିଟ ମିଳିଗଲା ଆଉ ଶୋ ବି ଆରମ୍ଭ ହୋଇଗଲା ।

କି ସୁନ୍ଦର ଲାଇଟ ଓ ପାଣିର ଖେଳ । ଜମିଗଲା ଭଳି ଦୃଶ୍ୟ । ସ୍ୱାମୀ ନାରାୟଣଙ୍କ ମୂର୍ତ୍ତି ଥିବା କାରୁକାର୍ଯ୍ୟପୂର୍ଣ୍ଣ ଅଟ୍ଟାଳିକା ତଥା ମନ୍ଦିରଟି ଲାଇଟର ସାଜସଜ୍ଜାରେ କେବେ ବରୁଣ, କେବେ ଇନ୍ଦ୍ର, କେବେ କୁବେର ତ କେବେ ଯମଦେବ ତ କେବେ ସୂର୍ଯ୍ୟଦେବତାଙ୍କ ଚମତ୍କାର ଉଆସ ସବୁ । ଆଉ ଥରକୁ ଥର ସେମାନଙ୍କ ଭିତରୁ ଜଣେ ଜଣେ ବାହାରି ତଳେ ଲାଇଟ ଓ ପାଣିର ବର୍ଣ୍ଣାଳି ଭିତରେ ଖେଳୁଥିବା ପିଲାମାନଙ୍କ ସହ ଟକ୍କର ଦେଇ ତାଙ୍କ ଆଲୋକବର୍ଣ୍ଣାଳିକୁ ଧ୍ୱଂସ କରିବାକୁ ଯାଇ ପରାସ୍ତ ହେଉଥାନ୍ତି ଥରକୁ ଥର ତ ନିଜ କ୍ରୋଧରେ ନିଜ ଉଆସ ଧୂଳିସାତ ହେଉଥାଏ ପରକୁ ପର ।

ଏ ସବୁ ଦୃଶ୍ୟରାଜି ଆଲୋକ ଓ ପାଣିର ମିଶ୍ରିତ ଚମତ୍କାରିତାରେ ଆମେ ଦର୍ଶକ ବିଭୋର ଦର୍ଶକ ଗ୍ୟାଲେରୀରେ ଥିବା କିଛି କିଛି କୁନି ପିଲା ବି ଅଣାୟତ୍ତରୁ ଆୟତ୍ତ ଭିତରେ ରହିଥାନ୍ତି ଚୁପଚାପ । ଆଉ ଦୃଶ୍ୟରାଜିର ଅଙ୍କ ପରେ ଅଙ୍କର ସମାପ୍ତି ସହିତ ଶେଷକୁ ସମସ୍ତଙ୍କ ଅନୁରୋଧରେ ବିଷ୍ଣୁ ବୁଝାଇଛନ୍ତି ଅହଂକାର ଓ କ୍ରୋଧ ମଣିଷଙ୍କର ପରମ ଶତ୍ରୁ ଆଉ କୋମଳମତି ନିଷ୍ପାପ ଶିଶୁମାନଙ୍କ ସରଳତାକୁ କେହି ବି କ୍ରୋଧ ଦ୍ୱାରା ଛାର୍ଣ୍ଣ କରିପାରିବେ ନାହିଁ । ହଠାତ ଆଲୋକର ବର୍ଣ୍ଣାଳି ଭିତରେ ହାତୀମାନଙ୍କର ଯିବାଆସିବା ଦୃଶ୍ୟ ସହ ଆଲୋକ ଓ ପାଣିର ଫୁଲ ଓ ଫୁଲଝରୀ ଦୃଶ୍ୟର ସମାପ୍ତିରେ ମନ୍ତ୍ରମୁଗ୍ଧ ହେଲାବେଳେ ମୋର ଟିକି ନାତୁଣୀଟି କଥା ମନେପଡୁଥିଲା ।

ସାକ୍ଷୀଗୋପାଳ, ପୁରୀ ।

# ଯେସାକୁ ତେସା

– ଅଶ୍ୱିନୀ କୁମାର ସେଠୀ

ଅଶୋକ ବାବୁ କେନ୍ଦୁଝର ଜିଲ୍ଲାର ମୁଖ୍ୟ ଚିକିତ୍ସାଧିକାରୀ ଭାବରେ କାର୍ଯ୍ୟନିର୍ବାହ କରି ଅବସର ନେଇଛନ୍ତି । ତାଙ୍କ ପୈତୃକ ଗ୍ରାମ କଟକ ଜିଲ୍ଲା ବେଣ୍ଟକାର ଗ୍ରାମ ବୟାଳିଶ ମୌଜା ଅନ୍ତର୍ଗତ ଛୋଟ ଗାଆଁ । ଗାଆଁରେ ବର୍ତ୍ତମାନ ତାଙ୍କ ବାପାଙ୍କର ଛୋଟ ଘରଟିଏ ଅବସ୍ଥିତ । ଜମିବାଡ଼ି ଯାହା ସବୁ ତାଙ୍କ ଦାଦାପୁଅ ଭାଇମାନେ ବୁଝାସୁଝା କରନ୍ତି । ସେ ଭୁବନେଶ୍ୱର ରାଜଧାନୀ ଚିକିତ୍ସାଳୟରେ କାର୍ଯ୍ୟ କରୁଥିବା ସମୟରେ ଭୂବନେଶ୍ୱରରେ ଏକ ସମ୍ଭ୍ରାନ୍ତ ଅଞ୍ଚଳରେ ଦୁଇ ମହଲା କୋଠାଘରଟିଏ କରିଥିଲେ । ତାଙ୍କର ପରିବାର କହିଲେ ତାଙ୍କ ସ୍ତ୍ରୀ ଶାନ୍ତିଦେବୀ ଏକମାତ୍ର ପୁତ୍ର ଭବାନୀଦାଶ । ପୁଅ ଓଡ଼ିଶା ଇଂଜିନିୟରିଂ କଲେଜରୁ ବିଟେକ୍ କରି ବାଙ୍ଗାଲୋରଠାରେ ଏମଟେକ୍ ଇଂଜିନିୟରିଂ ସାରି ଏକ ଆଇ.ଟି କାର୍ଯ୍ୟାଳୟରେ ଦୀର୍ଘ ପାଞ୍ଚବର୍ଷ କାର୍ଯ୍ୟ କରିଥିଲେ । ତାର ବିଭାଘର ଏକ ସମ୍ଭ୍ରାନ୍ତ ପରିବାରରେ କରାଇ ଉଚ୍ଚଶିକ୍ଷିତା ବୋହୂଟିଏ ଘରକୁ ଆଣିଥିଲେ । ଅବସର ପରେ ସେ ଭବନେଶ୍ୱରରେ ଥିବା ଘରେ ପରିବାର ସହ ରହୁଥିଲେ । ପରିବାର ଠାରୁ ଦୂରରେ ଥିବାରୁ ପୁଅ ଭବାନୀବାବୁ ଚାକିରି ଛାଡ଼ି ଭୁବନେଶ୍ୱରଠାରେ ଏକ କମ୍ପାନୀରେ ଠିକା କର୍ମଚାରୀ ଭାବେ କାମ କରୁଛନ୍ତି ଇତି ମଧ୍ୟରେ ତାଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା । ମାଆ ଶାନ୍ତିଦେବୀ ଥିଲେ ଜଣେ ଆଧ୍ୟାତ୍ମିକବାଦୀସେ ସବୁବେଳେ ଈଶ୍ୱରଙ୍କ ପ୍ରତି ଧ୍ୟାନ ଦେଉଥିଲେ । ସେଥିପାଇଁ ବୋହୂ ଏଲିନା ଶାଶୁଙ୍କର କାର୍ଯ୍ୟକଳାପକୁ ବିରୋଧ କରୁଥିଲେ । ବୋହୂର ଚାଲିଚଳନ କଥାବାର୍ତ୍ତା ଶାନ୍ତିଦେବୀଙ୍କୁ ଭଲ ଲାଗୁନଥିଲା । ତେଣୁ ଅଧିକାଂଶ ସମୟ ଶାଶୁବୋହୂଙ୍କର ମନମାଳିନ୍ୟ ହେଉଥିଲା । ଶାଶୁଙ୍କ ନାଁରେ ଏଲିନା ସ୍ୱାମୀଙ୍କ ଆଗରେ ମିଛସତ କହୁଥିଲା । ପୁଅ ଅଯଥାରେ ମାଆ ପ୍ରତି ବ୍ୟବହାର ଖରାପ କରୁଥିଲା ତେଣୁ ଶାନ୍ତିଦେବୀ ମନକଥା ମନରେ ରଖି ସବୁବେଳେ ଅନ୍ୟମନସ୍କ ରହୁଥିଲେ । ଦିନେ ହଠାତ୍ ଶାନ୍ତି ଦେବୀ ହୃଦରୋଗରେ ଆକ୍ରାନ୍ତ ହେଲେ ଏବଂ କିଛିଦିନ ପରେ ହୃଦଘାତରେ ଜୀବନ ହରାଇ ବସିଲେ । ବାପା ଅଶୋକ ଦାଶଙ୍କର ମାନସିକ ଅବସ୍ଥାର ପରିବର୍ତ୍ତନ ପାଇଁ ଭବାନୀବାବୁ ବାପାଙ୍କୁ କହିଲେ ବାପା, ଗାଁରେ ଥିବା ଭଙ୍ଗାଘରଟିକୁ ସଜାଡ଼ି ତୁମେ ଯାଇ ରହି ଜମିବାଡ଼ି ବୁଝାସୁଝା କଲେ କିପରି ହୁଅନ୍ତା ? ହଠାତ୍ ମାଆ ମରିବାର ମାସେ ହୋଇନାହିଁ ଏଭଳି କଥା କହିବାର ମାନେ ବୁଝିପାରିଲେନି । ଗୁମ ମାରି କିଛି ନକହି ମୁଣ୍ଡ ଟୁଙ୍ଗାରି ଦେଲେ । ରାତିରେ ଖାଇ ସାରି ଶୋଇବାକୁ ଯିବା ସମୟରେ ବୋହୂର ପାଟି ଶୁଣିଲେ ଯେ ବୋହୂ ପୁଅକୁ କହୁଛି ତୁମ ମାଆ ଥିଲାବେଳେ ସବୁବେଳେ ମୋ ସହିତ ଝଗଡ଼ା ଲଗାଇ କହନ୍ତି ଯେ ମୋ ମାଆ ମୋତେ ସଂସ୍କାର ଶିଖେଇନାହାନ୍ତି । ଏବେ ତୁମ ବାପା କୋଉ ସଂସ୍କାର ଜାଣିଛନ୍ତି କି ? ଯୁବତୀ ବୋହୂ ସାଙ୍ଗରେ ଦିନସାରା ପୁଅ ନଥିବା ସମୟରେ କିପରି ଚଳିବେ । ମୋର ସାଙ୍ଗମାନେ ଡ୍ରେସ ପିନ୍ଧି ଅଧିକାଂଶ ସମୟରେ ମାର୍କେଟିଂ କରିବାପାଇଁ ଡକାଡକି ହୋଇ ଯାଉଛନ୍ତି । ମୁଁ ଯଦି ତାଙ୍କ ସହିତ ମିଳିମିଶି ନ ଚଳିବି ତେବେ ସେ ବାପାଙ୍କର ସମ୍ମାନ କିପରି ରହିବ ଯେ ମୁଁ ଏକ ସମ୍ଭ୍ରାନ୍ତ ଘରର ଝିଅ ବୋଲି ଅଶୋକ ବାବୁ ଜାଣିପାରିଲେ ଯେ ସେଥିପାଇଁ ପୁଅ ତାଙ୍କୁ ଗାଆଁରେ ରହିବା ପାଇଁ କହୁଛି ଓ ମନେ ମନେ ଭାବିଲେ ଯେ ଶାନ୍ତି ଦେବୀ ବୋହୂର ବ୍ୟବହାରରେ ଅତିଷ୍ଠହୋଇ ହୃଦଘାତରେ ପ୍ରାଣ ହରାଇଛନ୍ତି । ସେ କିଛି ନକହି ଚୁପଚାପ ରହିଲେ ଦିନେ ପୁଅକୁ ଡକାଇ ଦୁଇଟି ଫ୍ଲାଇଟ ଟିକେଟ ସହିତ ୧୫ଦିନିଆ ପାକେଜ କୁପନ ଧରାଇ କହିଲେ ତୁ ବିଦେଶଯାତ୍ରା କେବେ କରିବୁ ତୁ ବୋହୂକୁ ନେଇ ଯା ବିଦେଶ ୧୫ ଦିନ ପାଇଁ ବୁଲିଆସିବୁ । ଭବାନୀବାବୁ ବାପାଙ୍କର ଏ ଉଦାରତା ଦେଖି ଖୁସିରେ ପତ୍ନୀ ଏଲିନାଙ୍କୁ କହି ଯାତ୍ରା ପାଇଁ ସପିଙ୍ଗ ଠାରୁ ଆରମ୍ଭ କରି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ କିଣି ରଖି ଯାତ୍ରା ଆରମ୍ଭ କଲେ ।

ପୁଅ ଯିବାପରେ ଅଶୋକବାବୁ ଏକ ବିଲଡ଼ର ସହିତ କଥାବାର୍ତ୍ତା କରି ଘରଟିକୁ କୋଟିଏ ଟଙ୍କାରେ ବିକ୍ରି କରିଦେଲେ । ନିଜ ପାଇଁ ପୁରୀ ଜଗନ୍ନାଥ ମନ୍ଦିର ନିକଟରେ ଏକ ଫ୍ଲାଟ ୨୦ ଲକ୍ଷରେ କିଣି ନେଲେ । ପୁଅ ଭବାନୀର ସମସ୍ତ ଘର ଉପକରଣ ଓ ଆସବାବପତ୍ର ଘର ପାଖରେ ଥିବା ଏକ ଭଡ଼ା ଘରେ ରଖି ଚାବି ପକାଇ ଦେଲେ । ଭବାନୀବାବୁ ବିଦେଶ ଭ୍ରମଣ କରି ଫେରିଆସି ଦେଖିଲେ ଗେଟ ଭିତରେ ଏକ ସିକ୍ୟୁରିଟି ଗାର୍ଡ଼ ବସିଛି । ସେ ପଚାରିଲା ଆପଣ କାହାକୁ ଖୋଜୁଛନ୍ତି । ଭବାନୀବାବୁ ଆଶ୍ଚର୍ଯ୍ୟ ହୋଇ ଭାବିଲେ ବାପା ବୋଧେ ଏକା ଥିବାରୁ ସିକ୍ୟୁରିଟି ଗାର୍ଡ଼ ରଖିଛନ୍ତି । ଭବାନୀବାବୁ ପରିଚୟ ଦେବାରୁ ସିକ୍ୟୁରିଟି ଗାର୍ଡ଼ କହିଲା ଆଜ୍ଞା ଆପଣ ବୋଧେ ପୁରୁଣା ମାଲିକଙ୍କ କଥା କହୁଛନ୍ତି କିନ୍ତୁ ଆମ ମାଲିକ ୧୦ ଦିନ ହେବ ଏହି ଘରଟିକୁ କିଣିଛନ୍ତି ।

ଭବାନୀବାବୁ ଏଭଳି ଏକ ପରିସ୍ଥିତିର ସାମନା କରି ଅପ୍ରସ୍ତୁତ ହୋଇପଡ଼ିଲେ । ବାପାଙ୍କୁ ଫୋନ କଲେ । କିଛି ସମୟପରେ ଅଶୋକବାବୁ ଆସି ସେଠାରେ ପହଞ୍ଚି ପୁଅ ହାତରେ ଭଡ଼ା ଘରର ଚାବିକାଠି ଧରାଇ ଘରକୁ ଯାଇ ପୁଅର ଆସବାବପତ୍ର ଓ ବୋହୂର ବାପ ଘରୁ ଆଣିଥିବା ସମସ୍ତ ଜିନିଷ ପତ୍ର ବୁଝାଇ ଚାଲିଯିବାକୁ ବାହରନ୍ତେ ପୁଅ ବାପାର ହାତଗୋଡ଼ ଧରି ପକାଇ କାହିଁକି ଏପରି ଦୃଢ଼ ନିଷ୍ପତି ନେଲ ବୋଲି ପଚାରିବାରୁ ଅଶୋକ ବାବୁ କହିଲେ ସମୟ ଆସିଲେ ତୁ ସବୁ ଜାଣିବୁ । ପୁରା ଗୋଟିଏ ବର୍ଷର ଭଡ଼ା ଜମା କରିଦେଇଛି । ଆଗକୁ ତୋର ଇଚ୍ଛା । ବୋହୂକୁ ଯେମିତି ରଖିବାକୁ ଚାହୁଁଛୁ ଏବେ ବିନା ବାଧାରେ ରଖିପାରିବୁ । ମୋ ପାଇଁ ଚିନ୍ତା କରିବୁନି । ମୁଁ ମୋର ବ୍ୟବସ୍ଥା କରିସାରିଛି । ଏତିକି କହି ଅଶୋକବାବୁ ଫେରିଗଲେ । ଭବାନୀବାବୁଙ୍କ ସ୍ତ୍ରୀ ମନେ ମନେ ଭାରି ଖୁସି ହେଉଥାନ୍ତି ଓ ଭାବୁଥାନ୍ତି ଯାହା ସେ ଭାବୁଥିଲେ ତାହାହିଁ ହେଲା । କୁମ୍ଭୀର କାନ୍ଦଣା ପରି ସାନ୍ତ୍ୱନା ଦେଇ ସ୍ୱାମୀଙ୍କୁ କହିଲେ ତୁମେ ବ୍ୟସ୍ତ ହୁଅନାହିଁ । ମାଆ ଯିବା ପରେ ବାପାଙ୍କର ମତିଭ୍ରମ ହୋଇଯାଇଛି କିଛି ଦିନ ପରେ ସେ ପୁଣି ଆମ ପାଖକୁ ଫେରି ଆସିବେ । କିନ୍ତୁ ଭବାନୀବାବୁ ବାପାଙ୍କର ସ୍ୱାଭିମାନ ବିଷୟରେ ଭଲରକମ ଉପଲବ୍ଧି କରିଛନ୍ତି ।

ଇତି ମଧ୍ୟରେ ଦଶବର୍ଷ ବିତିଯାଇଛି । ଅଶୋକବାବୁ ଗାଆଁକୁ ପ୍ରତ୍ୟାବର୍ତ୍ତନ କରି ବିକିଥିବା ଘର ଟଙ୍କାରେ ଗାଆଁରେ ୨ଏକର ଜମି କିଣି ସ୍ତ୍ରୀ ଶାନ୍ତିଦେବୀ ସ୍ମୃତିରେ ଶାନ୍ତି ମେମୋରିଆଲ ଦାତବ୍ୟ ଚିକିତ୍ସାଳୟ କରି ଦରିଦ୍ର ନାରାୟଣ ସେବା ପ୍ରତିଷ୍ଠାନ କରି ଚିକିତ୍ସା କରିବା ସହିତ ମାଗଣାରେ ରହିବା ଖାଇବାର ବ୍ୟବସ୍ଥା କରିଛନ୍ତି । ବିଭିନ୍ନ ରୋଗର ପ୍ରତିଷ୍ଠିତ ଚିକିତ୍ସକମାନଙ୍କୁ ଡକାଇ ଚିକିତ୍ସା ପ୍ରଦାନ କରୁଛନ୍ତି । ଶାନ୍ତି ବୃଦ୍ଧାଶ୍ରମ ନାମରେ ଏକ ଆଶ୍ରମ ଖୋଲି ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ନିରାଶ୍ରୟ ଲୋକଙ୍କୁ ଥଇଥାନ କରାଇଛନ୍ତି । ଏହି ପ୍ରକାର ସମାଜର ସେବା କରି ସେ ହାଉସମେଟ, ଗ୍ରାମବାସୀ ଓ ପଡ଼ୋଶୀଙ୍କ ଗହଣରେ ବଞ୍ଚିରହିବା ଶିଖି ନେଇଛନ୍ତି । ଓଁ ଶାନ୍ତି ।

ଚାଉଳିଆଗଞ୍ଜ, କଟକ ।

# କଇଦୀ ନଂ ଦୁଇଶହ ପନ୍ଦର

- ଲିଳାବତୀ ମହାପାତ୍ର

ବିଧାୟକ ସୁଶାନ୍ତ ନାଏକ ଜେଲ ପରିଦର୍ଶନରେ ଆସୁଛନ୍ତି । କଇଦୀ ଜଣଙ୍କୁ ଭେଟି ସେମାନଙ୍କର ଭଲମନ୍ଦ ବୁଝିବେ । ଯୋଗ ଶିବିର ଉଦ୍‌ଘାଟନ କରିବେ । ଏ ସଂବାଦ ପାଇବା ପରଠାରୁ କଏଦୀ ସଂ ୨୧୫ ମନରେ ମୁକ୍ତି ପାଇବାର ଉଜ୍ଜଳ ଆଶା ଜାଗ୍ରତ ହେଲା । ପ୍ରାୟ ବର୍ଷେ ହେଲା ଜେଲ ଭିତରେ ରହି ସେ ଭାରି କଷ୍ଟ ପାଇଲେଣି । । ଅବଶ୍ୟ ତାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ପ୍ରତିଦିନ ସେ ଘରଖାଦ୍ୟ ଖାଉଛନ୍ତି । ତୁଳୀତଳ୍ପ ଶଯ୍ୟା ସାଙ୍ଗକୁ ଗରମରୁ ରକ୍ଷା ପାଇବା ପାଇଁ କୁଲରର ମଧ୍ୟ ବ୍ୟବସ୍ଥା କରାଯାଇଛି । ଯେତେ ଯାହାହେଲେ ମଧ୍ୟ ସେ ବନ୍ଦୀ ।

ନିର୍ଦ୍ଦିଷ୍ଟ ସମୟରେ ସ୍ଥାନୀୟ ବିଧାୟକ ଆସି ବନ୍ଦୀମାନଙ୍କୁ କୋଠରି ବୁଲି ଦେଖିଲେ । ଖୁସିରେ କୁରୁଳି ଉଠୁଥିବା ବାନାମ୍ବରର ମନ ଆମ୍ବିଳା ହୋଇଗଲା । କାରଣ ବିଧାୟକ ତାକୁ ଦେଖି ନ ଚିହ୍ନିଲା ପରି ଅଭିନୟ କଲେ । ମୁକ୍ତି ପାଇଁ ଉଜ୍ଜିବୀତ ଇଚ୍ଛାଟି ତାଙ୍କର ମଉଳି ଗଲା । ଶକ୍ତ ଧକ୍କା ଲାଗିଲା । ଯେଉଁ ବିଧାୟକ ଉପରସ୍ଥିତ ଅଫିସର ମାନଙ୍କୁ ଖୁସି କରିବାକୁ ଯାଇ ନିରୀହ ଝିଅଙ୍କୁ ସେମାନଙ୍କ କାମନା ଅନଳରେ ଝାସ ଦେବାପାଇଁ ଯୋଗାଇଥିଲେ । ସୁରା, ଶାଖି ଯୋଗାଇ ସେମାନଙ୍କ ମନୋରଞ୍ଜନ କରାଉଥିଲେ ସେମାନଙ୍କୁ ଆଜି ମୁକ୍ତ ଆକାଶର ବିହଙ୍ଗପରି ସମ୍ମାନର ସହିତ ଜୀବନ ଯାପନ କରୁଛନ୍ତି ଆଜି ସେ ଦୋଷୀ । ପ୍ରଚ୍ଛଦ ପଟରେ ସେମାନେ ରହିଗଲେ ।

ପାପକର୍ମ କେବେ ଲୁଚି ରହେ ନାହିଁ ଏମିତି ଖେଳ ଖେଳୁଖେଳୁ ମାତ୍ର ସପ୍ତମ ଅଷ୍ଟମ ଶ୍ରେଣୀରେ ପଢୁଥିବା ଝିଅଗୁଡ଼ିକ ପ୍ରେଗନେଟ ହୋଇଗଲେ ଗରିବର ସୀମାରେଖା ତଳେ ଥିବା ଅପାଠୁଆ କନ୍ଧମାନେ ବା ମାଷ୍ଟରଙ୍କ ବିରୁଦ୍ଧରେ କିପରି ସ୍ୱରଉତ୍ତୋଳନ କରିପାରିବେ । ବାଡ଼ଯଦି ଫସଲ ଖାଏ ତାକୁ ଜଗିବ କିଏ? ବାନାମ୍ବର ମାଷ୍ଟ୍ରେ ବହୁତ ଚାଲାକ । ସେହି ଝିଅମାନଙ୍କ ବିବାହ ନିଜେ କରାଇ ଦେଇଥାନ୍ତି । ସେମାନଙ୍କ ପିତାମାତାଙ୍କୁ ଟଙ୍କା ପାଞ୍ଚହଜାର କି ଦଶହଜାର ଦେଇ ଦେଲେ କାମ ଖତମ । ଆଉ କିଏ ପାଟି ଫିଟାଇ ପାରନ୍ତି ନାହିଁ ।

ପଙ୍କରେ ମଧ୍ୟ ପଦ୍ମଫୁଟିଥାଏ । ନିୟତିର ତାହା ନିର୍ଦ୍ଦେଶ ଥିଲା ବୋଧେ । ସୁଜାତା ମାଇଣ୍ଡି ଚୁପ୍ ରହି ପାରି ନଥିଲା । ଝିଅଟି ଭଲ ପାଠ ପଢୁଥିଲା । ପାଠସାଠ ପଢ଼ି ଚାକିରି କରି ତାଙ୍କ ଗ୍ରାମରେ ନୂଆ ରେକର୍ଡ଼ ସୃଷ୍ଟି କରିବାର ଲକ୍ଷ୍ୟ ଥିଲା ତା'ର । ସେ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସମ୍ମାନ ଦେଖାଉଥିଲା । ବାନାମ୍ବର ବେହେରା ପ୍ରଧାନ ଶିକ୍ଷକ ଥିଲେ । ତେଣୁ ତାଙ୍କୁ ସମସ୍ତ ଛାତ୍ରଛାତ୍ରୀ ଡରନ୍ତି ଓ ଭକ୍ତି ମଧ୍ୟ କରନ୍ତି । ଆବାସିକ ବିଦ୍ୟାଳୟ ହୋଇଥିବାରୁ ପ୍ରାୟ ରାତିରେ ସେ ବିଦ୍ୟାଳୟରେ ରହିଯାଆନ୍ତି ।

ସଂଧ୍ୟା ହୋଇ ଆସୁଥାଏ । ସୁନୀତାକୁ ମୁଣ୍ଡଚିପି ଦେବାପାଇଁ ଡାକିଲେ ବାନାମ୍ବର । ଛୋଟଝିଅଟି କିଛି ବୁଝିବା ପୂର୍ବରୁ ସେ ତା'ର ଇଜ୍ଜତ ସାଥୀରେ ଖେଳ ଖେଳିଦେଲେ । ତା'ପରେ ପରେ ସେ ବିଭିନ୍ନ ଅଫିସର ଓ ବିଧାୟକଙ୍କ ଦ୍ୱାରା ଅତ୍ୟାଚାରିତ ହେବାକୁ ଲାଗିଲା ।

ଜୀବନରେ ସମ୍ମୁଖୀନ ହେଉଥିବା ଏହି ସମସ୍ୟାକୁ ସମାଧାନ କରି କିପରି ବଞ୍ଚିପାରିବ ସେଥିପାଇଁ ସେ ମନେ ମନେ ନିଜକୁ ଦୃଢ଼ କରି ଚୁପ୍ ହୋଇ ରହିପାରି ନଥିଲା । ଶନିବାର ଦିନ ବିଭିନ୍ନ ଆଳ ଦେଖାଇ ସେ ଘରକୁ ଯାଇଥିଲା । ଏହାହିଁ ସୁବର୍ଣ୍ଣ ସୁଯୋଗ ଭାବେ ତା ମା'ଙ୍କ ଆଗରେ ସବୁକଥା କହିଥିଲା । ମା ସରଳ ଅଶିକ୍ଷିତ ସେ କ'ଣ କରିବ କିଛି ଭାବି ପାରିଲା ନାହିଁ । ରାହାଧରି କାନ୍ଦିବାକୁ ଲାଗିଲା । କଥାଟା କାନକୁ କାନ ହୋଇ କ୍ଷିପ୍ର ଗତିରେ ସାରା ଗ୍ରାମରେ ବ୍ୟାପିଗଲା । ଏ କଥା ଶୁଣି ଆଗରୁ ଅତ୍ୟାଚାରିତ ହୋଇ ନିରବ ରହିଥିବା ଝିଅମାନେ ମଧ୍ୟ ଆଗେଇ ଆସି ମୁହଁଖୋଲିଲେ । ସମସ୍ତେ ଏକତ୍ରିତ ହୋଇ ଥାନାକୁ ଯାଇ ରିପୋର୍ଟ ଲେଖାଇଲେ । ବହୁଲୋକଙ୍କ ବାଣୀ ଈଶ୍ୱର ବାଣୀ ସଦୃଶ ତେଣୁ ଏହି କଥାକୁ ନେଇ ଗ୍ରାମରେ ଥିବା ନେତାମାନେ ଆନ୍ଦୋଳନ କଲେ । ତଦନ୍ତ ହେଲା । ଦୋଷୀ ସାବ୍ୟସ୍ତ ହୋଇ ଜେଲ ଗଲେ ବାନାମ୍ବର ମାଷ୍ଟ୍ରେ ବେଲ୍ ମିଳିଲା ନାହିଁ ।

ମନୋରଞ୍ଜନର ସୁରାକ ଯୋଗାଇ ଆମୋଦିତ କରିଥିବା ବଡ଼ ବଡ଼ ନେତା ଅଫିସର ମାନଙ୍କୁ ଫୋନ୍ ଦ୍ୱାରା ସବୁ ଜଣାଇ ତାକୁ ଏ ବିପତ୍ତିରୁ ଉଦ୍ଧାର କରିବାକୁ ଅନୁରୋଧ କରିଥିଲେ । କେତେ ଜଣ ଫୋନ୍ ଉଠାଇ ନ ଥିଲେ । ଆଉ କେତେଜଣ ନିରବ ରହିଲେ ଶୀଘ୍ର ତାକୁ ଉଦ୍ଧାରକରିବା ପାଇଁ ମିଛ ଆଶ୍ୱାସନା ଦେଇଥିଲେ ।

ଆଜିର ଏ ବିଧାୟକଙ୍କୁ କେତେ ରାତି ଏ ଛୋଟ ଛୋଟ ଝିଅମାନଙ୍କୁ ଭେଟି ଦେଇ ନାହାନ୍ତି । ସେତେବେଳେ ସେମାନେ କି ଖୁସି ତାଙ୍କ ପିଠିରେ ହାତବାଡ଼େଇ ସବୁଠାରୁ କରିତ୍‌କର୍ମା ବ୍ୟକ୍ତି ବୋଲି ପ୍ରଶଂସା କରୁଥିଲେ । ଆଜିର ଏ ଘଟଣାରୁ ସେ ହୃଦୟଙ୍ଗମ କଲେ ଯେ ଏ ହାତର ପାପ ସେ ହାତ ନିଏ ନାହିଁ ।

ରଙ୍ଗିଲାଛକ, ରାଉରକେଲା ।

# ନୀତୁ ତୁ କଅଣ କଲୁ ?

- ଶ୍ରୀ କୁଞ୍ଜ ବିହାରୀ ପ୍ରଧାନ

ଆରେ ଆରେ ନୀତୁ ଏ କଅଣ କଲୁ ? ବୁଢ଼ାବାପକୁ ଅଣଦେଖା କରି ଭୁବନେଶ୍ୱର ପଳେଇଗଲୁ । ଗାଁରେ କେମିତି ଏକଲା ଥିବ କହିଲୁ ତୋ ବାପ । ପିଲାଟିବେଳୁ ତୋତେ କାଖେଇ କୋଳେଇ ଏଡ଼ୁଟିଏ କଲା । ପାଠ ପଢ଼େଇଲା । ଖୀରି, ପଲଉ ଖାଇବାକୁ ଦେଲା । ଯାନି ଯାତରା ଦେଖାଇଲା । ଯେତେବେଳେ ଯାହା ଚାହିଁଲୁ ପାଖରେ ଆଣି ଥୋଇଲା । ଏ ବୟସରେ ତା' ପାଖରେ ଦଣ୍ଡେ ନ ରହିଲେ ତା' ଆଖିରୁ ପାଣି ମରିଯିବ ଯେ । ରାତି ସାରା କାଶରେ ଖୁଁ ଖୁଁ ହେଇ ବୁଢ଼ାବାପଟି ପରା ଦହଗଞ୍ଜ ହେଉଛି । ନୀତୁ ତୁ ଗଲୁ ଯେ ଗଲୁ ଆଉ ପଛକୁ ଫେରି ଚାହିଁଲୁନି । ଭୁବନେଶ୍ୱରରେ କୋଉଠି ରହୁଛି କେଜାଣି ବୁଢ଼ାବାପକୁ ଜଣାପଡ଼ିଲାନି । ତୁ କିନ୍ତୁ ବାପ କଥା ପାସୋରିଦେଇ ସାଙ୍ଗସାଥୀମାନଙ୍କ ସହ ମସ୍ତି କଲୁ ।

ତୋ ଚିକମିକ ଯୌବନକୁ ବିକିଦେଲୁ ସାଥୀମାନଙ୍କୁ । ହଷ୍ଟେଲର ପୁଅମାନଙ୍କଠୁ ଧୁମ୍ ଅର୍ଥ କମେଇଲୁ । ପିଲାବେଳୁ ଟଙ୍କାର ମୁହଁକୁ ଭଲଭାବରେ ଦେଖିପାରିନଥିଲୁ ତ ସେଇଥିପାଇଁ ଟଙ୍କା ମୋହରେ ସବୁକିଛି କରିଦେଲୁନା । ଗୋଟାପଣେ ଏବେ ଧନୀ ହୋଇଗଲୁ ନୀତୁ । ଦେହ ବିକାରେ ତ ଭଲ ଟଙ୍କା କମେଇଲୁ । ଭ୍ୟାନିଟିବ୍ୟାଗଟାକୁ ଫୁଲ କରିଦେଲୁ । ସହରକୁ ଯାଇଛୁ ଯେତେବେଳେ ଆଖିଦୃଶିଆ କାମ କରିନଥାନ୍ତୁ କେମିତି । ଗୋଲାମ ନଗରୀରେ ସାଙ୍ଗସାଥୀଙ୍କ ସହ ରାତି ବିତେଇବା କେତେ ମଜା ତୁ ଏବେ ଜାଣିଗଲୁ ନା ।

ନୀତୁ କିଛିଦିନ ଭୁବନେଶ୍ୱରରେ ରହିଲା । ସହରର ଚାକଚକ୍ୟରେ ଅତୀବ ଖୁସି ହୋଇଗଲା । ମଜାମଜଲିସକୁ ହାତ ପାହାନ୍ତାରେ ପାଇଗଲା । ଶ୍ରାବଣ ପୂନେଇଁରେ ବୁଲାକୁକୁରଙ୍କ ବିକଟାଳ ରଡ଼ିରେ ଚମକିପଡ଼ିଲା ନୀତୁ । ମନରେ ଛନକା ପଶିଗଲା । ପାପ ଛୁଇଁଲା ନିଜକୁ । ବହୁତ ମନେ ପଡ଼ିଗଲା ବୁଢ଼ାବାପା କଥା । ଅଜାଣତରେ ଆଖିରୁ ଲୁହ ଖସିଗଲା ।

ରାତି ପାହୁ ପାହୁ ନୀତୁ ବାହାରିଗଲା ଗାଁଆଡ଼େ । ଏକୁଟିଆ ନୁହଁ ବରଂ ତା' ଦେହକୁ ଚାଟିଚାଟି ମଜା ନେଉଥିବା ବାନ୍ଧବୀକୁ ଧରି । ମଫସଲି ଗାଁ । କେନାଲ ବନ୍ଧ, ଧାନ କିଆରି । ବିଲପାଟ । ଡେଣ୍ଡାରୁ ପାଣି ମଡ଼େଇ ଦିଆଯାଉଥିବା ପଦର । ସରୁ ନଇବାଟ । ଗାଁ ମୁଣ୍ଡରେ ଗଉଡ଼ ଘର ।

ସାଥୀଝିଅମାନେ ବାଟରେ ନୀତୁକୁ ଥଣ୍ଡା ବୋତଲ ପାଣି ପିଆଇଦେଇଥିଲେ । ନିଶା ତାଲୁ ଉପରକୁ ଚଢ଼ିଯାଇଥିଲା । ଘରଦାଣ୍ଡ ଦୁଆରେ ପାଦ ଦେଉଦେଉ ଭକଭକ କରି ବାନ୍ତି କଲା ନୀତୁ । ବୋଧହୁଏ ନିଶା ଖସିଗଲା ।

ଦୁଆର କବାଟ ମେଲା ଅଛି । ସାଥୀମାନଙ୍କୁ ଘର ଭିତରକୁ ଡାକିନେଲା ନୀତୁ । ନିରେଖି ଦେଖିଲା ବୁଢ଼ାବାପକୁ । ଖଟକୁ ଆଉଜି ଶୋଇଥିଲା । ତା' ବୁଢ଼ାବାପ ନିଜ ଭୁଲକୁ ବୁଝି ଅନୁତାପ କରୁଥିଲା । ବୁଢ଼ାବାପକୁ ଡାକିଲା ବୁଢ଼ାବାପ କିଛି ଶୁଣିପାରିଲା ନାହିଁ ନୀତୁ ଡାକକୁ । ଶୁଣି ନ ପାରିବାରୁ ବାପର ଦେହଟିକୁ ହଲେଇଦେଲା । ମୁହଁ ଉପରକୁ ଦେଖାଗଲା ବୁଢ଼ାବାପର କିନ୍ତୁ ବୁଢ଼ାବାପର ଆଖି ଦି'ଟା ଖୋଲାଥିଲା । ଦେହଟା ନିସ୍ତେଜ ହୋଇ ଯାଇଥିଲା । ରାତି ସାରା କାଶି କାଶି ଛାତିର ସ୍ପନ୍ଦନ ବନ୍ଦ ହେଇଯାଇଥିଲା କେତେ କାଲୁ । ତା' ବାପ ଏ ଜୀବନରେ ନାହିଁ, ବିଶ୍ୱାସ କରିପାରିଲାନି ନୀତୁ ସହଜରେ । ବୁଢ଼ାବାପର ପେଟ ଉପରେ ଲଥ୍ କରି ପଡ଼ିଗଲା ନୀତୁ । କାନ୍ଦିଲା ଆଖିର ଶେଷ ଲୁହ ଝରିବା ପର୍ଯ୍ୟନ୍ତ ।

ସାଙ୍ଗସାଥିମାନେ ବି ବୁଢ଼ାବାପର ଅସହାୟତାକୁ ଭାବୁଥିଲେ । ସତରେ ସେମାନେ ନୀତୁ ସହ କି ଖେଳ ଖେଳିଥିଲେ । ସୁନ୍ଦରୀ ଝିଅ ନୀତୁ ଆଉ ତୋଫା ଜହ୍ନ ଆଲୁଅ ପରି ତା' ଯୌବନ । ବୁଢ଼ାବାପକୁ ଘରେ ଏକଲା ଛାଡ଼ିଦେଇ ସେମାନଙ୍କ ସହ ରୋମାନସ କରୁଥିଲା ନୀତୁ । ଗରିବୀପଣିଆକୁ ଲୁଚେଇଥିଲା । ନୀତୁର ଗୋରା ଦେହଟାକୁ ଚୁମିଚୁମି ଖାଇଦେଲେ ସିନା ସାଥୀପିଲାଏ, ହେଲେ ନୀତୁକୁ ତା ବୁଢ଼ାବାପଠୁ ଅଲଗା କରିଦେଲେ ସବୁଦିନ ପାଇଁ । ସାଥୀପିଲାଏ ବି ଜଳୁଥିଲେ ଅନୁତାପ ନିଆଁରେ । ନୀତୁ ଏବେ ଅସଜଡ଼ା ଦୁନିଆରେ ।

ନୀତୁକୁ କ୍ଷମା ମାଗିଲେ ସାଥୀମାନେ । ନୀତୁର ବୁଢ଼ାବାପକୁ ନେଇଗଲେ ଗାଁ ମଶାଣିକୁ କାନ୍ଧେଇ କାନ୍ଧେଇ । ଗାଁ ସାରା ଶୁଭୁଥିଲା ହରିନାମ ସତ୍ୟ ହେ, ରାମ ନାମ ସତ୍ୟ ହେ... ନୀତୁ ବୁଢ଼ାବାପ ମୁହଁରେ ନିଆଁ ଦେଲା । କାନ୍ଦିଲା ସତେ ଅବା ମଶାଣିର କାନ୍ଥ ଦୋହଲିଗଲା । ଜୁଇ ମୁହଁରେ ବୁଢ଼ାବପଟି ଲୁଚିଗଲା ସବୁଦିନ ପାଇଁ ।

ଘରକୁ ଫେରିଲା ନୀତୁ ସାଥୀପିଲାଙ୍କ ସହ । ଯେଉଁମାନଙ୍କୁ ଦେହଟା ଦେଇଥିଲା ସେମାନଙ୍କୁ ପୁଣି ନିଜର କରିଲା । ଦେହର ବଳକା ମାଂସପିଣ୍ଡୁଳାକୁ ନେବାକୁ ଅନୁରୋଧ କଲା ସେମାନଙ୍କୁ । ସାଥୀମାନେ ଦୁଃଖରେ ଭାଙ୍ଗିପଡ଼ିଲେ । ନୀତୁକୁ ଆଶ୍ୱାସନା ଦେଲେ । କିନ୍ତୁ ଗାଁ ଲୋକମାନେ ଟୁପୁରୁଟାପୁରୁ ହେଲେ ନୀତୁ ତୁ ଏ କଅଣ କଲୁ ?

ସାର୍ତ୍ତୋଳ, କଟକ ।

## ପ୍ରତିଯୋଗିତା

– ବନଲତା ସିଂହ

ମଣିଷଙ୍କ ପରି ପଶୁପକ୍ଷୀଙ୍କର ବି ମନୋରଂଜନ କରିବାକୁ ଇଚ୍ଛା ହୁଏ । ସେମାନେ ମଧ୍ୟ ଚାହାଁନ୍ତି, ତାଙ୍କ ଭିତରେ ପ୍ରତିଯୋଗିତା ହେଉ । ଏମିତି ଗୋଟିଏ ଦିନ ପଶୁପକ୍ଷୀମାନଙ୍କର ଗୋଟିଏ ସଭା ଡକା ହେଲା । ପଶୁଙ୍କ ତରଫରୁ ବିଲୁଆ ନନା ଘରେ ଘରେ ଯାଇ ଡାକରା ଦେଇ ଆସିଲା । ପକ୍ଷୀଙ୍କ ମଧ୍ୟରୁ କଜଳପାତିକୁ ପଠାଗଲା । କଥା ମାନି ଠିକ୍ ସମୟରେ ଏକଜୁଟ ହେଲେ ପଶୁପକ୍ଷୀମାନେ । କଥା ପଡ଼ିଲା, ଆମେ ମଣିଷଙ୍କ ପରି ଗୋଟିଏ ପ୍ରତିଯୋଗିତା କରିବା । ସେଥିରେ ଗୀତ ନାଚ ରୂପ ଗୁଣ ସବୁର ପ୍ରତିଯୋଗିତା ହେବ । ଯିଏ ପ୍ରଥମ ହେବ, ତାକୁ ସମ୍ମାନିତ କରାଯିବ । ଏହି କଥାରେ ସମସ୍ତେ ରାଜି ହୋଇଗଲେ । ଦିନ ସ୍ଥିର ହେଲା ଏବଂ ସ୍ଥାନ ନିରୂପଣ କରାଗଲା । ପାହାଡ଼ ପାଖରେ ଯେଉଁ ଝରଣା କୁଳୁକୁଳୁ ହୋଇ ବହିଯାଉଛି, ସେହିଠାରେ ଆସର ବସିବ । ସମସ୍ତେ ନିଜନିଜ ଭଙ୍ଗୀରେ ନାଚିନାଚି ସମର୍ଥନ କଲେ । ଆଉ ଦୁଇଦିନ ପରେ ପ୍ରତିଯୋଗିତା ହେବ ବୋଲି ଘୋଷଣା କଲେ । ନିଜ ନିଜ ଘରକୁ ଯାଇ ପ୍ରସ୍ତୁତ ହେବା ପାଇଁ ଆଦେଶ ମଧ ଦେଲେ ।

ସେହିଦିନ ଆସିଗଲା । ପାଖ ପଡୋଶୀରୁ ମଧ ପଶୁପକ୍ଷୀ ନିମନ୍ତ୍ରିତ ହୋଇଆସିଲେ । ଦୁଇଦଳ ହେଇ ଝରଣା ପାଖରେ ବସିଲେ । ଏପଟେ ପଶୁମାନେ ଆଉ ସେପଟେ ପକ୍ଷୀମାନେ ବସିଲେ । ଆଗରୁ ବାୟାଚଢ଼େଇକୁ କୁହାଯାଇଥାଏ ପକ୍ଷୀମାନଙ୍କର ମଞ୍ଚ ତିଆରି କରିବାକୁ । କାରଣବାୟା ଚଢ଼େଇର ଇଞ୍ଜିନିୟର ବୁଦ୍ଧି । ପଶୁମାନେ ଖୋଲା ମଞ୍ଚରେ ବସିଲେ । ପ୍ରଥମେ ପଶୁମାନଙ୍କର ଆରମ୍ଭ ହେଲା । ବିଚାରକ ହେଲେ ସ୍ୱୟଂ ପଶୁରାଜ ସିଂହ । ପ୍ରଥମେ ଭାଲୁକୁ କୁହାଗଲା ନାଚ ଦେଖାଇବାକୁ । ବିଲୁଆ ତାକୁ ଉତ୍ସାହିତ କରିବାକୁ କହିଲା – ବାଃ-ବାଃ ଦେଖରେ ମଜା, ଭାଲୁ ନାଚ କରେ ବଜାଇ ବାଜା । ଭାଲୁ ଏହି କଥାରେ ଉତ୍ସାହିତ ହୋଇ ଭଲ ନାଚ ପ୍ରଦର୍ଶନ କଲା । ତା'ପରେ ମାଙ୍କଡ଼ର ପାଳି । ସେ ମଣିଷ ପାଖରେ ରହି ଯେଉଁ ନାଚ ଶିଖିଥିଲା ତାହା ପ୍ରଦର୍ଶନ କଲା ।

ତା'ପରେ ଦୌଡ଼ ପ୍ରତିଯୋଗିତା ହେଲା । ହରିଣ ଓ ଠେକୁଆ ଭିତରେ ଦୌଡ଼ ପ୍ରତିଯୋଗିତା ହେଲା । ପଶୁ ମାନଙ୍କର ମଧ କ୍ରୀଡ଼ା ଫିକ୍ସିଂ ଅଛି । ବିଲୁଆ ଲଞ୍ଚ ନେଇ ଠେକୁଆ ଦଉଡ଼ିବା ସ୍ଥାନରେ କିଛି କଅଁଳ ଘାସ ରଖି ଦେଇଥିଲା । ଠେକୁଆ ଦଉଡୁଥିବା ସମୟରେ କଅଁଳ ଘାସ ଦେଖି ଘୁମେଇ ପଡ଼ିଲା । ହରିଣ ଦୌଡ଼ରେ ଜିତିଗଲା । ତାପରେ ରୂପ ପ୍ରତିଯୋଗିତା ହେଲା । ଧଳାଭାଲୁ, ଧଳାବାଘ, ଆଉ ସବୁଠୁ ଛୋଟିଆ ଜନ୍ତୁ ହେଲା ଠେକୁଆ । ଏମାନେ କିଛି ନମ୍ବର ପାଇଲେ । ସେଦିନ ସମୟ ହୋଇଗଲା । ତା' ପରଦିନ ଠିକ୍ ସମୟରେ ପୁଣି ଆରମ୍ଭ ହେଲା ପ୍ରତିଯୋଗିତା ଆସର । ଏଥର ପକ୍ଷୀଙ୍କ ପାଳି । ନାଚ ପାଇଁ ମଞ୍ଚ ନାନା ଫୁଲରେ ସୁସଜ୍ଜିତ ହୋଇଛି । ସଭାପତି ପଶୁରାଜ ସିଂହ କହିଲେ – ମୟୂର ଆମର ଜାତୀୟ ପକ୍ଷୀ । ସେ ଆଗ ନାଚ ଦେଖାଇବ । ମୟୂର କହିଲା – କ୍ଷମା କରିବେ ପଶୁରାଜ, ମହାଭାଗ ବିନା ବରଷାରେ ମୋ ପୁଚ୍ଛ ଉଠିବନି କି ମମୁଁ ତାଳ ଦେଇ ନାଚି ପାରିବିନି । ସମସ୍ତେ ପରସ୍ପର ମୁହଁକୁ ଅନାନଅଅନିହୋଇ କହିଲେ – ଏବେ ତ ବର୍ଷା ସମୟ ନୁହଁ । ତାହେଲେ ବର୍ଷା ବର୍ଷିବା କିପରି ସମ୍ଭବ । ସଂଗେ ସଂଗେ ବୁଦ୍ଧିମାନ ଚତୁର ବିଲୁଆ ଉଠିପଡ଼ି କହିଲା – ଆଜ୍ଞା ମୁଣ୍ଡ ରହିଲେ ତୁଣ୍ଡ କହିବ । ସମସ୍ତେ ସମର୍ଥନ କଲେ । ବିଲୁଆ କହିଲା – ଚଳଚ୍ଚିତ୍ର ସୁଟିଂ ବେଳେ କିପରି କୃତ୍ରିମ ବର୍ଷା ହେଉଛି, ହିରୋ ହିରୋଇନ ବର୍ଷାରେ ଓଦା ହୋଇ ତାଙ୍କର ଅଙ୍ଗ ପ୍ରତ୍ୟେଙ୍ଗ  ପ୍ରଦର୍ଶନ କରୁଛନ୍ତି, ଦେଖୁନ ଅନୁଭବ ଆଉ ବର୍ଷା ଏହି ସିନରେ କେମିତି ରୋମାଣ୍ଟିକ୍ ଦେଖା ହେଉଛନ୍ତି । ସେହିପରି ହାତୀ ପଲ୍ଲକୁ ଆଦେଦେଲେ ସେମାନେ ତାଙ୍କ ଶୁଣ୍ଢରେ ଏ ଝରଣା ପାଣିକୁ ଉଠାଇ କୃତ୍ରିମ ବର୍ଷା କରନ୍ତୁ । ଆଉ ନର୍ତ୍ତକ ମୟୂର ପୁଚ୍ଛ ଟେକି ନାଚି ଆମକୁ ଆନନ୍ଦ ଦେବ ।

ସମସ୍ତେ ବାଃ ବାଃ କହି କଥାକୁ ସମର୍ଥନ କଲେ । ହାତୀମାନେ ଆନନ୍ଦରେ ତାଙ୍କ ଶୁଣ୍ଢରେ ପାଣି ଉଠାଇ ବର୍ଷା କଲେ । ଏତେ ଜୋରରେ ପାଣି ବର୍ଷା କଲେ ଯେ ଯେପରି କଳା ବାଦଲ ଘୋଟି ଆସୁଛି । ଆଉ ସମ୍ଭାଳି ପାରିଲାନି ମୟୂର ମୟୂରୀକୁ ଡାକି ନାଚିବାକୁ ଉଠିଲା । ପୁଚ୍ଛକୁ ଯେକି ଯେତେବେଳେ ସେ ଢ଼ଳିଢ଼ଳି ନାଚିଲା, ସମସ୍ତେ ସଭାରେ ଉପସ୍ଥିତ ଥିବା ପଶୁପକ୍ଷୀ ତା' ସାଥୀରେ ତାଳ ଦେଇ ନାଚିଲେ । ନାଚ ସରିଗଲା । ମୟୂରର ସୁନ୍ଦର ନାଚ

ପାଇଁ ତାକୁ ସଂଯୁକ୍ତା ପାରିଗ୍ରାହୀ ସମ୍ମାନରେ ସମ୍ମାନୀତ କରାଗଲା । ତା'ପରେ ଗୀତ ଗାଇବାକୁ ଆହ୍ୱାନ ଦିଆଗଲା । ସବୁ ପ୍ରତିଯୋଗୀ ପ୍ରସ୍ତୁତ ହୋଇଗଲେ । ପ୍ରଥମେ ବୁଲବୁଲ ଚଢ଼େଇଙ୍କୁ କୁହାଗଲା ସେମାନେ କିଚିରି ମିଚିରି କରି ତାଙ୍କ ଢଙ୍ଗରେ ନାଚିଲେ, ଗାଇଲେ, ତାପରେ କୁକୁଡ଼ାର ପାଳି । ସେ ମଧ୍ୟ କକ୍-କଅ ହୋଇ ଗାଇଲା । ହେ ଚକ୍ରଧର ପକ୍ଷୀ ଜନ୍ମରୁ ଉଦ୍ଧାର କର । ଏମିତି ଜଣଜଣ କରି ଗାଇଲେ, ନାଚିଲେ ଆଉ କିଛି ନମ୍ବର ପାଇଲେ ।

ତା'ପରେ ପଡ଼ିଲା କାଉର ପାଳି । ସେ ଖୁସି ମନରେ ଏପରି କାଆ-କାଆ କରି ରଡ଼ି କଲା ଯେ ସମସ୍ତେ କାନରେ ହାତଦେଇ ବସିପଡ଼ ବସିପଡ଼ ବୋଲି ଚିତ୍କାର କଲେ । କାଉକୁ ଭାରି ଅପମାନ ହେଲା । ସେ ଚୁପ ହୋଇ ବସିପଡ଼ିଲା । ସବା ଶେଷରେ କୋଇଲିକୁ କୁହାଗଲା ଗୀତ ଗାଇବାକୁ । କୋଇଲି ପ୍ରଥମେ କହିଲା - ଏବେ ତ ବସନ୍ତଋତୁ ନୁହେଁ, ଆମ୍ବ ବଉଳିନି, ମଳୟ ବହୁନି, ମୋ କଣ୍ଠସ୍ୱର ତ ଫିକା - ମୁଁ କିପରି ଗାଇବି ? ସମସ୍ତେ ଅନୁରୋଧ କରି କହିଲେ ଆମେ ତ ଋତୁଚକ୍ରକୁ ବଦଳେଇ ପାରିବାନି । ଏଣୁ ତୁମେ ସେହି ସ୍ୱରରେ ଗୀତ ଗାଅ । କୋଇଲି ତା'ର ବୀଣା ଜିଣା କଣ୍ଠରେ ଆରମ୍ଭ କଲା - କୁହୁ କୁହୁ କୁକୁ କୁ ହୁ । ସମସ୍ତେ ଆନନ୍ଦରେ ତାଳିମାରି ସାବାସ ସାବାସ କହି ଉଠିଲେ ଆଉ କହିଲେ - ଆମେ ଫଗୁଣରେ ବସନ୍ତ ଉତ୍ସବକରି କୋଇଲିକୁ ଗାଇବାର ସୁଯୋଗ ଦେବୁ । ବିଚାରକ ମହାଶୟ, କୋଇଲିକୁ ବାଣୀ କଣ୍ଠ ନିମାଇଁ ଚରଣ ସମ୍ମାନରେ ସମ୍ମାନିତ କଲେ । ତା' ବେକରେ ଫୁଲମାଳ ପକାଇ କର ମର୍ଦ୍ଦନ କଲେ । ଶେଷରେ ସୁନ୍ଦରୀ ପ୍ରତିଯୋଗିତାରେ ଶୁଆ ସବୁଜପରୀ ଓ ହଳଦିବସନ୍ତ ସର୍ବୋଚ୍ଚ ସୁନ୍ଦରୀରାଣି ବୋଲି ବିବେଚିତ ହେଲାପରେ ତାଙ୍କ ମୁଣ୍ଡରେ ବିଶ୍ୱସୁନ୍ଦରୀ ଓ ସୁନ୍ଦରୀ ରାଣୀର ମୁକୁଟ ପିନ୍ଧାଇ ଦିଆଗଲା ।

ସଭା ସରିଗଲା । ଯେ ଯୁଆଡ଼େ ଆନନ୍ଦ ମନରେ ଗଲେ । କୁଆ ତା' ମୁହଁରେ କୃତ୍ରିମ ହସରଖି ଅନ୍ତରଭିତରେ ରାଗ ରଖିଲା କୋଇଲି ଉପରେ । କିପରି ତା'ର କ୍ଷତି କରିବ, ସେହି ଚିନ୍ତାରେ ସେ ଖାଲି ରବେଇ ଖବେଇ ହେଲା । ଦୁଇଚାରିଦିନ ବିତିଗଲା । ତା' ମନରେ ସୁଖ କି ଶାନ୍ତି ନାହିଁ । ସେ ଦିନେ ବିଲୁଆ ପାଖକୁ ଯାଇ ସିଧା ତା ଗୋଡ଼ତଳେ ପଡ଼ି କହିଲା - ନନା ମୋତେ ରକ୍ଷାକର । ବିଲୁଆ କହିଲା - ତୋର କ'ଣ ହେଲା କି? ତୁ ଏମିତି ଝଡ଼ି ଗଲୁଣି କାହିଁକି ? ତୋର ମନ ଦୁଃଖ କାହିଁକି ? କାଉ କହିଲା - କୋଇଲିର ଏତେ ପ୍ରଶଂସା ମୁଁ ସହି ପାରୁନି । ମୁଁ କ'ଣ କରିବି ? ବିଲୁଆ ଭାବିଲା ମୁଁ ସାମ୍ବାଦିକ ହୋଇ ନାରଦ ଭୂମିକା ଗ୍ରହଣ କରେ ସତ, ଖଳ ନାୟକ ମଧ୍ୟ ହୁଏ । ତେବେ ଏ କୁଆ ମନରେ ଖଳ ବୁଦ୍ଧି ଆଉ ଗର୍ବକୁ ଚୁନା କରିବାକୁ ପଡ଼ିବ । ଭଗବାନ ଯାହାକୁ ଯେମିତି ଶକ୍ତି ଦେଇଛନ୍ତି, ସେଥିରେ ଆମେ କାହିଁକି ଦୁଃଖ କରିବା ?

ବିଲୁଆ କହିଲା, ଆରେ ଇଏ ଗୋଟିଏ, କଥା ତୁ ଏତେ ବ୍ୟସ୍ତ ହେଉଛୁ । ହେଉ ତୁ ଗୋଟିଏ କାମ କର । ତୁ କୋଇଲି ସାଙ୍ଗରେ ସନ୍ଧି କର । ତାକୁ ପଚାରେ, ତାର ମଧୁର ସ୍ୱର ପାଇଁ ସେ କ'ଣ କରୁଛି । କାଉର ମନକୁ କଥାଟି ପାଇଲା । ସେ କୋଇଲି ପାଖକୁ ଯାଇ ତା' ସ୍ୱର ବିଷୟ ଅତି ନ୍ୟୁନ ହୋଇ ପଚାରିଲା । କୋଇଲି କାଉର ଆଗର ଅପମାନ ପାଇଁ ପ୍ରତିରୋଧ ଖୋଜୁଥିଲା । କାରଣ ସଭା ପରେ କାଉ ତା' ସାଙ୍ଗମାନଙ୍କୁ ଡାକି ଏତେ ଜୋରରେ ଖୁମ୍ପୁ ଥାଆନ୍ତି ଯେ କୋଇଲି ଅସ୍ତବ୍ୟସ୍ତ ହୋଇ ଜୀବନ ବଞ୍ଚାଇବାକୁ ଲୁଚିଲୁଚି କରି ବୁଲିଲା । ଆଜି ତାକୁ ଏପରି ନ୍ୟୁନ ଅବସ୍ଥା ଦେଖି, ସେ ଗୋଟିଏ କୂଟିଳ ବୁଦ୍ଧି ବାହାରକରି ତାକୁ କହିଲା - କିଛି ଦୂରରେ ଗୋଟିଏ ସାଧୁଙ୍କ ଆଶ୍ରମ ଅଛି । ସେଠାରେ ଗୋଟିଏ ଝରଣା ବହି ଯାଉଛି । ଝରଣା କୂଳରେ ଆମ୍ବ ଗଛଟିଏ ଅଛି । ତୁ ଠିକ୍ ରାତି ପାହାନ୍ତାରୁ ଯାଇ ସେହି ଡାଳରେ ବସି ଆଶ୍ରମ ଆଡ଼କୁ ଚାହିଁ କର୍କଶ ସ୍ୱରରେ କା କା କରିବ । ତାହେଲେ ସାଧୁଙ୍କ ଓଁସ୍ୱର ସହିତ ତୋ ସ୍ୱର ମିଶିଗଲେ ତୋର ମୋ ପରି ମଧୁର ସ୍ୱର ହୋଇଯିବ ଯା ଆଉ ଡେରି କରନା ।

କାଉ ତା କଥାମାନି ଯାହା କହିଥିଲା ସେଇଆ କଲା । ଆଶ୍ରମରେ ସାଧୁ ଯେମିତି ଓଁ ଉଚ୍ଚାରଣ କରିଛନ୍ତି, କାଉ ତା' କର୍କଶ ସ୍ୱରରେ କା-କା ଆରମ୍ଭ କଲା । ସାଧୁଙ୍କ ଧ୍ୟାନ ଭଙ୍ଗ ହେଲା । ସେ ଶିଷ୍ୟଙ୍କୁ ଡାକି କାଉକୁ ଘଉଡାଇବାକୁ କହିଲେ । ଶିଷ୍ୟ ଆସି ଯେତେ ଚେଷ୍ଟ କଲେ କାଉ ଆଦୌ ଗଲାନି । ଶିଷ୍ୟ ରାଗିକରି ବାଟୁଳି ଫଡ଼ାରେ ବାଟୁଳି ମାରିଲେ । କାଉ ଅଳ୍ପକେ ବଞ୍ଚିଗଲା । ସେ ଜୋରରେ କା-କା କରି ପଳାଇଗଲା । ଆଉ କୋଇଲି ପାଖକୁ ନଯାଇ ବିଲୁଆ ପାଖକୁ ଯାଇ ସବୁ କହିଲା । ବିଲୁଆ କହିଲା - ହେଉ ତୁ ଏତର ସେ ସାଧୁଙ୍କ ଆଶ୍ରମକୁ ଯାଆ । ତାଙ୍କର କିଛି ସେବାକର । ଜମା ବୋବେଇବୁନି । ସେ ତୋ ସେବାରେ ଖୁସିହେଲେ ତୋତେ ଆଶିର୍ବାଦ କରିବେ । ତୋର ସ୍ୱର ମଧୁର ହୋଇଯିବ ।

କାଉ ଆନନ୍ଦରେ ଆଶ୍ରମ ଆଡ଼କୁ ଗଲା । ଗୋଟିଏ ଡାଳରେ ବସି ଭାବିଲା ଆଜି ଯଦି ମୋ ସ୍ୱର ମଧୁର ହୋଇଯିବ ତାହେଲେ ମୁଁ ସେ କୋଇଲିକୁ ଜୀବନରୁ ମାରିଦେବି । ଯେ ପାଞ୍ଚେ

ପରର ମନ୍ଦ, ତା' ମନ୍ଦ ପାଞ୍ଚନ୍ତି ଗୋବିନ୍ଦ । ମନରେ ହିଂସା ରଖି ଆଶ୍ରମ ପାଖକୁ ଗଲା ଆଉ ଦେଖିଲା- ସାଧୁଙ୍କ ମାଠିଆରେ ପାରି ଅଳ୍ପ ଅଛି । ସେ ଗୋଟିଏ ବୁଦ୍ଧି ବାହାର କରି କାଠି ଗୋଡ଼ି ଆଣି ମାଠିଆରେ ପକାଇଲା । ମାଠିଆ ମୁହଁ ପର୍ଯ୍ୟନ୍ତ ପାଣି ଆସିଲେ ସାଧୁ ଖୁସିହେବେ ଭାବି ସେ ଗୋଡ଼ି ପରେ ଗୋଡ଼ି ପକାଇ ଚାଲିଲା । ସାଧୁଙ୍କ ନିଦ ଭାଙ୍ଗିଗଲା । ସେ ଦେଖିଲେ କାଉଟା ପାଣିକୁ ଅଇଁଠା କରୁଛି ଭାବି ତାଙ୍କ ଚୁମୁଟା ଟାକୁ ତା ଉପରକୁ ପକାଇଲେ । ଏଥର ବି କାଉ ଅଳ୍ପକେ ବଂଚିଗଲା । ସେ ଆହୁରି ରାଗିଗଲା । କୋଇଲି ପାଖକୁ ଯାଇ ଦେଖେତ କୋଇଲି ମାଙ୍କଡ଼ ପାଖରେ ବସି ଖୁସି ଗପ କରୁଛି ।

କାଉ ଭାବିଲା – ଏ ମାଙ୍କଡ଼ଟା ହେଉଛି ନାରଦ । ତାକୁ ପାନେ ଦେବି କହି କାଉ ଭାଇମାନଙ୍କୁ ଡାକି ତାକୁ ଖୁମ୍ପି ଖୁମ୍ପି ଖଣ୍ଡିଆ କରି ରକ୍ତାକ୍ତ କରିଦେଲା । ବିଲୁଆ ଦୂରରୁ ଥାଇ ସବୁ ଦେଖୁଥାଏ । ସେ ଦଉଡ଼ି ଆସି କାଉକୁ କହିଲା, ଏତେ ରାଗିଲେ କ'ଣ କାମ ହେବ? ଏଥିରେ ମାଙ୍କଡ଼ ବୁଢ଼ାର ଦୋଷ କ'ଣ? ଔଷଧ ନଖାଇ ତାଟିଆ କାମୁଡୁଛୁ କାହିଁକି? ମୁଁ ଜାଣେ ତୁ ଦୁଇଥର ଫେଲ୍ ମାରିଛୁ । ହେଉ ହେଲା । ବାରବର୍ଷ କଲେ ସେବା, ଗୁରୁ କହିବେ ଟିକିଏ ଦେବା । ତୁ ଏତେ ବ୍ୟସ୍ତ କାହିଁକି ହେଉଛୁ । ଆଉ ଥରେ ଚେଷ୍ଟାକର । କାଉ ତ ରାଗିଥିଲା । କହିଲା – ହେ ନନା ପାଟିଚୁପ । ବେଶୀ ଗପିଲେ କାଉଭାଇଙ୍କୁ ଡାକି ତୋତେ ଯମପୁରକୁ ପଠାଇଦେବି ।

ବିଲୁଆ ମନେ ମନେ କହିଲା – ଆଚ୍ଛା ତୁ ମୋତେ ଯମ ପୁରକୁ ପଠାଇବୁ ? ଆଜି ତୋ ପାଞ୍ଜି ସଫା କରି ଦେବି କହି ହସି ହସି କହିଲା – ଆରେ କାଉ ଭାଇ ରାଗେନା । ପ୍ରଥମେ ଭୀମ ମଧ୍ୟ ହାରିଥାଏ । ତୁ କାହିଁକି ଚିନ୍ତା କରୁଛୁ । ତୁ ଗୋଟିଏ କାମ କର, ତୁ କୁମ୍ଭାର ଶାଳକୁ ଯାଆ । ସେ ନିଆଁରେ ପାଚିଥିବା ଲୁହାକୁ ତୁ କାମୁଡ଼ି ଦେଲେ ତୋ ସ୍ୱର ମଧୁର ହୋଇଯିବ । କାଉ କହିଲା – ତୁ ସତ କହୁଛୁ ତ ? ନହେଲେ ପରିଣାମ କ'ଣ ହେବ ଜାଣିଛୁ ? ବିଲୁଆ କହିଲା, ଗୋଟିଏ ସତ କଥା ଜାଣିଛୁ ? ଏ କୋଇଲି ଚେହେରା ତୋ ସହିତ ମିଶେ ନା ନାହିଁ । ସେ ରୂପରେ ଏକା କଣ୍ଠ କାହିଁକି ଏଡ଼େ ମଧୁର ହେଲା ଜାଣିଛୁ ? ସେ ସବୁଦିନ ସେ କୁମ୍ଭାରଶାଳରେ ସେକ ନିଏ । ଧୀରେ ଧୀରେ ତା' କଣ୍ଠ ବଦଳି ଗଲା । ଏ କଥା କେହି ଜାଣନ୍ତିନି । ତୁ ମୋର ଅତି ନିଜର ବୋଲି କହିଲି । ତୁ କାଲିଠାରୁ ଏଇ କାମରେ ଲାଗିପଡ଼ । ମାଙ୍କଡ଼ ମଧ୍ୟ କହିଲା – ହଁ ପରା ମୁଁ ଟିକେ ଏ ଗୋପନ କଥା ଶୁଣିଥିଲି । କାଉ ଅତ୍ୟନ୍ତ ଖୁସି ହୋଇ କୁମ୍ଭାରଶାଳାକୁ ଯାଇ ଅପେକ୍ଷା କଲା । କୁମ୍ଭାର ଲୁହା ବାହାର କରିବାକୁ ଡେରି କଲାରୁ କାଉ ତାକୁ ଆକ୍ରମଣ କଲା । କୁମ୍ଭାର ରାଗିଯାଇ ଗରମ ଲୁହା ଖଣ୍ଡକୁ ତା ଉପରକୁ ପକାଇଦେଲା । କାଉ ଛଟପଟ ହୋଇ ମରିଗଲା । ସମସ୍ତେ କହିଲେ – ଏତେ ଈର୍ଷା କରିବା ଭଲ ନୁହେଁ ।

ଗଣ୍ଡରପୁର, କଟକ ।

# ଭାଇରାଲ୍ ଭିଡ଼ିଓ

- ଅନିରୁଦ୍ଧ ସାମନ୍ତରା

ଗାଆଁ ମଝିଦେଇ ଲମ୍ବି ଯାଇଥିବା କଂକ୍ରିଟ ରାସ୍ତାକୁ ଦୀର୍ଘ ସମୟ ଧରି ଅପେକ୍ଷା କରିଛି କଳ୍ପନା । ଆଜି ଯେମିତି ହେଲେ ତା' ନନା ଆସିଲା ମାତ୍ରେ ସିଧା ସିଧା କହିଦେବ । ନନା ଯାହା କୁହନ୍ତୁ ପଛେ ଏଥର ସହର ଯିବ ହିଁ ଯିବ । ନନା ମନା କଲେ ବି ଏଥର ଜିଦ୍ ଧରିବ । ସମ୍ଭାବନା ଥିବା ସତ୍ୱେ ସ୍ୱପ୍ନକୁ ହାତ ମୁଠାରେ ଧରି ଆଉ ଅଧିକ ଦିନ ସେ ଅପେକ୍ଷା କରି ପାରିବନି । ପିଲାଟି ବେଳରୁ ସ୍ୱପ୍ନ ଦେଖି ଆସିଛି ସହର ଯିବାକୁ ନେଇ । । ତା' ଜୀବନକାଳରେ ବହୁତ ଅଳ୍ପ ଥର ଯାଇଛି । ହେଲେ ପ୍ରତିଥର ଭଳି ଆଉ ବୁଲିବାକୁ କି ଦେଖିବାକୁ ନୁହଁ, ସେ ଚାହେଁ ସବୁ ଦିନ ପାଇଁ ସେଇଠି ରହିବ । ସହରଠାରୁ ବହୁଦୂର । ମଫସଲ ଗାଁରେ ଘର । ଗାଆଁ କହିଲେ ୧୬/୧୮ ଖଣ୍ଡ ଘର । ସବୁ ପୁରୁଣା କାଳିଆ ଛପର ଘର । ଏବେ ଏବେ ବିଜୁଳିର ବାସ୍ନା ବାଜିଛି । ରାସ୍ତାଘାଟ, ଶିକ୍ଷାକଥା କହିଲେ ନସରେ । ରବୀନ୍ଦବାବୁଙ୍କ ଏକମାତ୍ର ଝିଅ କଳ୍ପନା । ସ୍ତ୍ରୀଙ୍କ ମୃତ୍ୟୁ ପରେ ସେ ନିଜେ ବାପା ଆଉ ମାଆ ହୋଇ ପାଳନ କରିଆସିଛନ୍ତି । ପଂଚାୟତ ହାଇସ୍କୁଲରେ ଦଶମ ପରେ ଗାଆଁ ପାଖ ସରକାରୀ କଲେଜରେ +୨ ପଢ଼ି ଥାର୍ଡ଼ ଡିଭିଜନ ରେ ପାସ୍ କରିଛି । ଆର୍ଥିକ ଅଭାବ କାରଣରୁ ଆଉ ଆଗକୁ ପଢ଼ିନି, କି ପଢ଼ିବାକୁ ଇଚ୍ଛା ବି କରିନି । ପାଠ ଛାଡ଼ି ୪ ବର୍ଷ ଖଣ୍ଡେ ହେଲାଣି ଘରେ ହିଁ କାମ ଦାମ କରି ରହିଛି ।

ପିଲାଟି ବେଳରୁ ଅନେକ ଶୁଣିଛି ସହର ବିଷୟରେ । ତା' ପିଲା ବେଳର ବହୁ ସାଙ୍ଗ ସାଥି ସହର ରେ ରୁହନ୍ତି, ସେ ବି ସହର ଯିବ, ସେଠି ରହିବ । ସେଠି ଯାଇ କିଛି କାମ କରିବ । ଆଉ ସହରୀ ଜୀବନ ବିତାଇବ । ହେଲେ ଘରେ ନନାଙ୍କୁ ଏକୁଟିଆ ଦେଖି ତା ସ୍ୱପ୍ନକୁ ବହୁ ଦିନ ଧରି ସାଇତି ରଖିଛି ।

କାନ୍ଧରେ ଲଙ୍ଗଳ ଧରି ନନା ଆସି ପହଂଚିଲେ । ଭିତରକୁ ଯାଇ ନନା ପାଇଁ ଖାଇବା ନେଇ ଆସିଲା । କିଛି ନକହି ସବୁଦିନ ଭଳି ନିରାଶ ହୋଇ ମୁହଁ ଶୁଖାଇ ନନା ପାଖେ ବସିଲା । କଳ୍ପନାର ଆବେଗକୁ ବେଶ୍ ଭଲ ବୁଝିପାରୁଥିଲେ ।

ନନା ! ତା'ର ଉଦାସ ମୁହଁକୁ ଚାହିଁ ପଚାରିଲେ,

- 'ପୁଣି ସେଇ କଥାନା ?'

- 'ନାଇ ନନା...'

- 'କହିଲୁ ? ସହର ସହର ହେଉଚୁ, ସେଠି ତୁ ଏକଲା କଣିଷ କ'ଣ କରିବୁ ? କୋଉଠି ରହିବୁ ? କଣ ଖାଇବୁ ? ହଁ....

- 'ନାଇ ନନା'

ମିକି କହୁଥିଲା ସେ ଯୋଉ ପାର୍ଲର ରେ କାମ କରୁଛି ସେଇ ମ୍ୟାଡାମ୍ ଙ୍କୁ କହିଛି ମୋ କଥା । ମୁଁ ଗଲେ ସେଇଠି କାମ କରିବି । ଆଉ ମୋର ରହିବା ପାଇଁ ତା ଫ୍ଲାଟ ପାଖାପାଖିରୁ ବି କଥା ହେଇଛି ।

- 'ହଁ ରେ ମା, ହେଲେ ଏକଲା ଝିଅ ଟେ ପୁଣି.....'

- 'ନନା ତୁମେ ବି ଆସି ଯାଅନା, ସେଠି ଆମେ ମିଶି ରହନ୍ତେ । ଭଲ ହୁଅନ୍ତା ।'

- 'ନାରେ ମା ନା.... । ଏମିତି ଶସ୍ତାରେ କ'ଣ ସେଠି ବଂଚି ହେବ ? ଏଠି ପାଖାଳ ମୁଠାରେ ମୋ କାମ ଚଳୁଛି, ଗାଁ ଟା ଛୋଟ ହେଲେ ବି ଲୋକଙ୍କ ଭିତରେ ସ୍ନେହ ଶ୍ରଦ୍ଧା ଅଛି, ହେଲେ ସହର ରେ କିଏ କାହାର ।'

- 'ଆମ ଗାଁ ସନାଦାଦା ତ' ତାଙ୍କ ପୁରା ପରିବାର ସଙ୍ଗେ ଘର ଛାଡ଼ି ସହର ଚାଲିଗଲେ, ହେଲେ ତୁମେ କାହିଁ ମନା କରୁଚ ଯେ....

- 'ସେ ଯାଉ ରେ ମା, ମୁଁ ଏକୁଟିଆ, ଜମିଟିକୁ ଛାଡ଼ି ସହର ଯାଇ ପାରିବିନି । ପୁଣି ଜାଣିଛୁ କେତେ ଟଙ୍କା ଗାଁରେ ବାକି ପଡ଼ିଛି, ଏମିତି ଅବସ୍ଥାରେ ଗାଁ ଛାଡ଼ି ଗଲେ ଭୁଲ ହେବ ।'

- 'ତା ହେଲେ ଥାଉ ନନା, ମୋର ବି ଆଉ ସହର ଯିବାର ନାଇ । ମୁଁ ବି ଯିବିନି ।'

- 'ନାଇ ରେ ମା ତୁ ଯିବୁ । ତୋ ଯିବା ପାଇଁ ମହାଜନବାବୁ ଙ୍କୁ ଟଙ୍କା କଥା କହିଥିଲି, ସେ ଡକାଇଥିଲେ, ମୁଁ ଯାଉଛି ଟଙ୍କା ନେଇ ଆସିବି । ତୁ କାଲି ବାହାରିବୁ ।

ନନା ମୁହଁରୁ ଏତକ ଶୁଣିବା ପରେ ଚିନ୍ତାରେ ପଡ଼ିଗଲା କଳ୍ପନା । ଖୁସି ହେବ ନା ଦୁଃଖ କରିବା । ଗୋଟିଏ ପାର୍ଶ୍ୱରେ ସ୍ୱାଧୀନତା ର ସହ ସୁନେଲି ସହରରେ ବଂଚିବାର ସ୍ୱପ୍ନ ଆରପଟେ ପରାଧିନ ମଫସଲର ସୀମିତ ଜୀବନ ତ ନନା । ହେଲେ "କୁଛ୍ ପାନେ କେ ଲିୟେ, କୁଛ୍ ଖୋନା ପଡ଼ତା ହୈ ।" କିଛି ନ ବିଚାରି ନିଜ ସ୍ୱପ୍ନ ସହର ଅଭିମୁଖେ ପାଦ ବଢ଼ାଇଲା କଳ୍ପନା ।

ପରଦିନ ସକାଳୁ ଝିଅକୁ ସହରରେ ଛାଡ଼ି ଆସିବା ପାଇଁ ନନା ସାଙ୍ଗରେ ବାହାରିଲେ । ଝରକା ପାଖରେ ବସି ବୁଲାଇ ବୁଲାଇ ଦେଖି ନେଉଥିଲା ତା ଗାଆଁ, ଘର, ବିଲବାଡ଼ ସବୁ । ପିଲାଟିବେଳରୁ ମନରେ ଉଙ୍କି ମାରୁଥିବା ପ୍ରଶ୍ନ ଆଜି ଆହୁରି ସନ୍ଦିହାନ ଲାଗୁଥିଲା । ବସ ଭିତରେ ସେ ସତରେ ଆଗକୁ ବଢ଼ୁଛି, ନା ଗଛଲତା, ଗାଁ, ଆକାଶ, ପାହାଡ଼, ନଈ ସବୁତାକୁ ବିଦାୟ ଦେଇ ପଛକୁ ଫେରୁଛନ୍ତି । ସମୟ ପାଖେଇ ପାଖେଇ ଆସେ, ଗାଁ ସରି ସରି ଯାଏ । ଧିରେ ଧିରେ ସବୁଜ ବନାନୀ ହୁଏ, କଂକ୍ରିଟ ବଣର ନଜର ଆସେ । ପଶୁପକ୍ଷୀଙ୍କ ରାବ ବଦଳରେ ଟ୍ରାଫିକରେ କୋଳାହଳ ଶବ୍ଦରେ କାନ ଫାଟି ପଡୁଥାଏ । ଏସବୁ ମଧ୍ୟରେ

ଶେଷରେ ଠିକଣା ସହରରେ । ମିକି ଅପେକ୍ଷା କରିଥାଏ । ବୁଝାସୁଝା କରି ଝିଅର ଦେଖାର ଦାୟିତ୍ୱ ମିକି ହାତରେ ଦେଇ, ସେଇ ବସ୍ ରେ ହିଁ ଫେରି ଗଲେ ନନା ।

ସୁଉଚ୍ଚ ଅଟ୍ଟାଳିକା, ଅସ୍ତବ୍ୟସ୍ତ ଜୀବନ, ଯୁଆଡ଼େ ଚାହିଁଲେ ଗହଳି, ପେଁ.... ପେଁ.... ଶବ୍ଦ । ସବୁ ଦୌଡୁଛନ୍ତି । ନିଶ୍ୱାସ ପ୍ରଶ୍ୱାସ ନେବାକୁ କାହା ପାଖେ ଫୁରୁସତ୍ ନାଇ । ଏସବୁ ଦେଖି ଭୟ ସହ ଉତ୍ସାହ ବି ବଢୁଥିଲା । ସେ ବି ଆଙ୍କିବାକୁ ଯାଉଥିଲା ସେମିତି ଏକ ଭବିଷ୍ୟତ ।

ମିକି କଳ୍ପନାକୁ ନେଇ ନିଜ ଘରକୁ ଚାଲିଗଲା । ତହିଁ ଆର ଦିନ ଦୁହେଁ ମିଶି ବାହାରିଲେ । ପୂର୍ବରୁ ମିକି ରାଜଧାନୀ ପାର୍ଲର ମ୍ୟାଡାମ୍ ଙ୍କୁ କଳ୍ପନା କଥା କହି ଥିଲା, କଥା ମୁତାବକ ସେଇଠି ଜଏନ୍ କଲା । ଦିନକୁ ୮ ଘଂଟା କାମ ମାସକୁ ୮୦୦୦ ଟଙ୍କା । ପାର୍ଲରରୁ ଫେରିବାର ରାସ୍ତାରେ ସେଇ ପାଖାପାଖି ଘର ଭଡ଼ାରେ ନେଲା । ଭଡ଼ା ୪୦୦୦ ଟଙ୍କା । ନୂଆ ନୂଆରେ ନନା କଥା ମନେ ପକାଇ ବହୁତ କାନ୍ଦିଲା । ପରେ ନିଜକୁ କହିଲା ନା, ତା ନନାର କିଛି ହେବନି । ସେ ପରିଶ୍ରମ କରି ନନାରସବୁ ଋଣ ସୁଝି ଦେବ । ନନା କୁ ସହର ନେଇ ଆସିବ । ଏଠି ସେମାନେ ଖୁସିରେ ରହିବେ ।

ପ୍ରତିଦିନ ଅନେକ କଷ୍ଟମର ଆସନ୍ତି । ଫେସିଆଲ କରନ୍ତି, ଆଇବ୍ରୋ ସାଇଜ୍ କରନ୍ତି । ସେମାନଙ୍କ ସହ ଭଲରେ ମିଶି ଯାଏ କଳ୍ପନା । ଧିରେ ଧିରେ ସବୁକାମ ବି ସହଜରେ ଶିଖିନିଏ । ସହରର ଚାଲିଚଳଣି, କଥାବାର୍ତ୍ତା ସହ ଭାରି ଅଭ୍ୟସ୍ତ ହୋଇସାରିଥାଏ । ଇଚ୍ଛା କରିଥିଲା ପ୍ରଥମ ଦରମା ପାଇବା ସଙ୍ଗେ ସଙ୍ଗେ ନନାକୁ ପଠାଇବ ହେଲେ ଘରଭଡ଼ା, ଖାଇବା, ପର୍ସନାଲ ଖର୍ଚ୍ଚରେ ସବୁ ଶେଷ । ଆଠଶହ ଖଣ୍ଡେ ଟଙ୍କା ହାତରେ ରଖିଛି । ମିକିଠୁ ପୁଣି କିଛି କରଜ କରିଥିଲା । ଏଇଟା କଣ ଗାଁ ହେଇଛି ଯେ ଅଳପ ଟଙ୍କାରେ ଚଳି ହେଇଯିବ । ବୁଝିଛି କଳ୍ପନା, ନିରାଶ ପାଲଟିଛି ।

କଷ୍ଟେ ମଷ୍ଟେ ବିତାଇ ଚାଲିଛି ସହରୀ ଜୀବନ, ହେଲେ ସ୍ୱପ୍ନରେ ଦେଖିଥିବା ସୁଖ ନାଇ । ମାସକ ପରେ ଝିଅକୁ ଦେଖା କରିବାକୁ ନନା ସହର ଆସନ୍ତି । ପଚାରି ପଚାରି ରାଜଧାନୀ ପାର୍ଲରରେ ପହଂଚି ବାହାରେ ଅପେକ୍ଷା କଲେ । କିଛି ସମୟ ପରେ ପଦାକୁ ଆସିଛି କଳ୍ପନା । ଝିଅକୁ ଦେଖି ନିର୍ବାକ୍ ହୋଇ ମୁଣ୍ଡ ଠାରୁ ଗୋଡ଼ ପର୍ଯ୍ୟନ୍ତ ଚାହିଁଛନ୍ତି ନନା । ନନାକୁ ମୁଣ୍ଡିଆ ହୋଇ ଭଲ ମନ୍ଦ ପଚାରୁଛି, ହେଲେ ସେ ନୀରବ । ବୁଝିପାରିଛି ନୀରବତାର କାରଣ । ନନାକୁ ବୁଝାଇ କହୁଛି ଆଜିକାଲି ସହରରେ ଏସବୁ କମନ୍ । ଚୁଡ଼ିଦାର ଏଠି କେହି ପିନ୍ଧନ୍ତନି । ତା ପିନ୍ଧିବା ଭଳି ପୋଷାକ ହିଁ ଧାରଣ କରନ୍ତି । ମଫସଲ ଲୋକ ସେତିକି ସାହସିକ ଶକ୍ତି ନାଇ ସହରୀ ସଂସ୍କୃତିକୁ ସହଜେ ଆଦରି ନେବେ ।

ଘରୁ ନେଇ ଆସିଥିବା ପରିବା ବ୍ୟାଗଟିକୁ ଝିଅ ହାତକୁ ବଢ଼ାଇ, ନିଜ ଯତ୍ନ ନେବାକୁ କହି ଫେରନ୍ତି । ସେଇ ଏକା କଥା ତାଙ୍କ ମୁହଁରେ ଖେଳେଇ ହେଉଥାଏ ।

"ଏ କି ସଂସ୍କୃତି !!! ମଥାରେ ଟିକିଲି ନାଇ ହାତରେ କାଚ ଖଣ୍ଡେ । "

ଶେଷରେ କଳ୍ପନା ବି ସେ ସବୁର କବ୍ଜାରେ ରହିବ ନନାର ଅନୁମାନ ବାହାରେ ।

ଅନ୍ୱେଷ,

ଘରମାଲିକର ପୁଅ । ବହୁଦିନ ଧରି ନଜରରେ ରଖିଛି କଳ୍ପନାକୁ । ଅନେକ ଥର ସୁଯୋଗ ଖୋଜିଛି ତା ସହ ସମ୍ପର୍କ ଲଗାଇବାକୁ । ପ୍ରୟାସ ବି କରିଛି । ସେଥିପାଇଁ କଳ୍ପନା ବାହାରିବା ଟାଇମରେ ଜାଣି ଜାଣି ସେଂଟ ପକାଇ, ଷ୍ଟାଇଲ୍ ମାରି ରେଡ଼ି ହେଇଛି । ଧିରେ ଧିରେ ନିଜ ବାଇକ୍‌ରେ ପାର୍ଲରକୁ ନେବା ଆଣିବା କରିଛି । ଶେଷରେ ତା ମିଠା କଥାରେ ଫସାଇଛି କଳ୍ପନାକୁ । ଲଭ୍‌ର ଲାଳସା ଦେଇ କଳ୍ପନାକୁ ନିଜର କରିଛି । ଧିରେ ଧିରେ ବହୁତ ଆଗେଇଛି ସମ୍ପର୍କ । ଅନ୍ୱେଷ ପ୍ରତିଦିନ ତା ବାଇକରେ ବୁଲାଇ ନିଏ । ସଂଧ୍ୟାରେ ଗୁପଚୁପ୍ ଖୁଆଏ । ଦୁହେଁ ମିଶି କ୍ୟାଣ୍ଡେଲ ନାଇଟ୍ ଡିନର କରନ୍ତି, ସେକେଣ୍ଡ ସୋ ଦେଖି ଘରକୁ ଫେରନ୍ତି । ସହର ଆସିବା ନୂଆରେ ମିକି ବାରମ୍ବାର ବୁଝାଇଥିଲା । ଅଜଣା ଲୋକ ସହ ମିଶିବୁନି, କାହା ବାଇକ୍ ରେ ବସିବୁନି । ସେ ସବୁ ପାଶୋରି ସାରିଛି । ଅନ୍ୱେଷକୁ ଭଲ ପାଇ ବସିଛି । ତା ପ୍ରତି ବହୁତ ବିଶ୍ୱାସ ଅଛି କଳ୍ପନାର ।

ଏକୁଟିଆ ଲୋକ । ଭଲ ଲାଗୁନି । ଝିଅ କଥା ଭାରି ମନେ ପଡ଼ିଛି । ଚାରିପାଂଚ ମାସ ପରେ ସହର ଆସିଛନ୍ତି ନନା । ହେଲେ କଳ୍ପନା ଆଜି ଛୁଟିରେ । ପାର୍ଲର ଆସିନି । ମିକି ପାଖରେ ବି ତା' ଖବର ନାଇ ଆଜି । କିଛି କହିନି । ଘରକୁ ଯାଇ ଦେଖିଲେ । ତାଲା ଝୁଲିଛି । ସକାଳଠୁ ଫୋନ୍ ବି ଅଫ୍ । ଅନେକ କଥା ଭାବି ଭାବି ପିଣ୍ଡାରେ ଅପେକ୍ଷା କଲେ । ପାଖ ପଡ଼ୋଶୀ ସବୁଠି ଏକା ଉତ୍ତର ପାର୍ଲର ଯାଇଥିବ । ଚିନ୍ତାରେ ବସିଥିବାବେଳେ ଗେଟ୍ ପାଖରେ ଡିସ୍କବ୍ରେକ୍ ଲଗାଇ ଅଟକିଲା ବାଇକଟେ । ବିକ୍ରମାଦିତ୍ୟ ଉପରେ ବେତାଳ ଓହଳିବା ପୋଜରେ କଳ୍ପନା । ଓହ୍ଲାଇ ଗେଟ୍ ଖୋଲି ଦେଖେ, ନନା ଘର ଆଗରେ । ଆଖିରେ ଲୁହ ।

ଘରକୁଡାକି ନେଲା କଳ୍ପନା । ନନା ନିଜ ମଳିନ ଚକ୍ଷୁରେ ଝିଅର ଅବତାରକୁ ଦେଖୁଥାନ୍ତି । ପୂର୍ବରୁ ଯାହା ପିନ୍ଧିଥିଲା ଛାଡ଼ । ହେଲେ ଯେ କି ଡ୍ରେସ୍ ଉପରୁ କାନ୍ଧଛାତି ଦର ମେଲା ତଳକୁ ଆଣ୍ଠୁ ଲୁଚିନି । ଏମିତି ବେଶରେ ଦେଖି ହୃଦୟ ଭାଙ୍ଗି ଗଲା । ଆଉ କଳ୍ପନାର ସହରେ ରହିବା ପସନ୍ଦ କଲେନି । ସାଙ୍ଗରେ ଫେରି ଆସିବାକୁ କହିଲେ । କଳ୍ପନା ରୋକ୍ ଠୋକ୍ ଶୁଣାଇ ଦେଲା, "ତୁମେ ଚାଲିଯାଅ ନନା, ମୋର ଗାଁକୁ ଯିବାର ନାଇ କି ସେଠି ରହିବାର ନାଇ । ଏଠି ମୋତେ ଠିକ୍ ଲାଗୁଛି । ମୁଁ ଏଠି ଠିକ୍ ଅଛି । ତୁମେ ଆଉ ଏଠିକି ବାରବାର ଆସିବା ଦରକାର ନାଇ ।"

– 'ନା.... ତୁ ଏଠି ଆଉ ରହିବୁନି ।'

– 'ନନା....... (ଚିଲେଇ)'

– 'ହଁ....'

– 'ନା.... ମୁ ଯାଉନି । ତୁମେ ଯାଇ ପାର ।'

– 'ଜବାବ ଦେଉଛୁ ମୁହଁରେ ? କିଏ ସେ ଟୋକା ?'

– 'କିଏ ?'

– 'ଯୋଉ ବାଇକରେ ତୋ ସହ.......'

– 'ଓଃ... ସେଇ'

– 'ଅନ୍ୱେଷ । ଏ ଘର ମାଲିକର ପୁଅ । ଆମେ ପରସ୍ପରକୁ ଭଲ ପାଉ । ମୁଁ ତାକୁ ବିବାହ କରିବାକୁ ଚାହେଁ ।'

– 'ତୋର ଏତେ ସାହସ !'(ହାତ ଉଠାଇ)

– 'ନନା....,

ହାତ ଟେକିବନି କହି ଦେଉଛି । ମୁଁ ଏବେ ମାଇନର ନୁହଁ । ମୋତେ ମାରିବାର ଅଧିକାର ତୁମର ଏବେ ନାଇ । ମୁଁ ଏଥର ମୋ ନିଷ୍ପତ୍ତି ନେଇ ପାରିବି । ଯଦି ପୁଣି ହାତ ଉଠାଅନା ଦେଖ ଭଲ ହେବନି କହି ଦେଉଛି....'

– 'କ'ଣ କେସ୍ ଦେବୁ ? ?'

– 'ହଁ.... ଦେବି..'

– 'ଯା' ରେ ମା ଦେଇ ଯା', ଏଇଥିପାଇଁ ତ ଜନ୍ମ ଦେଇଥିଲି ତୋତେ, ଏଇଥିପାଇଁ ତ ପାଠ ପଢ଼ାଇଥିଲି, ଏଇଥିପାଇଁ ତ ସହରକୁ ଛାଡ଼ିଲି ତୋତେ ? ଦେବୁନି କାଇଁ ଦେବୁ... ତୁ ଦେବୁ । ଠିକ୍ ଅଛି ରେ ମା ଏଣିକି ତୋ ଇଛା ।'

ନନା ଏଥର ସବୁଦିନ ପାଇଁ ସହରରୁ ବିଦାୟ ନେଇ ଫେରିଲେ ଗାଁକୁ । ପ୍ରତି ମୂହୁର୍ତ୍ତରେ ପ୍ରତିଧ୍ୱନିତ୍ୱ ହେଉଥିଲା କଳ୍ପନାର ପ୍ରତିବାଦର ସ୍ୱର । ପେଟକୁ ଭୋକ ନାଇ । ଆଖିକୁ ନିଦ ଆସେନି । ଏକମାତ୍ର ଝିଅ ମାଆ ନଥିବା ସତ୍ୱେ କୌଣସି ଅଭାବ ନ କରି ପାଠ ପଢ଼ାଇ ଏତେ ବଡ଼ କରିଛନ୍ତି । ସ୍ୱପ୍ନ ବି ଗଢ଼ିଥିଲେ ସୁନ୍ଦର ବରଟିଏ ଖୋଜି ବାହାଦେବେ । ହେଲେ ଆଜି ସବୁ ସ୍ୱପ୍ନ ଚୁରମାର୍ । ପ୍ରତି ମୂହୁର୍ତ୍ତରେ ଆଖିରୁ ଧାର ଧାର ଲୁହ ବୋହି ତାଙ୍କ ମୁହଁକୁ ଧୋଇ ଦେଉଥାଏ । ଅସରାଏ କୋହ ଦୁଲକାଇ ଦିଏ ଦିହକୁ ।

କଳ୍ପନା ଧିରେ ଧିରେ ନିଜ ଇଜ୍ଜତ ହରାଇ ବସେ । ସହରୀ ନିଶାରେ ଶ୍ରୀହୀନା ସାଜେ । ଆଉ ଏପରି ଲୋକ ନିନ୍ଦା ଘେନି ଏପରି ଏକା ବଂଚିବାକୁ ଚାହେଁନା । ଯେମିତି ହେଲେ ଏଥର ଜଣାଇବ ଅନ୍ୱେଷକୁ । ବାହା ହେବାକୁ କହିବ । ରାତିକ ବିତି ଯାଉ । ସକାଳକୁ ଅପେକ୍ଷା... ପ୍ରତିଦିନ ଭଳି ଠିକଣା ଟାଇମରେ ହାଜର । କଳ୍ପନା ବି ରେଡ଼ି । ବହୁଦିନ ଧରି ବୁଲିଛି ତା' ସହ । ବହୁତ ବିଶ୍ୱାସ ରଖିଛି । କଥାବାର୍ତ୍ତା ହୋଇ ହୋଇ ଶେଷରେ କିଙ୍ଗସ୍ ହୋଟେଲରେ ପହଂଚିଲେ । ଦୁଇଜଣଙ୍କର ଫେଭ୍ରେଟ୍ । ଅନେକଥର ଏଇଠି ଲଂଚ ଡିନର କରିଛନ୍ତି । ଲଂଚ ମଗାଇ ଖାଇବା ଆରମ୍ଭ କରିଛନ୍ତି ।

– 'ଅନ୍ୱେଷ...'

– 'ହଁ...'

– 'ତୁମକୁ କିଛି କହିବାର ଥିଲା ।'

– 'କୁହ, ଏମିତି କି କଥା ରଖିଛ ?'

– 'ଅଛି । ତୁମେ କଥା ଦିଅ ମୋତେ ସତ କହିବ ।'

– 'ଆରେ... ଏ କି କଥା କହୁଛ । ମୁ କାଇଁ ତୁମକୁ ମିଛ କହିବି ।'

– ତଥାପି..

– ଠିକ୍ ଅଛି ବାବା ଠିକ୍ ଅଛି । କଥାଟା ତ କଣ କୁହ ଆରେ ।

– ଆମେ କେବେ ସାଦି କରିବା ?

– ବାହାଘର ! ! ! (ଅଧା ବାଟ ରେ ଭାତ ମୁଠା ଧରି)

– ହଁ ।

– ଏ କ'ଣ କହୁଛ । ତୁମେ ମୋ ଫ୍ରେଣ୍ଡ ।

– କଣ କହୁଛୁ ? ମୁଁ ତୁମ ଫ୍ରେଣ୍ଡ ? ଥରେ ମୁହଁକୁ ଚାହିଁ କୁହତ ?

– ହଁ.. ହଁ.. ତୁମେ ମୋ ସାଙ୍ଗ ।

– ଓଃ... ତା' ମାନେ ଆମ ମଧ୍ୟରେ ଯା' ସବୁ ଘଟି ଯାଇଛି...

– ଫ୍ରେଣ୍ଡଲି ....

– ୟୁ... ଚିଟର (ସାର୍ଟ କଲର ଧରି)

– ଛାଡ଼ କଳ୍ପନା, ଭଲ ହେବନି କହୁଛି, ଏମିତି ସଭିଙ୍କ ଆଗରେ କରିବା । ଇଟି ଇଜ୍ ଭେରି କେଜୁଆଲ ।

– କ'ଣ କେଜୁଆଲ ! !

– ହଁ ହଁ କେଜୁଆଲ । ଭେରି କେଜୁଆଲ । ତୁମ ପରି ମୋର ଅନେକ ଫ୍ରେଣ୍ଡ ଅଛନ୍ତି । ତୁମ ଭଳି ମୁଁ ସେମାନଙ୍କ ସହ ବିତାଇଛି, ଏମିତି କେତେ କଣ....

– କେତେ ଜଣ ମାନେ

– ହଁ... ଯା' ତୁମ ସହ

– ଛିଃ... ଧକ୍କେବାଜ୍

– ମୁଁ ନୁହଁ କଳ୍ପନା । ସହରର ସବୁ ସେମିତି ।

– ହେଲେ ତୁମେ ତ କହିଥିଲ ମୋତେ ଭାରି ଭଲ ପାଅ । ତୁମେ ବି ଜାଣ ମୁଁ ତୁମକୁ କେତେ ଭଲ ପାଏ ।

– ତ ? କଣ ହେଲା ?

– କିଛି ନୁହଁ କିନ୍ତୁ, ତୁମେ ମୋତେ ବାହା ହେବ । ନଚେତ୍ ମୁଁ କଣ କରିବି ଦେଖିବ ?

(ଏଥର ହାଉଳି ଖାଇଲା ଅନ୍ୱେଷ । ଅନେକ ଝିଅ ଗଲେଣି ହେଲେ ଏମିତି କେହି ପ୍ରତିବାଦ କରି ନଥିଲେ । କାଳେ କଳ୍ପନା କିଛି ଅଘଟଣ ଘଟାଇ ବସେ ଭୟରେ ପୁଣି ଛଳନା କରି...)

– ଠିକ୍ ଅଛି ଡାର୍ଲିଂ... ଠିକ୍ ଅଛି ।

– ନାଇ ସତ କୁହ ?

– ସତ ହିଁ କହୁଛି ଆମେ ବାହା ହେବା ।

– ଆଉ ଯା' ସବୁ କହିଲ ?

– ଆରେ ବୋକୀ ମଜା କରୁଥିଲି । ଜାଣିପାରିଲୁନି ?

– ନା... ଆଉ ଦିନେ ସେମିତି କହିବନି । ଜାଣିଛ

କ'ଣ ଲାଗିଲା ମୋତେ ?

- କ'ଣ ?

- କିଛି ମୋମେଂଟ ପାଇଁ ମୋ ହାର୍ଟ ବିଟ୍ ରହିଗଲା ।

- sorry... କାନ ଧରୁଛି ।

- THANK GOD, ତୁମେ ରାଜି ହେଲ ।

- ଚାଲଯିବା ଏଥର ।

- କୁଆଡ଼େ ?

- ତୁମ ରୁମ୍‌କୁ

- ହଁ... (ଲାଜେଇ ଲାଜେଇ)

ବାହାରି ପଡ଼ିଲେ ନିଜ ରୁମ୍ ଅଭିମୁଖେ । ଯିବା ରାସ୍ତାରେ ମେଡ଼ିକାଲ୍ ଷ୍ଟୋର ଠାରେ ଗାଡ଼ି ଅଟକାଇଲା ଅନ୍ୱେଷ । ଅଳ୍ପ ସମୟ ଅପେକ୍ଷା କରିବାକୁ କହି ଦୌଡ଼ି ଦୌଡ଼ି ଯାଇଥିଲା । ବୁଝି ସାରିଥିଲା କଳ୍ପନା । ଲାଜରେ ହସୁଥିଲା । କିଛି ସମୟ ଭିତରେ ଦୁହେଁ ପହଂଚିଲେ ରୁମରେ ।

ଫ୍ରେସ୍ ହେବାକୁ ଗଲା କଳ୍ପନା । ଏଣେ ହରଡ଼ ଘଣାରେ ଅନ୍ୱେଷ । କଳ୍ପନା ଯେ ଶେଷରେ ଏମିତି ରିଆକ୍ଟ ହେବ ସେ ଜାଣି ନଥିଲା । ଯେମିତି ହେଲା ଏ କାହାଣୀକୁ ଏଠି ବନ୍ଦ କରିବାକୁ ହେବ । ନଚେତ ସେ ଫସିଯିବ । ତେଣୁ ଡେରି ନକରି ମେଡ଼ିକାଲ୍ ଷ୍ଟୋରରୁ ନେଇ ଆସିଥିବା ନିଦ ବଟିକା ଗୁଡ଼ିକୁ ବୋତଲରେ ମିଶାଇ ଦେଲା । ଅପେକ୍ଷା କଲା । କଳ୍ପନା ଫେରିବା ପୂର୍ବରୁ ନିଜ ମୋବାଇଲର ଭିଡ଼ିଓ ଟିକୁ ଅନ୍ କରି କପବୋର୍ଡ଼ରେ ଥୋଇଦେଲା । କଳ୍ପନା ବାହାରକୁ ଆସିବା ପରେ, ଅଧା ଢାଳି ବଢ଼ାଇ ଦେଇ କହିଲା ନିଅ ମୁଁ ଅଧା ପିଇ ନେଇଛି, ଏତକ ପିଇ ନିଅ ।

ଅଚେତ ଅବସ୍ଥାରେ ବେଡ଼୍‌ରେ କଳ୍ପନା । ପୁଣି ଶିକାରୀ ସାମ୍ନାରେ ବିରାଟ ଶିକାର । ମୁକୁଳିବାର ପ୍ରଶ୍ନ ହିଁ ନାଇ । ତା' ପାଟି ବନ୍ଦ କରିବାକୁ ଅନ୍ୱେଷ ପାଖରେ ଏଇ ଏକମାତ୍ର ରାସ୍ତା । ଦୁହିଁଙ୍କ ଡ୍ରେସ୍ ବେଡ୍ ତଳେ, ଆଉ ଦୁଇ ଜଣ ବେଡ୍ ଉପରେ । ବେଡ୍ ଉପର ର ସମସ୍ତ ଲୀଳା ଖେଳକୁ ନିଶବ୍ଦରେ କଏଦ କରୁଥିଲା ମୋବାଇଲ । କିଛି ମୁହୂର୍ତ୍ତର କଳଙ୍କ ବୋଲି ସାରିବା ପରେ ଶେଯ ଛାଡ଼ିଲା ଅନ୍ୱେଷ । ଭିଡ଼ିଓଟିକୁ ଅଫ୍ କଲା । ନିଦ ଭାଙ୍ଗିନି । ସେମିତି ପଡ଼ିଛି କଳ୍ପନା । ତା' ନିଦ ଭାଙ୍ଗିବା ପୂର୍ବରୁ ରେକର୍ଡ଼ କରିଥିବା ଭିଡ଼ିଓ ସହ ମେସେଜ୍ ଟେ ସେଣ୍ଡ କରି ଚାଲିଗଲା ।

କିଛି ସମୟ ପରେ ଚେତା ଫିଟିଲା । ସମୟ ଦିନ ଦିପହରୁ ଯାଇ ସିଧା ରାତିବାର । ମୂର୍ଚ୍ଛୁର୍ଷୁ ସ୍ଥିତିରେ କଳ୍ପନା । ଦେହ ସାରା ଅଜଣା ବ୍ୟଥା । ଦିହରେ ପୋଷାକ ନାଇ । ପାଦ ତଳୁ ଚାଦରଟି ଘୋଡ଼ି ନେଲା ଦେହଟାକୁ । ଅନ୍ୱେଷ... ଅନ୍ୱେଷ... ଡାକ ଦେଲା ହେଲେ ପ୍ରତିଉତ୍ତର ନାଇ । ନିବୁଜ କୋଠରୀର ନିଃଶବ୍ଦତା ଭିତରେ ଉପହାସ କରି ପ୍ରତିଧ୍ୱନିତ୍ୱ ହେଉଥିଲା ତା ଡାକ । ଅନ୍ୱେଷତାକୁ ଏଭଳି ଅବସ୍ଥାରେ ଛାଡ଼ିଯିବ ତା ବିଶ୍ୱାସ ହେଉ ନଥିଲା । ପଚାରିବା ପାଇଁ ଫୋନ ଖୋଲିଲା । ଦେଖେତ ଅନ୍ୱେଷର ନମ୍ବରରୁ ମେସେଜ୍ ଆଉ ଭିଡ଼ିଓଟେ । ଭିଡ଼ିଓ ଡାଉନ୍‌ଲୋଡ୍ ବେଳକୁ ପଢ଼ିନେଲା ମେସେଜ୍‌ଟିକୁ ।

- 'ଦେଖି ନିଅ କଳ୍ପନା, ଭଲରେ ଟିକେ ଦେଖି ନିଅ । ଆମ ଭିଡ଼ିଓ ହିଁ । ଆଉ ଦିନେ ମୋ ଆଗରେ ବାହାଘର କଥା ଟେକିବନି । ଯଦି ବାଧ୍ୟ କରନା, ମୁଁ ଏବେ କଣ କରିବି ଭଲରେ ଜାଣିଚ । ମୁଁ ଯଦି ଏ ଭିଡ଼ିଓଟିକୁ ମାର୍କେଟରେ ଛାଡ଼େ ତ ମୁଣ୍ଡ ଉଠାଇ ପାରିବ ନାହିଁ, ଆଉ ତୁମ ନନା ଏହା ଦେଖିବା ପରେ ଲୋକଲଜ୍ଜାରେ ଆତ୍ମହତ୍ୟା କରିବେ । ଭଲରେ ଭଲରେ କହୁଛି ପାଟି ବନ୍ଦ କରି ସିଧା ସିଧା ଗାଁକୁ ଚାଲିଯାଅ, ନଚେତ୍... । ଏଥର ତୁମ ଇଚ୍ଛା । ଗୁଡ଼ବାଏ ।

ହୃଦୟ ଫାଟିଗଲା । ଅନ୍ୱେଷ ଏମିତି ବ୍ଲାକମେଲିଂ କରିବ । ତା ଭଲପାଇବାକୁ ଏମିତି ଠିକଣା ଦେବ । ବିଶ୍ୱାସର ପ୍ରତିଉତ୍ତରରେ ଏଭଳି ବିଶ୍ୱାସ ଘାତକତା କରିବ ସ୍ୱପ୍ନରେ ସୁଧା ଭାବିନଥିଲା । ଏଥର ଚିହ୍ନି ସାରିଥିଲା ଅନ୍ୱେଷକୁ । ଚିହ୍ନି ସାରିଥିଲା ସହରୀ ରାକ୍ଷସକୁ । ତା ସହର ନିଶା ଏକାବେଳକୁ ଭାଙ୍ଗିଗଲା ।

ସଙ୍ଗେ ସଙ୍ଗେ ମିକିକୁ ଫୋନ୍ କରି ସମସ୍ତ ଘଟଣା ଜଣାଇଲା । ସେ ବି ଝିଅ । ବହୁତ ଦିନ ଧରି ସହରରେ ରହି ଆସିଛି । ଭଲରେ ଚିହ୍ନିଛି ସହରକୁ । କେତେ ସତର୍କତାର ସହିତ ବଂଚିବାକୁ ପଡ଼େ । ଆଜି କାଲି ସହରମାନଙ୍କରେ ଏ ଘଟଣା ସବୁ ଅତି ସାଧାରଣ ହୋଇ ପଡ଼ିଲାଣି । ଅଫିସ୍, ପାର୍କ, ମନ୍ଦିର, ଥିଏଟର କୋଉଠି ଖାଲି ନାଇ । ଏମିତି ଏ ସହରର ନର ରୂପ ଧାରୀ ଶିକାରୀ ମାନଙ୍କ ପଞ୍ଝାରେ ଅନେକ ଶିକାର ହୁଅନ୍ତି ।

ତହିଁଆର ଦିନ ସକାଳୁ ସକାଳୁ ମିକି ଆସି ପହଂଚିଲା । କଳ୍ପନାକୁ ବୁଝାଇ କହିଲା

- ' ଭଲ ହେବ ଗାଁକୁ ଫେରି ଯାଆ । ଗାଁରେ ରହି ନନାର ସେବା କରେ । ତୋତେ ଏଠି ଆଉ ଭଲରେ ଦେଖେଇଦେବନି, ଭଲ ହେବ ତାକୁ ପଦେ ବି ଜବାବ ନଦେଇ ଚାଲିଯାଆ ।

- ନା, ମୁଁ ଆଉ ବଂଚିବିନି ମିକି ।

- ଚୁପ୍ କର ।

- ଏ ଲାଜରେ କେମିତି ମୁହଁ ଉଠାଇବି ? କାହା ପାଇଁ ବଂଚିବି ?

- ବଂଚିବାକୁ ହେବ ତୋତେ । ଥରେ ଭାବେ ତୋ ନନାର କଥା । ତାଙ୍କୁ ଏକା କରି କଣ ଏମିତି ଚାଲିଯିବୁ ?

- ହେଲେ ନନା ଜାଣିଲେ.......

- କାନ୍ଦେନା ରହ ! ଏବେ କାନ୍ଦି କିଛି ଲାଭ ହେବନି । ଯାହା ସବୁ ଘଟିଗଲା ମନରୁ କାଢ଼ିନେ । ତୋର କିଛି ହେବନି ।

- ମୁଁ ଏଇ କ୍ଷଣି ଚାଲିଯିବି ଗାଁକୁ । ନନା କଥା ଭାରି ମନେ ପଡୁଛି ।

- ହଁ ଠିକ୍ ଅଛି । ଆଜି ହିଁ ବାହାରିପଡ଼ । କହିଦେଉଛି ଆଉ କିଛି ବି ପାଗଳାମି କରିବୁନି । ତୋ ନନା ଲାଗି ତତେ ବଂଚିବାକୁ ହିଁ ପଡ଼ିବ ।

ହୁତ୍ ହୁତ୍ ହୋଇ ଜଳୁଥିଲା ତା ଅନ୍ତର । ନିଜର ବୋଲି ଇଜ୍ଜତକୁ ହରାଇ ବସିଲା । ଏଥର ଏଇ ସହରରେ ଆଉ ରହିବାର ନାହିଁ । କିଛି ସ୍ୱପ୍ନ ନାହିଁ । ପୁଣି ଫେରିଆସିବ ସେଇ ମଫସଲକୁ ଘର କାମ କରିବ । ରାନ୍ଧିବାଢ଼ି ନନାକୁ ମୁଠେ ଖାଇବାକୁ ଦେବ । ସେମିତି ପଡ଼ି ରହିବ ଗାଁରେ । ତା'ର ଆଉ ସହର ଲୋଡ଼ା ନାହିଁ । ଶେଷରେ ପୁଣି ଫେରିଲା ଗାଆଁ ଅଭିମୁଖେ ।

ଦିନେ ଝରକା ଫାଙ୍କରୁ ଯେଉଁ ବଡ଼ ବଡ଼ କୋଠାକୁ ଦେଖି ଆନନ୍ଦରେ ଡେଉଁଥିଲା ଆଜି ସେ ସବୁ ପଛର କଳା ଚେହେରା ଗୁଡ଼ିକୁ ମନେ ପକାଇ ନିଜକୁ ଧିକ୍କାର କରୁଥିଲା । ଏଠି ହଜାର ହଜାର ଅନ୍ୱେଷ । ତା ଭଳି ଲୋକ ହାତରେ ପ୍ରତିଦିନ ଏଠି ହଜାର ହଜାର ନିରୀହ କଳ୍ପନା ଶିକାର ହୁଅନ୍ତି । ଧିରେ ଧିରେ ସେଇ କଂକ୍ରିଟ୍ ଜଙ୍ଗଲରୁ ମୁକ୍ତି ମିଳୁଥିଲା । ଏତକ ସମୟ ମଧ୍ୟରେ ସବୁଜ ଜନନୀକୁ ମଧ୍ୟ ସହର ଗ୍ରାସ କରିସାରିଥିଲା । ଦେଖୁ ଦେଖୁ ସହର ଡେଇଁ ମଫସଲ ଆଡକୁ ବଢ଼େ ବସ୍ । ତା ଆସିବା ଖବର ଜାଣି ରାସ୍ତା କଡ଼ ବୃକ୍ଷଲତା ସବୁ ନିଦାଘର ତେଜ ସମ ଜଳିବାକୁ ଲାଗେ । ସୂର୍ଯ୍ୟମୁଖୀ ସବୁଦିଗ ବଦଳାଇ ବିମୁଖୀ ହୁଏ । ଗାଁରେ କାହାକୁ ଖବର ନାହିଁ । କଳ୍ପନା ଆଜି ଫେରୁଛି । ଗାଁ ମୁଣ୍ଡରେ ଓହ୍ଲାଇଲା । ଶେଷ ମୁଣ୍ଡରେ ଘର । ଧିରେ ଧିରେ ପାଦ ପକାଇ ଆଗକୁ ବଢ଼େ । ଗାଁ ଟି ପୁରା ଖାଁ ଖାଁ । ଶେଷ ମୁଣ୍ଡରେ ଗହଳି । ଗହଳି ଭିତରୁ କାନ୍ଦ ବୋବାଳ ଶବ୍ଦ । ଭୟରେ ପାଦର ଗତି ଧିମେଇ ଯାଏ । ଗହଳି ମଧ୍ୟରୁ ସମସ୍ତଙ୍କ ନଜର ଫେରେ କଳ୍ପନା ଦିଗକୁ । କର୍କଶ ଚେହେରା ସବୁ । ଗହଳି ଭାଙ୍ଗି ଭିତରକୁ ପଶି ଦେଖେତ କାଠ ପାଲଟି ଯାଏ ଦିହ । ଓଠ ପାଟି ଶୁଖିଯାଏ । ପାଦ ତଳୁ ମାଟି ଖସି ଯାଏ । ମହମ ପରି ମିଳେଇ ଯାଏ ତା ହୃଦୟ । ବଂଶ ମର୍ଯ୍ୟାଦା ହରାଇ ବାଉଁଶ କୋକେଇ ଉପରେ ଚିର ନିଦ୍ରାରେ ତା ନନା ।

ଆଜି ସକାଳୁ ବିଲହିଡ଼ ଉପରୁ ତାକୁ ମୃତ ଅବସ୍ଥାରେ ପାଇ ଟୋକା ମାନେ ଗାଁକୁ ଉଠାଇ ଆଣିଛନ୍ତି । ମୃତ୍ୟୁର କାରଣ ଅସ୍ପଷ୍ଟ ଲାଗୁଥିଲେ ବି ସେଇ । ଭିଡ଼ିଓ ଦୁଇଦିନ ହେବ ସମସ୍ତଙ୍କ ହାତରେ ବୁଲିଲାଣି । ଗାଆଁଟା ସାରା ଲୋକ ଜାଣିଲେ । ଗତକାଲି ରାତିରେ ଏହି ଘଟଣାକୁ ନେଇ ପଂଚାୟତ ବସିଥିଲା । ପଂଚାୟତରେ ଝିଅର କର୍ମ ପାଇଁ ଅନେକ ଲୋକ ଲଜ୍ଜା ସହିବାକୁ ପଡ଼ିଲା । ଶେଷରେ ପଂଚାୟତରେ ରାୟ ମିଳିଥିଲା ନିର୍ବାସନ ଦଣ୍ଡ !!

ରାତି ସାରା ଆଖିରେ ନିଦ ନାଇ । କେତେ ସେବା କରିଥିଲା । କେତେ ଗେହ୍ଲା କରୁଥିଲା କଳ୍ପନାକୁ । ମାଆର ଉଣା ପଣିଆ କେବେ ବି ଅନୁଭବ କରାଇ ନଥିଲା । ଏପୁତ୍ର ମାନସିକ ଧାରୀ ଦୁନିଆରେ ବି କଳ୍ପନାକୁ କୋଳରେ ପାଇ ବେଶ୍ ଗର୍ବ କରୁଥିଲା । ବଂଶ ବୃଦ୍ଧି ନୁହଁ ବଂଶ ମର୍ଯ୍ୟାଦା ହିଁ ଶ୍ରେୟ ଭାବି ବଂଚିଥିଲା । ଶେଷରେ ତା' ଝିଅ ଏମିତି କରିବ କଳ୍ପନା ବାହାରେ ଥିଲା । ଏମିତି ଚିନ୍ତାରେ ଚିନ୍ତାରେ ରାତି ପାହିଗଲା । ଶେଷରେ ଲୋକ ଲଜ୍ଜା ଭୟରେ ଗାଁ ଉଠିବା ପୂର୍ବରୁ କୀଟନାଶକ ଔଷଧ କାଚଟିକୁ ଧରି ଚାଲିଗଲା । ଶେଷରେ ଯାହା ଘଟିଗଲା ।

ନନାକୁ ଏଭଳି ଅବସ୍ଥାରେ ଦେଖି ନିର୍ବାକ । ସେଇ ଗହଳି ମଧ୍ୟରେ ବି କିଛି ଏମିତି କଥା କାନରେ ପଡୁଥିଲା–

– 'ହେଇଟି ଆଇଲା ଅଲାଜୁକୀ, ଛତରଖାଇ, ସୁନାଭଳି ବାପଟାକୁ ମାରିଦେଲା ।'

– 'ସହର ଯାଇଥିଲା, ସହର ଇଜ୍ଜତ ବିକି ଆଇଲା ।'

– 'ଛି... ଛି... କି ପାପ କରିଥିଲା କେଜାଣି ରବି, ଏମିତି ଝିଅକୁ ଜନ୍ମ ଦେଲା ।'

– 'ଖବର ଜାଣି ମରିଗଲାନି କାଇଁ, ବାପ ମୁହଁ ଦେଖି ଆଇଛି । ଡାହାଣୀଖାଇ....'

ଏଇ ସବୁ ଶୁଣି ଜୀବନ ଥାଇ ବି ମୃତ ସମ ଅନୁଭବ କରୁଥିଲା ନିଜକୁ । ଲୋକ ଲଜ୍ଜାରେ ଭାଙ୍ଗି ପଡ଼ିଲା । ଶେଷରେ ହାର ମାନିଯିବା ପରେ ବି ଅନ୍ୱେଷ ଏଭଳି କରିବ ଜାଣି ନଥିଲା । ବୋଧେ ସହରରେ ପ୍ରାୟ ଏମିତି । ଆଉ କାହା ପାଇଁ ବଂଚିବ । ଯଦି ବଂଚିବ ଏ ସମାଜ ତାକୁ ସମ୍ମାନର ସହ ବଂଚିବାକୁ ଦେବନି । ଗୋଟିଏ ଭୁଲ୍ ପାଇଁ ଜୀବନ ତମାମ ଶାସ୍ତି ଭୋଗିବାକୁ ପଡ଼ିବ । ଆତ୍ମାକୁ ନୁହଁ, ଶରୀରକୁ ମାପ କାଠି କରି ବିଚାର କରେ ଏ ଦୁନିଆ । ନା ଏମିତିକା ଜୀବନ ତାର ବଂଚିବାର ନାଇ । ଜୀବନର ଏକମାତ୍ର ସାହାରା ବୋଲି କେବଳ ନନା ମାତ୍ର ଥିଲେ । ସେ ବି ଚାଲିଗଲେ । ନିଷ୍ପତ୍ତି ନେଲା ଭିଡ଼ିଓ ଭାଇରାଲ ହେବା ପୂର୍ବରୁ ନିଜେ ଏ ଦୁନିଆରୁ ସବୁଦିନ ପାଇଁ ନିଶ୍ଚିହ୍ନ ହୋଇଯିବ ।

ସନ୍ଧ୍ୟାବେଳ । ଗାଆଁ ମଶାଣି ଭୂଇଁ ରେ ପାଖାପାଖି ଜଳୁଥିଲା ଦୁଇଟି ଚିତା । ଗୋଟିଏ ପାର୍ଶ୍ୱରେ ବଂଶ ମର୍ଯ୍ୟାଦା ହରାଇ ବାପା, ଆରପାର୍ଶ୍ୱରେ ନୂତନତାର ବୁଢ଼ିଆଣୀ ଜାଲରେ ଛନ୍ଦି, ପ୍ରତାରଣାକୁ ପ୍ରତିହତ କରି ପାରି ନ ପାରି ପରାସ୍ତ ହୋଇଥିବା କଳ୍ପନା । ଶେଷରେ ଜଳିବାର ପ୍ରୟାସ ରେ ଜାଳୁଥିଲା ତା ସ୍ୱପ୍ନକୁ, ତା' ଇଜ୍ଜତକୁ । ଶାନ୍ତ ହେଲା । ମୁଠାଏ ପାଉଁଶରେ ସୀମିତ ରହିଲା ସବୁ କିଛି ।

କଲ୍ୟାଣସିଂହପୁର, ରାୟଗଡ଼ା

# ଅସୁମାରୀ ଆଶା

- ସୁଧାଂଶୁ ଶେଖର ଦ୍ୱିବେଦୀ

ଶାଢ଼ି ଅକ୍ଷର ଦୁଇଟିର ସମଷ୍ଟି । କିନ୍ତୁ ଲମ୍ୱିଥାଏ ଆଠରୁ ନଅ ମିଟରଯାଏ... । ଆଉ ପ୍ରତିଷ୍ଠିତ ହୋଇଥାଏ ବିଭିନ୍ନ ବର୍ଣ୍ଣରେ ବର୍ଣ୍ଣାୟିତ ହୋଇଥିବା ସୂତାଗୁଚ୍ଛରେ । ପରିସ୍ଫୁଟ ହୋଇଥାଏ ଅନେକ ନାମରେ । ଯେଉଁଥିରେ ଲୁଚି ରହେ ହିନ୍ଦୁ ନାରୀର ସର୍ବାଙ୍ଗ ଶରୀର । ଢାଙ୍କିଥାଏ ତା'ର ମର୍ଯ୍ୟାଦା ବିନା ପରିଚୟରେ ବାରି ହେଉଥାଏ ତାର ଶାଳୀନତା । ନାରୀ ଜାତିକୁ ଆପଣେଇ ନେବାର କୌଶଳ ହାସଲ କରିଛି ଯେମିତି... ।

ଏମିତିକି ଶୈଶବର ମାତ୍ର ତିନି ଚାରି ବର୍ଷ ହୋଇଥିବା ସୁକୁମାରୀ ଝିଅଟିକୁ ମଧ୍ୟ ଆବୋରିନିଏ ଏଇ ଶାଢ଼ି । ନଡ଼ିଆ ସଢ଼େଇରେ ମିଛି ମିଛିକା ବାଲିରେ ପ୍ରସ୍ତୁତ ଭାତ, ତେନ୍ତୁଳି ପତ୍ରର ଶାଗ, ଗେଟି-ଗୋଡ଼ିର ତରକାରୀ ରାନ୍ଧୁଥିବା ବେଳେ ଗୋଡ଼େଇ ହୋଇଥାଏ ଶାଢ଼ିଟିଏ ନିଛକ ଭାରତୀୟ ନବବଧୂଟିଏ ପରି ।

ଶାଢ଼ି ପାଇଁ ଆଶାର ଜୀବନ ଯେ ପରିବର୍ତ୍ତନଶୀଳ ହୋଇଯିବ ସେକଥା କିଏ ଜାଣିଥିଲା ? ବେତବୁଣା ଆରାମ ଚୌକି ଉପରେ ସର୍ବାଙ୍ଗ ଶରୀରକୁ ଲୋଟେଇ ନିଷ୍କଳକ ଭାବରେ ଆକାଶକୁ ଚାହିଁଥାଏ ସେ । ଆକଶରେ କେବଳ ଶୂନ୍ୟତା ରାଜୁତି କରେ । ସେ ଖୁବ୍ ଥକି ପଡ଼ିଥିଲା ବୋଧେ ! ବିଗତ ଓ ଆଜିର ଜୀବନକୁ ତୁଳନା କରୁ କରୁ ଆଖି ଦୁଇଟି ତାର କେତେବେଳେ ଶ୍ରାବଣର ଅମାନିଆ ବର୍ଷାର ଧାରା ପରି ବର୍ଷି ଯାଉଥିଲା । ଘର ଭିତରେ କୁନିଝିଅର ବାପା କଥା ଓ ସ୍ୱାମୀଙ୍କର ସଙ୍କେତକୁ ଯେମିତି ଅବଜ୍ଞା କରି ଚାଲିଛି । କିନ୍ତୁ ସେ ଅନୁମାନ କରିପାରୁଛି ତା ଉଦାସୀ ଭାବ ସେମାନଙ୍କୁ ମଧ୍ୟ ଭାଷଣ ଆଘାତ ଦେଉଛି । ତଥାପି ସେ ସେମିତି ବସିଛି । ଯେମିତି ପୃଥିବୀ ଓ ଆକାଶ ଗୋଟିଏ ନିର୍ଦ୍ଦିଷ୍ଟ ବିନ୍ଦୁରେ ଅଟକି ଯାଇଛନ୍ତି । ଜଡ଼ ପାଲଟି ଯାଉଛି ସବୁକିଛି ।

ସେଇ ଜଡ଼ତାକୁ ଭେଦ କରି ଆକାଶରେ ମିଞ୍ଜି ମିଞ୍ଜି କରୁଛି ଟିକି ତାରାଟି । ମାଆ ତାକୁ କହିଥିଲା ସେଇଟା ହେଉଛି ତା ଆଇ । ଯେଉଁଦିନ ସେ ତା ଆଇକୁ ଦେଖିନପାରି ଖୁବ୍ ଜୋରରେ କାନ୍ଦି କାନ୍ଦି ତଳେ ଗଡ଼ିଯାଇଥିଲା, ସେଦିନ ମାଆ ତାକୁ ତଳୁ ଉଠେଇ ଆକାଶରେ ଥିବା ଛୋଟ ତାରାଟି ଆଡ଼କୁ ଆଙ୍ଗୁଳି ଦେଖେଇ କହିଥିଲେ, "ଏଇ ଦେଖ... ହା... ଏ ସେଇଟା ତୋ ଆଇ । ତୋ ଆଇ ଆକାଶକୁ ଚାଲି ଯାଇଛି । ତୋର ଆଇ କଥା ମନେ ପଡ଼ିଲେ ତାକୁ ଡାକିବୁ ସେ ଆସିବ ।"

ଏଇତକ କହୁ କହୁ ମାଆ ଆଖିରୁ ଦୁଇଟୋପା ଲୁହ ତଳକୁ ଖସିପଡ଼ିଲା । ସେଦିନ ମା' ଆଖିରେ ଲୁହ ଦେଖି ଚୁପ୍ ହୋଇଯାଇଥିଲା ଆଶା । ମନେ ମନେ ଶପଥ କରିଥିଲା ଆଉ କେବେ ଆଇକୁ ଖୋଜିବନି । ଯେଉଁଥିପାଇଁ ମା' ଆଖିରୁ ଲୁହ ଝରିବ ।

ଆଶାର ଜନ୍ମପୂର୍ବରୁ ଆଉ ଦୁଇଟି କନ୍ୟା ସନ୍ତାନ ତା ମା'ର କୋଳମଣ୍ଡଳ କରି ସାରିଥିଲେ । ତାପରେ ଆସୁଥିବା ସନ୍ତାନଟି ପୁଅଟିଏ ହେଉ ବୋଲି ଭଗବାନଙ୍କୁ ପ୍ରାର୍ଥନା କରି ଅସୁମାରୀ ଆଶାରେ ଚାହିଁ ରହିଥିଲେ ସଭିଏଁ । କିନ୍ତୁ ସମସ୍ତଙ୍କ ଆଶାକୁ ନିରାଶ କରି ଜନ୍ମ ହୋଇଥିଲା ଆଶା । ତା କୁଆଁ କୁଆଁ ରାବରେ ଏକମୁହାଁ ହୋଇ ଦୌଡ଼ିଥିବା ଆଇ ଏନ୍ତୁଡ଼ିଶାଳରୁ ଶୁଖିଲା ମୁହଁରେ ଫେରି ଆସି କହୁଥିଲା, 'ହେ କୃପାମୟ ସବୁ ତୁମରି ଇଚ୍ଛା ।' ହଠାତ୍ ଗୋଟେ ଶୀତଳ ଝଡ଼ ସୃଷ୍ଟି ହୋଇଥିଲା ସେଇ ପରିସ୍ଥିତିରେ । କିଛିକ୍ଷଣ ପରେ ସବୁ ଶୁନ୍‌ଶାନ୍ । ବୋଧେ ଏଇଥିପାଇଁ ଯାହା ହୁଏ ସବୁ ଭଗବାନଙ୍କ ଇଚ୍ଛାରେ ହୁଏ ।

ନିଜ ଘର ଚତୁଃପାର୍ଶ୍ୱର ସ୍ନେହ-ମମତା ଅପେକ୍ଷା ମାମୁଘର ଓ ଆଇର ସ୍ନେହକୁ ମନେ ପକେଇ ରାତିଅଧରେ ବିହ୍ୱଳିତ ହୁଏ ଆଶା । ସେ ସ୍ନେହରେ ଥାଏ ଅକପଟ । ବର୍ଷରେ ତିନି-ଚାରିଥର ମାମୁଘରକୁ ଯାଆନ୍ତି ଆଶା, ତା ମାଆ ଓ ବଡ଼ ଦୁଇଭଉଣୀ ଦୁଇଜଣ । ମାମୁଘର ଗାଁ ଯେତେ ପାଖେଇ ଆସେ ଏକ ନୂଆ ପୁଲକରେ ପୁଲକିତ ହୋଇଉଠେ ତା ମନ । ପାଦ ଦୁଇଟି ତାର ତଳେ ଲାଗେନି । ଆଇ ତରବରରେ ସବୁ କାମ ସାରି ନିର୍ଦ୍ଦିଷ୍ଟ ସମୟରେ ଗାଁମୁଣ୍ଡ ଝଙ୍କାଳିଆ ବରଗଛ ମୂଳେ ଠିଆ ହୋଇଥାଏ ସେମାନଙ୍କୁ ପାଛୋଟି ନେବାକୁ ।

ଗୋରା ତକ ତକ ଚେହେରା । କଳା ଭଉଁରୀ ପରି କେଶ । ଆଉ ଦେହରେ ଗୋଡ଼େଇ ହୋଇଥାଏ ବାରହାତ ଲମ୍ୱର ଧଳାଶାଢ଼ି । ଆଇକୁ ଯେତେବେଳେ ପଚିଶବର୍ଷ ଅଜା ତାକୁ ଏକା କରି ଚାଲିଯାଇଥିଲେ ଆରପୁରକୁ । କିନ୍ତୁ ତାକୁ ଦେଖିଲେ ଲାଗେନି ସେ ଅଭାଗିନୀ । ସବୁବେଳେ ହସୁଥାଏ । ବୋଧହୁଏ ଏଇ କୁନି-କୁନି ନାତୁଣୀମାନଙ୍କ ମଧ୍ୟରେ ସେ ଫେରିଯାଇଛି ତା ହଜିଯାଇଥିବା ସଂସାରକୁ !

ଆଶା ତା ମାଆ ଓ ଦୁଇଭଉଣୀ ମାମୁଘରକୁ ଯିବେ ବୋଲି କେତେକଣ ରାନ୍ଧିଥାଏ ଆଇ । ଲେଉଟିଆ ଶାଗ ଖରଡ଼ା, ବଡ଼ି ଆଳୁ ଚଟଣି, ଘିଅ ଛୁଙ୍କ ଦିଆ ମୁଗ ଡାଲି, ଚିଙ୍ଗୁଡ଼ି ମାଛ ଖଟା ଆଉ ଅନେକ ପ୍ରକାର ପଠୁଆର ସମାହାର ସଜା ହୋଇଥାଏ ଥାଳି ଚାରିପାଖରେ ।

ଆଶାକୁ ସବୁଠୁ ବେଶୀ ମନମୁଗ୍ଧକର ଲାଗେ ଆଇର ସଂଧ୍ୟା ଆଳତି । ଅନ୍ଧାର ଘୋଟି ଆସିବା ପୂର୍ବରୁ ଆଇ ଠାକୁରଘରେ ପଶିଯାଏ । ନିଜେ ଧୂଆଁଳୁଗା ପିନ୍ଧେ ଓ ପିନ୍ଧାଇ ଦିଏ ନାତୁଣୀମାନଙ୍କୁ । ଠାକୁରଘରେ ଦୀପଜାଳେ । ଧୂପ, ଝୁଣା, ଶଂଖଧ୍ୱନିରେ ଆଳତି ହୁଏ । ଅଧ୍ୟାୟେ ଭାଗବତ ପଢ଼େ ଓ ତାପରେ ଠାକୁରଙ୍କ ଆଗରେ ଆଣ୍ଠୁମାଡ଼ି ବସି ରହି କଣ ସବୁ ଗୁଣୁଗୁଣୁ ହୋଇ କହେ । ନାତୁଣୀମାନେ ତାହାରି ନକଲ କରୁଥିଲେ ମଧ୍ୟ ତା ମନର କଥା କେହି ବୁଝି ପାରନ୍ତିନି ।

ଆଶାର ବଡ଼ଅଜା ଗାଁରୁ ଫେରିଆସି ଠାକୁର ପହଡ଼ ସାରିଦିଅନ୍ତି । ସକାଳୁ ଯାଆନ୍ତି ଯେ ଲେଉଟନ୍ତି ସଂଧ୍ୟାରେ । ସାଙ୍ଗରେ ଆଣିଥାନ୍ତି ଅନେକ ପ୍ରକାର ଭୋଗ, ଚାଉଳ, ଗାମୁଛା ଓ ପରିବା ଇତ୍ୟାଦି । କେବଳ ରାତି କେତେ ସମୟ ଛାଡ଼ିଦେଲେ ତାଙ୍କର ଭଗବାନଙ୍କ ସେବାରେ ଦିନ କଟେ ।

ଅଜା ଆଣିଥିବା ଦରବକୁ ଆଇ ନାତୁଣୀମାନଙ୍କୁ ଖୋଇଦିଏ । ପୁଣି ରାତିରେ ଶୋଇବା ବେଳେ କେତେ କେତେ ଅସୁର, ଅସୁରୁଣୀ, ରାଜାପୁଅ, ମନ୍ତ୍ରୀପୁଅ, ହାତୀ, ଘୋଡ଼ା, ବାଘମାମୁର କାହାଣୀ କହି ଶୁଆଇଦିଏ ।

ସେଦିନ ଯେତେ ପ୍ରକାର କାହାଣୀ କହିଲେ ବି ଆଶାର ଆଖିକୁ ଆଦୌ ନିଦ ଆସୁନଥାଏ । ଅନ୍ୟମାନେ ଶୋଇପଡ଼ିଥିଲେ ମଧ୍ୟ ସେ ଆଇକୁ କିଛି କହିବା ପାଇଁ ଭାବୁଥାଏ । ଆଇ ତା ମନ କଥାକୁ ଯେମିତି ଜାଣିଥିଲା । ସେ ବି ଆଶା ଭଳି ଚେଇଁ ରହି ତା କଥାକୁ ଶୁଣିବାକୁ ଆତୁର ହେଉଥାଏ । ଆଶା ଥଙ୍ଗଥଙ୍ଗ ହୋଇ ଦରୋଟି ଓଠରେ କହିଲା, 'ଆଇଲୋ ! ମତେ ଗୋଟେ ଶାଳି ଦଲକାଲ । ଅଜା ଗାଁରୁ ଯେଉଁ ନାଲି ଧଳି ପକା ହଳଦିଆ ଶାଳି

ଆଣିଛନ୍ତି ମୁଁ ସେଇ ଶାଲି ପିନ୍ଧି ଭାତ ତଳକାଲି ରାନ୍ଧିବି ।'

ଆଈ ଆଶାକୁ ସ୍ନେହ ପରଶରେ ଛାତିରେ ଜାକି ଧରି କପାଳରେ ସରୁ ଚୁମାଟିଏ ଦେଇ କହିଲା 'ଏଇ କଥା! ରହ ଦୁର୍ଗାପୂଜାରୁ ବଡ଼ ଅଜା କେତେ ହଳଦିଆ ଶାଢ଼ି ଆଣିବେ । ଗୋଟେ କାହିଁକି ତୋର ଯେତେଟା ଦରକାର ନେଇଯିବୁ ।'

ସତରେ ଦୁର୍ଗାପୂଜାରୁ ଗଦାଗଦା ହଳଦିଆ ଶାଢ଼ି ଆଣିଥିଲେ ବଡ଼ ଅଜା । ଭୋଗ-ଚାଉଳ-ପରିବା-ମିଠା କେତେ କଣ ଆଣିଥିଲେ । ସେସବୁର ବାସ୍ନା ମହକି ଉଠୁଥିଲା ଘରସାରା । ସବୁ ମନଲୋଭା ପଦାର୍ଥକୁ ହାତ ପାହାନ୍ତାରେ ପାଇ ମଧ୍ୟ ଗୁମ୍ ହୋଇ ଗୋଟିଏ ଜାଗାରେ ବସିଥିଲା ଆଶା । ଯେମିତି ଆଜି କିଛି ପାଇବା ଆଶାରେ ଅନେକ କିଛି ହରେଇଛି ସେ ।

ସେଦିନ ସଭିଙ୍କୁ କୁହୁକମନ୍ତ୍ର ପଢ଼ାଇ, ସବୁ ଗହଳ-ଚହଳକୁ ନିଃଶବ୍ଦ ନିରବ କରି ଆକାଶର ତାରା ହୋଇଯାଇଥିଲା ତା ଆଈ । ସଭିଏଁ ଛାତିଫଟା କାନ୍ଦ କାନ୍ଦୁଥିବାବେଳେ ଆଶା ଏକ ଲୟରେ ଚାହିଁ ରହିଥିଲା ଆକାଶକୁ । ବୋଧେ ଏଇଆ ଭାବୁଥିଲା, 'ଆଈଲୋ ମନରେ ସାଇତି ରଖିଥିବା ଆଶାର ଆଶାକୁ ଅଧାରଖି ତୁ ଏତେ ଦୂର ଯାଇପାରିଲୁ କେମିତି ?'

ବସିବା ସ୍ଥାନରୁ ଆପେ ଆପେ ଠିଆ ହୋଇଥିଲା ସେ । ହୁଏତ ଏକ ଦିଗଦର୍ଶନର ସଂକେତରେ ଜୀବନର ମୋଡ଼ ବଦଳାଇ ଅନେକ ଆଗକୁ ଚାଲିବାକୁ ପଡ଼ିବ ତାକୁ । ଯେତେ ବୁଝେଇଲେବି ଅଖିଆ ଅପିଆ ଶୋଇପଡ଼ିଥିଲା ସେ । ସିନ୍ଦୁରା ଫାଟି ପୂର୍ବ ଆକାଶ ଲାଲ ଦିଶୁଥାଏ । ଧଡ଼ପଡ଼୍ ଉଠିବସିଲା ସେ । ମା'କୁ ବାଧ୍ୟ କରିଥିଲା ଘରକୁ ପଳେଇ ଆସିବା ପାଇଁ ।

ଘରକୁ ଫେରିବାର ପ୍ରସ୍ତୁତିରେ କାହିଁକି କେଜାଣି ସେଇ ହଳଦିଆ ଶାଢ଼ି ନିକଟରେ ଅଟକି ଯାଇଥିଲା ଆଶା । ଲୁହ ଦି'ଟୋପା ଗଡ଼ିପଡ଼ିଲା ତା ଆଖିରୁ । ବଡ଼ ଅଜା କହିଲେ, 'ମାଆରେ ନେଇଯା, ଶାଢ଼ି ନେବୁପରା!... ଝରି ଆସୁଥିବା ଲୁହକୁ ପୋଛୁ ପୋଛୁ ସେ କହିଲା 'ନାଇଁ ଅଜା ମୁଁ ଆଉ ଏ ହଳଦିଆ ଶାଲି ପିନ୍ଧିବିନି । ତମେ କଣ ଜାଣିନ ଆଈ ପଳା ଆକାଛକୁ ଯିବା ବେଳେ ମୋ ହଳଦିଆ ଶାଲି ନେଇଯାଇଛି ।'

ତାପରେ କାନ୍ଧରେ ପ୍ଲାଷ୍ଟିକ୍ ବ୍ୟାଗ୍ ଓ ବରଡ଼ାପତ୍ରରେ ତିଆରି ପଟିଆ ଧରି ଗାଁ ମୁଣ୍ଡର ସ୍କୁଲ ଭିତରେ କଟିଗଲା ପାଂଚବର୍ଷ । ସ୍କୁଲଟି ଛୋଟ ଥିଲେ ବି ପ୍ରଥମ ଜୀବନର ସ୍ୱାଦ ଚାଖିଥିଲା ଆଶା । ବେଣୁ ସାରଙ୍କ ସାହିତ୍ୟ, ବାଇଧର ସାରଙ୍କ ଗଣିତ ଓ ଭୀମସାରଙ୍କ ଇଂରାଜୀ ତା ଛାତ୍ରଜୀବନର ଶିକ୍ଷିତ ହେବାର ରାସ୍ତା ଦେଖାଇଥିଲା । କିନ୍ତୁ ଉଚ୍ଚଶିକ୍ଷା ପାଇଁ ନିଜ ଗାଁଠାରୁ ଅନ୍ୟ ଏକ ଗାଁକୁ ଅଙ୍କାବଙ୍କା ବିଲ କିଆରି ଦେଇ ଯିବାକୁ ପଡୁଥିଲା ତାକୁ । ସେହି ଗାଁରେ ଥିଲା ସବୁପ୍ରକାର ସୁବ୍ୟବସ୍ଥା । ଘର ପରିବାରଙ୍କ ଅନିଚ୍ଛା ସତ୍ୱେ ନିଜର ଅକ୍ଳାନ୍ତ ପରିଶ୍ରମରେ ସେଇଠି ସେ ଉଚ୍ଚ ଡିଗ୍ରୀ ହାସଲ କରିବା ପାଇଁ ଆଗକୁ ଗୋଡ଼ କାଢ଼ିଲା ।

ସମ୍ଭବତଃ ଜଣେ ଓଡ଼ିଆ ଘରର ଝିଅ ଭଳି ଶାଢ଼ୀ ପିନ୍ଧିବା ଶିଖିଯାଇଥିଲା ଆଶା । ପ୍ରତିଦିନ ସହପାଠିନୀମାନେ ବିଭିନ୍ନ ପ୍ରକାର ଡ୍ରେସ୍ ପିନ୍ଧି କଲେଜ ଆସୁଥିବା ବେଳେ ଆଶା କେବଳ ଶାଢ଼ିରେ ନିଜକୁ ସଜେଇଛି ।

ସବୁଜ ରଙ୍ଗର ଶାଢ଼ି ସାଙ୍ଗକୁ ସୁନେଲି କିରଣର ଧଡ଼ି ବେଶ୍ ମାନୁଥିଲା ତାକୁ । ନିଜ ଆଖିର ଭାଷାରେ ନିଜ ରୂପକୁ ପଢ଼ୁ ପଢ଼ୁ ଆଗକୁ ବଢୁଥିଲା ସେ । ଶବ୍ଦର ଆଘାତରେ ହଠାତ୍ ଅଟକିଗଲା ତାର ଚଳଚଂଚଳ ପାଦ ଦୁଇଟି । ଯେମିତି କାହାର ଶକ୍ତ ଚାପରେ ଚାପି ହୋଇଯାଉଛି ସେ । ଭାଙ୍ଗି ଚୁରମାର ହୋଇଯାଉଛି ତାର ସବୁ ସ୍ୱପ୍ନ । ବନ୍ଦ ହୋଇଯାଉଛି ଶ୍ୱାସକ୍ରିୟା । ସେ ଠିକ୍ ଅନୁମାନ କରିପାରିଥିଲା ସେପରି ଅଶ୍ଳୀଳ ଶବ୍ଦକୁ । ସେଇ ଶବ୍ଦର ଆଘାତରେ ଅଜାଣତରେ ଦୁଇଟୋପା ଗରମ ଲୁହ ଝରି ପଡ଼ିଲା ତା ଆଖିରୁ । ସଙ୍ଗେ ସଙ୍ଗେ କଳା ମେଘଖଣ୍ଡ ଢାଙ୍କିଦେଲା ସୂର୍ଯ୍ୟଙ୍କୁ । ତା ଭିତରେ ପୁଣିଥରେ ଲୁଚିଗଲା ଆଶାର ଅସୁମାରି ଆଶା । ଦିବାଲୋକରେ ଆଈର ଅସ୍ତିତ୍ୱକୁ ଅନୁଭବ କଲା ସେ । ହାତଯୋଡ଼ି ଉପରକୁ ଚାହିଁ ପ୍ରଣାମ ଜଣେଇଲା । ପ୍ରତିଟି ଇଶାରାରେ ଆହୁରି ଆଗକୁ ଯିବାର ସଂକେତ ଦେଇ ଆଈ ପୁଣି ଲୁଚିଗଲା ସେଇ ମେଘଖଣ୍ଡ ଭିତରେ ।

ଝରିପଡୁଥିବା ଲୁହକୁ ପୋଛି ପକେଇଲା ଆଶା । ମେଘଖଣ୍ଡର ବୁକୁଚିରି ଆସୁଥିବା ସୂର୍ଯ୍ୟ କିରଣରେ ମୁହଁ ତାର ଝଲସି ଉଠିଲା । ଆଗକୁ ଆଗେଇଲା ଜୀବନର ଅନ୍ୟ ଏକ ମୋଡ଼ ନେଇ । ଯେମିତି ସେ ହିଁ ମାପିବ ତା ଜୀବନର ପରିସୀମା । ସଂଧ୍ୟାରେ ଘରକୁ ଫେରି ଦେଖେତ ଆଲମାରିରେ ଏକ ମସ୍ତବଡ଼ ତାଲା ଝୁଲିଛି । ସେ ବୁଝିପାରୁନଥିଲା ତାର ଭୁଲ ରହିଲା କୋଉଠି ? ନିଜକୁ ନିଜ ଗୋଡ଼ରେ ଠିଆ କରେଇବାର ସାମର୍ଥ୍ୟରେ ନା ଶିକ୍ଷା ଅର୍ଜନ କରି ଶିକ୍ଷିତା ହେବାରେ ?

ଆଶା ଆଜି ଶିକ୍ଷିତା ହୋଇଛି । ସ୍ୱଉପାର୍ଜନ କରିପାରୁଛି । ବହୁଦିନରୁ ସାଇତି ରଖିଥିବା ଆଈର ଇଶାରାକୁ ଅନେକାଂଶରେ ପୂରଣ କରିପାରିଛି । ତଥାପି କାହିଁକି ଆଜି ସେଇ ମିଟି ମିଟି କରୁଥିବା ଉଜ୍ଜ୍ୱଳ ନକ୍ଷତ୍ରଟିକୁ ଚାହିଁ ରହିଛି ଏକ ଅଭିମାନ ଆଖିରେ । ପଚାରି ଚାଲିଛି ଅନେକ ପ୍ରଶ୍ନ- 'ଆଈ ଲୋ ! ସତରେ କଣ ତୁ ସେଦିନ ବାହୁଡ଼ି ଯାଇଥିଲୁ ଏଇଥିପାଇଁ? ମୁଁ କେବଳ ମୋ ଜୀବନ ସାରା ତୋ ଅସ୍ତିତ୍ୱକୁ ଅଣ୍ଡାଳୁଥିବି ? ଆଉ ପାଇବି ଖାଲି ମୁଠାଏ ମୁଠାଏ ଛଳନା, ପ୍ରତାରଣା ଓ ଯନ୍ତ୍ରଣା ?'

ଆଈଲୋ ! ମୁଁ ବୁଝିପାରୁନି ନିଜର ମଣିଷମାନେ କଣ ପାଇଁ ଏମିତି ବେଳେବେଳେ ନିଷ୍ଠୁର ହୋଇଯାନ୍ତି ? ଯାହାଙ୍କ ପାଖରେ ଖୋଲିହୁଏ ଅକୁହା ପେଡ଼ି! ପଢ଼େଇହୁଏ ହୃଦୟର ପ୍ରତିଟି ଅକୁହା ପୃଷ୍ଠାକୁ! ଶୁଣ! ଆଜି ମଧ୍ୟ ମୁଁ ହରେଇଛି ମୋର ପ୍ରିୟ ଶାଢ଼ିକୁ । ଯେଉଁଟିକୁ ମୁଁ ସାବିତ୍ରୀ ବ୍ରତରେ ପିନ୍ଧିଥିଲି । ଖୁବ୍ ମାନୁଥିଲା ଗାଢ଼ ଲାଲ ଶାଢ଼ିରେ ନୀଳ ଧଡ଼ି । ଭାବିଥିଲି ତାକୁ ସାଇତି ରଖିବି ସବୁଦିନ । ସେଇଟା ଥିଲା ମୋ ନିଜସ୍ୱ । ହେଲେ ଆଲମାରି ଖୋଲି ଖୋଜି ଖୋଜି ଥକି ଗଲେବି ସେଇଟା ଆଉ ମିଳିନଥିଲା ।'

'ଏମିତି ଅସ୍ତବ୍ୟସ୍ତ ଭାବରେ ତୁମେ ଯାହା ଖୋଜୁଛ ତାହା ସେଠାରେ ନାହିଁ । ତାକୁ ଆମଘରେ କାମ କରୁଥିବା ସୁନ୍ଦରାର ସ୍ତ୍ରୀକୁ ମୁଁ ଦେଇ ଦେଇଛି ।' ପଛରୁ ଶୁଣୁଥିବା ଶବ୍ଦରେ ନିର୍ବାକ୍ ହୋଇଯାଇଥିଲା ଆଶା ।

ଦିନେ ହଳଦିଆ ଶାଢ଼ିରେ ନିଜକୁ ଖୋଜି ଖୋଜି କୈଶରର ସନ୍ଧାନ ପାଇଥିଲା ଆଶା । ଅନ୍ୟର ଆଖିରେ ନିଜକୁ ଦେଖିବାପାଇଁ ବାଛି ନେଇଥିଲା ସବୁଜ ଶାଢ଼ି । ଯେଉଁଥିରେ ହରାଇଥିଲା ଆତ୍ମୀୟତା । ଆଉ ଲାଲ ଶାଢ଼ିରେ ବାନ୍ଧିଥିଲା ଜୀବନ-ଜଂଜାଳର ସୂତାଖିଅ । ସେ ବି ଅସଜଡ଼ା ହୋଇଗଲା ।

ଆଶାର ଆଶା କେବେ ପୂରଣ ହୁଏନି । ସେ ପରା ବୈତରଣୀ । ଆଗକୁ ଆଗାଏ ତ୍ରିବେଣୀରେ ମିଶିବା ପାଇଁ । ହୋଇଯାଏ ମହାସାଗର । ଫେନିଳ ତରଙ୍ଗ ମାଳାରେ ମିଳେ ତାକୁ ସଗୁଣ ନିରାକାର ।

ବିସି-୭୪,ସେକ୍ଟର-୧, ସଲଟ୍‌ଲେକ୍, କଲିକତା-୬୪

## ବିଲ୍ୱପତ୍ର

- ସଂଘମିତ୍ରା କବି

ଏକଦିନ ପାଇଁ ଜନ୍ମ ତାହାର
ଏକ ଦିନ ପାଇଁ କର୍ମ ଯେ ତା'ର
ଏକଦିନେ କରେ ସେ ଯେତେ ପୁଣ୍ୟ
ତା ଆଗେ ସଭିଏଁ ଲାଗନ୍ତି ନ୍ୟୁନ
ପାଦ ନାହିଁ ତା'ର ନାହିଁ ତା' କର
ତଥାପି ଛୁଏଁ ସେ ମହେଶ ଶିର
ଚକ୍ଷୁ ନାହିଁ ତା'ର ନାହିଁ ତା' କର୍ଣ୍ଣ
ତଥାପି ଶୁଣେ ସେ ଶିବ ଭଜନ
ନାସା ନାହିଁ ତା'ର ନାହିଁ ତା ପାଟି
ଜାଣେନି ସେ କେତେ ପୁଣ୍ୟ କରେଟି
କରିବାକୁ ଭୋଳା ବାବାଙ୍କ ପୂଜା
ପ୍ରତିଦିନ ପଡ଼େ ତାହାରି ଖୋଜା
ଚଢ଼େଇଲେ ତାକୁ ଶଙ୍କର ଶିରେ
ପ୍ରଶନେ ଶଙ୍କର ଦିଅନ୍ତି ବରେ
ଅତି ପ୍ରିୟ ସିଏ ମହେଶ୍ୱରଙ୍କର
ବେଲପତ୍ର ଅଟେ ନାମଟି ତା'ର ।

କଟିକଟା, ଦଶରଥପୁର, ଯାଜପୁର ।

## ପରିବାର

- ରୀକ୍ଷିରାମ ମେହେର

ପ-ପରସ୍ପର ମଧ୍ୟେ ସ୍ନେହ ଶ୍ରଦ୍ଧା ପ୍ରୀତି
ଭାବ ବନ୍ଧନରେ ବାନ୍ଧି,
ବଡ଼କୁ ସମ୍ମାନ ଛୋଟକୁ ଆଦର
ରହନ୍ତି ସମସ୍ତେ ଛନ୍ଦି ।
ରି- ରକ୍ତର ସମ୍ପର୍କ ଏକାଠି ରୁହନ୍ତି
ମା ବାପା ଭାଇ ଭଉଣୀ,
ଜେଜେ ମାଆ ସାଥେ ଜେଜେ ବାପା
ପୁଣି ତାଙ୍କର କାହାଣୀ ।
ବା-ବାଦ ବିବାଦ କରେନାହିଁ ବିଛେଦ
ହେଲେ ବି ଯାଆନ୍ତି ମିଶି
ଜଣେ ରୁଷିଗଲେ ଆଉ ଜଣେ ଆସି
ଭରି ଦେଇ ଥାଏ ଖୁସି ।
ର- ରହିବା ଖାଇବା ଏକତ୍ର ଜାଗାରେ
ଜୀବନ ଯାପନ ଗୃହେ
ଗୋଟିଏ ଛାତ ତଳେ ଗଢ଼ା ସମ୍ପର୍କ
ଜନ ମାନସକୁ ମୋହେ ।
ସୁସଂସ୍କାର ପୁରି ରହିଥାଏ ଏଠି
ସରଗ ସମାନ ବହି
ପରିବାର ବୋଲି ଏହାକୁ କହନ୍ତି
ପରିଚୟ ଅଟେ ଏହି ।

ସାନପୋଡ଼ାଗୁଡ଼ା, କଳାହାଣ୍ଡି ।

## ଆମେ ତ ଗାନ୍ଧୀଙ୍କ ମୋତି

- କାମାକ୍ଷା ପ୍ରସାଦ ବେହେରା

ନାନା ଭାଷା ଭାଷୀ ମୋ ଭାରତ ବାସୀ
ଗାଆନ୍ତି ଜାତୀୟ ଗୀତି
ସାଧନା ବଳରେ ବିଶ୍ୱେ ଉଡ଼ାଇଲେ
ତ୍ରିରଙ୍ଗା ଅକ୍ଷୟ କୀର୍ତ୍ତି ।
ହିମାଳୟ ଲଦାଖ ମରୁ ରାଜସ୍ଥାନ
ଆସାମରେ ବର୍ଷା ଅତି
ଆରବ ବଙ୍ଗୋପ ଲୁଣି ସାଗରର
କେତେ ରାଜ୍ୟ ପାଶ୍ୱବର୍ତ୍ତୀ ।
ହିମାଳୟ ଆମ ମାଆର ମୁକୁଟ
ଗଙ୍ଗା ଗୋଦାବରୀ ଖ୍ୟାତି
ଦ୍ୱାରିକା ଅଯୋଦ୍ଧ୍ୟା କାଶି ବୃନ୍ଦାବନ
ଶ୍ରୀକ୍ଷେତ୍ରେ ପରମ ମୂର୍ତ୍ତି ।
ହିନ୍ଦୁ ମୁସଲମାନ ସିଖ୍ ଖ୍ରୀଷ୍ଟିଆନ
ଭାବରୁ ବଢ଼ିଛି ଶାନ୍ତି
ଗୀତା ବାଇବେଲ କୋରାନ୍ ପାଠରୁ
ଆଧାତ୍ମିକ ଯାଏ ଚେତି ।
ବିଜ୍ଞାନ ବିଦୁଷ କଳା କାରିଗର
ସଂସ୍କାର ସଂସ୍କୃତି ଭର୍ତ୍ତି
ସୀମାନ୍ତେ ସୈନିକ କ୍ଷେତରେ କୃଷକ
ତୋର ଟେକ ରଖିଛନ୍ତି ।
ଶାସନେ ଶାସକ ସାରା ପୃଥିବୀରେ
ଦେଖାଇଲେ ତୋର ଜ୍ୟୋତି
ଚର୍ତୁଦିଗ ମେଲି ପ୍ରଗତି ହେଉଛି
ଆମେ ତ ଗାନ୍ଧୀଙ୍କ ମୋତି ।

ଇନ୍ଦିପୁର, ଢେ଼ଙ୍କାନାଳ ।

## ଜୀବନ

- ସଂଜୀବ କୁମାର ଦାଶ

ପ୍ରତ୍ୟେକ ମୁହୂର୍ତ୍ତରେ
ବଦଳୁଛି ଜୀବନ
କେବେ ଲାଗେ ମାଟିର ତ କେବେ ଗଗନର
କେବେ ମନେହୁଏ ସୁନାମୀ ତୋଫାନ
ପୁଣି କେବେ ଶୀତଳ ଚନ୍ଦନ....
କଳକଳ ବହେ ସିଏ ରୂପେଲି ଝରଣା
କେବେ ଶାନ୍ତ ଗମ୍ଭୀର ସାଗର
ଶୂନ୍ୟଶୁଷ୍କ ମାଠିଆ କେବେ
ଉଥୁଲମୁଥୁଲ ଛଳ ଛଳ ଗାଗର
କେବେ ଚଳ ଚଞ୍ଚଳ ଉଷାର କିରଣ
କେବେ କୃଷ୍ଣପକ୍ଷ ଉଦାସୀନ ଜହ୍ନ
ଉଡ଼ାମନଟା କେବେ ଛୁଇଁଯାଏ ଶୃଙ୍ଗ
ଡେଣାକଟି କେବେ ପଡ଼ଇ ନିଷ୍ପ୍ରାଣ
କେବେ କୁହୁଡ଼ିଆ କଣକଣି ଶୀତ
ତ କେବେ ସୁନେଲି ଖରାର ଚମକ
କେବେ ଶିଶୁର ତରଳ ଚପଳତା
କେବେ ବୁଢ଼ାପାର ମଳିନ ପୋଷାକ
କେବେ ବାଉଳା ସେ ମଉଳା ମନ
କେବେ ଝଣଝଣବାଳେ ବୁକୁ ସ୍ପନ୍ଦନ
ମହୁଝରା ଖିଲି ହସ ଥାଏ ଥରେ
ପୁଣି ଲହୁ ଲୁହ ଭିଜା ନୟନ
ପ୍ରତ୍ୟେକ ମୁହୂର୍ତ୍ତରେ ଦେଖେ
ବଦଳୁଛି ଜୀବନ....

ଦେବଗଡ଼ ମହାବିଦ୍ୟାଳୟ, ଦେବଗଡ଼ ।

## ଆଶ୍ୱିନ, କାର୍ତ୍ତିକ ପାଳିବା ଆସ

- ଡକ୍ଟର ସୀମାଞ୍ଚଳ ପ୍ରଧାନ

ଆଶ୍ୱିନ ମାସରେ ପଡ଼ଇ
ଗରଭଣା ସଂକରାନ୍ତି
କ୍ଷେତେ ଧାନକେଣ୍ଡା ଓହଳି
କେଡ଼େ ଶୋଭା ଦିଶନ୍ତି ।
ଦଶହରା ଆସେ ସଂକରାନ୍ତି
ଦିନ ବହୁ ପୂର୍ବରୁ
ପୂଜା ପୂଜି କରି ଆସନ୍ତି
ଲୋକେ ଦେବୀ ମନ୍ଦିରୁ ।
କଥା ଅଛି ଆମ ସମାଜେ
ପଛେ ରୋଇଲେ ଧାନ
ଗର୍ଭଣା ସଂକରାନ୍ତି ବେଳକୁ
ସର୍ବେ ହୋଇବେ ଟାଣ ।
କୁମାର ପୂର୍ଣ୍ଣିମା ପଡ଼ିବ
ଆଶ୍ୱିନର ଶେଷରେ
ଖେଳ ସାରି ଲୋକେ ଫେରିବେ
ଯେଝା ଘରକୁ ବାରେ
ତହୁଁ ଆରଦିନ କାର୍ତ୍ତିକ
ମାସ ପାଳିବେ ଲୋକେ
ଆମିଷକୁ ତ୍ୟାଗ କରିବେ
ରହି ସକଳ ସୁଖେ ।
କାର୍ତ୍ତିକ ମାସଟା ଆମର
ପାଇଁ ଶୁଭ ଚିନ୍ତକ
ବଡ଼ି ସକାଳରୁ ମନ୍ଦିର
ମାନ ଯାଆନ୍ତି ଲୋକ ।
ଘଣ୍ଟା କାହାଳୀର ଶବ୍ଦରେ
ପୂରିଉଠେ ଗଗନ
ଠାକୁରଙ୍କ ମୁଣ୍ଡେ ଦେବେ ସେ
ଫୁଲ ପତ୍ର ଚନ୍ଦନ ।

ନୂଆପଡ଼ା, ଗଞ୍ଜାମ ।

## ନିମିତ୍ତ ମାତ୍ର

- ଆନନ୍ଦ କୁମାର ମାଇତି

କେବେ କେବେ ଶୂନଶାନ୍ ରାତିରେ
ମୋ ସ୍ପନ୍ଦନ ଶିହରିତ ହୋଇ ଉଠେ
ମୁଁ ଜନ୍ମିତ ଗୋଟା ପଣେ ଜୀବନ୍ତ
ଅଥଚ
ମୋ ଜନ୍ମଦିନ କିନ୍ତୁ ବହୁତ ଦୂରରେ
ମୁଁ ପଥିକ ଅମଡ଼ା
ଅଧା ପାଚିଲା ନିଘଞ୍ଚ ଅରଣ୍ୟ ଭିତରେ
ମୋ ଜନ୍ମ ଦିନ ପୂର୍ବରୁ
ଧରାଶାୟୀ ବୃଦ୍ଧ ପତର
ପାଦରେ ଭଗ୍ନାଂଶ ଶବ୍ଦ ସୃଷ୍ଟି କରେ ଲାଗେ
ସାମ୍ନାରେ ବସିଚିକି ଗୋମୁଆ ଭୂତୁଣି
ନୀରିକ୍ଷଣ ପ୍ରବୃତି ଜାଗ୍ରତ ହେଇ ଚାଲିଛି
ଅକସ୍ମାତ ତୋଫା ଜହ୍ନଟା ଲୁଚିଯାଏ
କାଳିଆ ବାଦଲ ପଛରେ
କେବେ କେବେ ନିଜକୁ ପ୍ରତିବିମ୍ବରେ ଦେଖିଲେ
ନିଶ୍ଚଳ ସ୍ଥିର ମୁଦ୍ରାରେ
ଆଖି ଦେଖି ପକାଏ
ଏକ ଜୀବନନ୍ତ ଆତ୍ମାର ମୃତ୍ୟୁ ଘଟିଛି
ରଙ୍ଗୀନ ସିମେଣ୍ଟ କାନ୍ଥରେ
କେତେ ବେଳେ ଛାତ ଚଟାଣରେ
ଆଖି ଭ୍ରୁ ସଙ୍କୁଚିତ ହୁଏ
ହୃଦୟ ବିବ୍ରତ ଆଚରଣ କରେ
ମନନ ଶକ୍ତି ନଇସ୍ୱରତାର ବିରୁଦ୍ଧରେ
ବିଚାର କରୁ କରୁ କେମିତି
ବାରମ୍ବାର ବିଯାଙ୍କ ନିର୍ଣ୍ଣୟ କରିପକାଏ
ଅତି ନିକଟତର ହୋଇ ଆସେ
ଜନ୍ମ ଜାତକ ଯୁଦ୍ଧ
ବିବେକ ଯେମିତି ରଣ ଉଲ୍ଲାସ ମୁଖି ପାଲଟି ଯାଏ
ନିର୍ଭୟରେ ଘୋଷଣା କରି ପକାଏ
ତୁମ ଦୃଷ୍ଟିରେ ସମାପ୍ତର ଏଇ ଭୟଙ୍କର ସୂଚନା
ଜୀବନ ମୃତ୍ୟୁର ଏ ଅଲୌକିକ ତାଣ୍ଡବ
ତା ଭିତରେ ତୁମେ ମାତ୍ର ନିମିତ୍ତ ।

ଝାଟିପାରି, ଏରସମା, ଜଗତସିଂହପୁର ।

# ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ